79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୯ବର୍ଷ ■ ସଂଖ୍ୟା-୨୫୧ ● କଟକ ● ଶୁକ୍ରବାର ● ୧୭ ଅପ୍ରେଲ- ୨୦୨୬ ● ମେଷ- ୧୭ ● ସାଲ୍ ୧୪୩୧
CUTTACK ● FRIDAY ● 17 APRIL-2026 ● RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା

## ଲୋକସଭାରେ ୩ ସ୍ୱତନ୍ତ୍ର ବିଲ୍ ଆଗତ

# ସଂସଦରେ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଘମାସାନ

ନୂଆଦିଲ୍ଲୀ: ସଂସଦରେ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକି କେନ୍ଦ୍ର ସରକାର ଐତିହାସିକ ମହିଳା ସଂରକ୍ଷଣ ସମ୍ପର୍କିତ ସଂଶୋଧନ ବିଲ ଉପରେ ଆଲୋଚନା ଆରମ୍ଭ କରିଛନ୍ତି। ସେହିପରି ଲୋକସଭାରେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ୨୦୨୬ ଆଗତ ହୋଇଛି। କେନ୍ଦ୍ରଶାସିତ ଅଞ୍ଚଳ ଆଇନ ୨୦୨୬ ବି ଆଗତ କରାଯାଇଛି। କିନ୍ତୁ ଏ ବିଲ୍ ଉପସ୍ଥାପନ ଭିତରେ ସୃଷ୍ଟି ହୋଇଛି ବଡ଼ ବିବାଦ। ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ପ୍ରସ୍ତାବିତ ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩ କାର୍ଯ୍ୟକାରୀ କରିବାକୁ ଲୋକସଭାରେ ଉପସ୍ଥାପନ କରିଛନ୍ତି ମହିଳା ସଂରକ୍ଷଣ ବିଲ୍। ସଂସଦ ଓ ବିଧାନସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସ୍ଥାନ ଦେବାକୁ କେନ୍ଦ୍ର ସରକାର ଏ ଐତିହାସିକ ପଦକ୍ଷେପ ନେବାକୁ ଯାଉଥିବାବେଳେ ଏହା ସହିତ ଯୋଡ଼ି ହୋଇଛି ସୀମା ପୁନଃ ନିର୍ଦ୍ଧାରଣ ବିଲ୍। ଯାହାକୁ ସହଜରେ ଗ୍ରହଣ କରି ପାରି ନାହାନ୍ତି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ, ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣର ଆଳ ଦେଖାଇ ଏକ 'ତ୍ରୁଟିପୂର୍ଣ୍ଣ' ସୀମା ନିର୍ଦ୍ଧାରଣ ବିଲ୍ ଆଣି ସଂସଦୀୟ ଏବଂ ବିଧାନସଭା କ୍ଷେତ୍ରର ସୀମା ପୁନଃନିର୍ଦ୍ଧାରଣ କରିବାକୁ ଯୋଜନା କରିଛି ସରକାରୀ ଦଳ। ଯାହାକୁ କଂଗ୍ରେସ ଆଦୌ କରାଇଦେବନି ବୋଲି କହିଛନ୍ତି ଖଡଗେ।

ସେହିଭଳି କଂଗ୍ରେସ ସାଂସଦ କୁମାରୀ ସେଲଜା କହିଛନ୍ତି, ମହିଳା ସଂରକ୍ଷଣକୁ କେହି ବିରୋଧ କରୁ ନାହାନ୍ତି। କିନ୍ତୁ ଏହାକୁ ଏତେ ତରତର ହୋଇ ଆଣିବା ଏବଂ ସୀମା ନିର୍ଦ୍ଧାରଣ ସହିତ ଯୋଡ଼ିବା ପଛରେ ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ମହିଳା ସଂରକ୍ଷଣ ବିଲ୍ ସାଙ୍ଗରେ ସରକାର ଯେଉଁ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଆଣୁଛନ୍ତି, ତାହା ଆଗକୁ ସଂସଦରେ ଦେଶର ଦକ୍ଷିଣ ଭାଗରେ ଥିବା ଆନ୍ଧ୍ର, ତେଲେଙ୍ଗାନା, ତାମିଲନାଡୁ, କେରଳ, କର୍ଣ୍ଣାଟକ ଓ ଓଡ଼ିଶାର ପ୍ରଭାବକୁ ସୀମିତ କରିବ ବୋଲି ଅଭିଯୋଗ ବି ଉଠିଛି। ୨୦୧୧ ଜନଗଣନା ଆଧାରରେ ହେଉଥିବା ସୀମା ପୁନଃ ନିର୍ଦ୍ଧାରଣ ଫଳରେ ଏସବୁ ରାଜ୍ୟରେ ଲୋକସଭା ସିଟ୍ ଅନ୍ୟ ରାଜ୍ୟ ତୁଳନାରେ କମିବ ଓ ସଂସଦରେ ଏସବୁ ରାଜ୍ୟର ସ୍ୱର କମିବାକୁ ଯାଉଥିବା ଅଭିଯୋଗ କରିଛନ୍ତି ଦକ୍ଷିଣ ରାଜ୍ୟର ନେତୃବୃନ୍ଦ।

ସେମାନଙ୍କ ଅଭିଯୋଗ ଦକ୍ଷିଣ ରାଜ୍ୟଗୁଡ଼ିକ ପରିବାର ନିୟୋଜନ ଓ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଛନ୍ତି। କିନ୍ତୁ ଉତ୍ତର ଭାଗରେ ଥିବା ଉତ୍ତରପ୍ରଦେଶ ଓ ବିହାର ଭଳି ରାଜ୍ୟ ଅଧିକ ଜନସଂଖ୍ୟା ଆଧାରରେ ଅଧିକ ଆସନ ପାଇବେ। ଯାହାକୁ ସେମାନେ ଭଲ କାମ ବଦଳରେ ଦଣ୍ଡ ବୋଲି ଅଭିଯୋଗ କରିଛନ୍ତ। ସେପଟେ କିନ୍ତୁ ବିରୋଧୀ ଆଉ ଦକ୍ଷିଣ ରାଜ୍ୟ ନେତୃବୃନ୍ଦଙ୍କ ଯୁକ୍ତିକୁ ଭିତ୍ତିହୀନ କହିଛି ବିଜେପି।

ବିଜେପି ଦର୍ଶାଇଛି କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ସମାନ ଭାବରେ ୫୦ ପ୍ରତିଶତ ଆସନ ବୃଦ୍ଧି କରିବେ। ଯାହା ପ୍ରକୃତରେ ଦକ୍ଷିଣ ରାଜ୍ୟଗୁଡ଼ିକୁ ହିଁ ଅଧିକ ଲାଭ ଦେବ। ବିଜେପି ଯୁକ୍ତି ରଖିଛି ଯେ, ଫିଫଟି ପର୍ସେଣ୍ଟ ସିଟ୍ ବୃଦ୍ଧି ପ୍ରସ୍ତାବ ଅନୁଯାୟୀ ତାମିଲନାଡୁର ଲୋକସଭା ସିଟ୍ ସଂଖ୍ୟା ୩୯ରୁ ୪୯କୁ ବଢ଼ିପାରେ। ସେହିଭଳି କେରଳରେ ୨୦ରୁ ୩୦, ଆନ୍ଧ୍ରପ୍ରଦେଶରେ ୨୫ରୁ ୩୭, ଓଡ଼ିଶାରେ ୨୧ ବଦଳରେ ୩୧, ତେଲେଙ୍ଗାନାରେ ୧୭ ବଦଳରେ ୨୫ ଏବଂ କର୍ଣ୍ଣାଟକରେ ୨୮ ବଦଳରେ ୪୧କୁ ବୃଦ୍ଧି ପାଇବ। ତେଣୁ ବିରୋଧୀ ଦଳଗୁଡ଼ିକ ଦକ୍ଷିଣ ରାଜ୍ୟକୁ କେଭଳ ବିଭ୍ରାନ୍ତ କରୁଥିବା ଅଭିଯୋଗ କରିଛି ବିଜେପି। କେନ୍ଦ୍ର ସରକାର ଯୋଜନା କରିଛନ୍ତି ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାସ ହେଲେ ଆସନ୍ତା ୨୦୨୯ ସୁଦ୍ଧା କାର୍ଯ୍ୟକାରୀ ହେବ ୩୩ ପ୍ରତିଶତ କୋଟା। ସେପଟେ ସଂସଦରେ ସିଟ୍ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବ। ରାଜ୍ୟଗୁଡ଼ିକରେ ୮୧୫ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ୩୫ଟି ସିଟ୍ ବଢ଼ିବ। ଆଉ ସେ ଭିତରୁ ମହିଳାଙ୍କ ପାଇଁ ୨୭୩ ସିଟ୍ ସଂରକ୍ଷିତ ରହିବ। ଏହି ସଂରକ୍ଷଣ ବ୍ୟବସ୍ଥା ଆଗାମୀ ୧୫ ବର୍ଷ ଲାଗି ବଳବତ୍ତର ରହିବ।



## ବିରୋଧ କଲେ କ୍ଷମା ନାହିଁ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ସଂସଦରେ ମହିଳା ସଂରକ୍ଷଣ ବିଲ୍ ଆଗତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରଣହୁଙ୍କାର। ମୋଦି କହିଛନ୍ତି, ଦେଶର ୫୦ ପ୍ରତିଶତ ଜନସଂଖ୍ୟା ଅର୍ଥାତ୍ ମହିଳାମାନେ ଏବେ ଆଇନ ତିଆରି ପ୍ରକ୍ରିୟାରେ ସାମିଲ ହେବାର ସମୟ ଆସିଛି। ଯେଉଁ ଦଳ ମହିଳା ସଂରକ୍ଷଣକୁ ବିରୋଧ କରିବ, ସେମାନଙ୍କୁ ଦେଶର ନାରୀଶକ୍ତି କେବେବି କ୍ଷମା କରିବେ ନାହିଁ। ଆଜି ଯେଉଁମାନେ ଏହାକୁ ଅଟକାଇବାକୁ ଚେଷ୍ଟା କରିବେ, ସେମାନେ ଆଗାମୀ ଦିନରେ ଏହାର ପରିଣାମ ଭୋଗିବେ। ପ୍ରଧାନମନ୍ତ୍ରୀ ବିରୋଧୀଙ୍କୁ ଟାର୍ଗେଟ୍ କରି ଆହୁରି କହିଛନ୍ତି, ୨୫-୩୦ ବର୍ଷ ତଳର ସ୍ଥିତି ଆଜି ଆଉ ନାହିଁ। ମହିଳାମାନେ ଆଜି ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଯଦି ପଞ୍ଚାୟତରେ ମହିଳାଙ୍କୁ ସଂରକ୍ଷଣ ମିଳିପାରୁଛି, ତେବେ ସଂସଦରେ କାହିଁକି ନୁହେଁ? ଏହାସହ ଡିଲିମିଟେସନ୍ ବା ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ରାଜନୀତି କରିବା ଅନୁଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି। ଡିଲିମିଟେସନ୍ ସମୟରେ ଦେଶର କୌଣସି ବି ପ୍ରାନ୍ତ ସହ ଭେଦଭାବ କରାଯିବ ନାହିଁ ବୋଲି ମୋଦି ଗ୍ୟାରେଣ୍ଟି ଦେଇଛନ୍ତି। ସେ କହିଛନ୍ତି, "ଆମେ ଭାରତକୁ ଗୋଟିଏ ବୋଲି ଦେଖୁଛୁ। ଏହାକୁ ଅଲଗା ଅଲଗା କରି ଦେଖୁ ନାହୁଁ। ସୀମା ପୁନଃ ନିର୍ଦ୍ଧାରଣ କାହା ପ୍ରତି କୌଣସି ଅନ୍ୟାୟ କରିବ ନାହିଁ। କୌଣସି ରାଜ୍ୟ ସହ ଅନ୍ୟାୟ ହେବ ନାହିଁ ବୋଲି ମୁଁ ପ୍ରତିଶ୍ରୁତି ଦେଉଛି। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ, କାହା ସହ ଭେଦଭାବ ହେବନି।" ଭାରତ ହେଉଛି ଗଣତନ୍ତ୍ରର ଜନନୀ। ବିକାଶର ଏହି ଯାତ୍ରାରେ ଆମକୁ ଗୋଟିଏ ନୂଆ ସଫଳତା ଯୋଡ଼ିବାକୁ ପବିତ୍ର ସୁଯୋଗ ମିଳିଛି। ଆମେ ଅତ୍ୟନ୍ତ ଭାଗ୍ୟବାନ। କାରଣ ଆମେ ଦେଶର ଅଧା ଜନସଂଖ୍ୟାକୁ ରାଷ୍ଟ୍ର ନିର୍ମାଣର ନିଷ୍ପତ୍ତି ପ୍ରକ୍ରିୟାରେ ସାମିଲ କରିବାର ସୁଯୋଗ ପାଇଛୁ।" ସେ କହିଛନ୍ତି, 'ମୁଁ ପଛୁଆ ବର୍ଗରୁ ଆସିଛି, କିନ୍ତୁ ସବୁ ବର୍ଗକୁ ସମ୍ମାନ ଦେଇ ଆସିଛି।' ୩୦ ବର୍ଷ ହେଲା ମହିଳାମାନେ ନିଜ ହକ୍ ପାଇଁ ଅପେକ୍ଷା କରିଛନ୍ତି, ଏବେ ଆଉ ଡେରି କରିବା ଉଚିତ ନୁହେଁ। ମହିଳାଙ୍କ ଭାଗିଦାରୀ ବିନା ଦେଶର ପ୍ରଗତି ଅଧୁରା ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯଦି ଆମେ ଏକାଠି ଆଗକୁ ବଢ଼ିବା, ତା'ହେଲେ ଏହି ନିଷ୍ପତ୍ତି କୌଣସି ଗୋଟିଏ ରାଜନୀତିକ ଦଳକୁ ଫାଇଦା ଦେବ ନାହିଁ, ବରଂ ଏହା ଦେଶର ଗଣତନ୍ତ୍ରକୁ ଫାଇଦା ଦେବ। ଆମେ ସମସ୍ତେ ମହିଳାମାନଙ୍କୁ ସଂରକ୍ଷଣ ଦେବାର ଏହି ମହତ୍ତ୍ୱପୂର୍ଣ୍ଣ ସୁଯୋଗକୁ ହାତ ଛଡ଼ା କରିବା କଥା ନୁହେଁ। ମୁଁ ଏଠାରେ ସମସ୍ତଙ୍କୁ ଅନୁରୋଧ କରୁଛି ଯେ କେହି ବି ଏହାକୁ ରାଜନୀତିକ ଚଷମାରେ ଦେଖନ୍ତୁ ନାହିଁ। ଏହାକୁ ଜାତୀୟ ସ୍ୱାର୍ଥ ଭାବେ ବିବେଚନା କରନ୍ତୁ। ମହିଳା ସଂରକ୍ଷଣ ୨୫ରୁ ୩୦ ବର୍ଷ ତଳୁ ଲାଗୁ ହେବା କଥା। ଆମେ ଯଦି ଏହାକୁ ସେତେବେଳେ ଲାଗୁ କରିଥାଆନ୍ତୁ, ତା'ହେଲେ ଆଜି ଆମେ ଗୋଟିଏ ପରିପକ୍ୱ ଦେଶ ହୋଇଥାଆନ୍ତୁ।"

## ୮୫୨୦ ବୋତଲ ବେଆଇନ କଫ୍ ସିରପ୍ ଜବତ

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରରେ ବଡ଼ ଧରଣର ଚଢ଼ାଉରେ ବିପୁଳ ବେଆଇନ କଫ ସିରପ୍ ଜବତ ହୋଇଛି। ସୂଚନାନୁସାରେ, ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ ଓ ଏସ୍ଟିଏଫ୍ର ମିଳିତ ଟିମ୍ ଡି-କ୍ୟାଥେଲନ ନିକଟରେ ଚଢ଼ାଉ କରିଛି। ଭିଆର୍ଏଲ୍ ଲଜିଷ୍ଟିକ୍ ନାମକ ଏକ ପରିବହନ ସଂସ୍ଥାର ଗାଡ଼ିରୁ ୭୧ ପେଟି ରେ ୮୫୨୦ ବୋତଲ ରେସକ୍ରୋନ-ଟି କଫ ସିରଫ ଜବତ ହୋଇଛି ଓ ଏସବୁ କୋଡ଼ିନ କଫ ସିରପ୍ ଅହମଦାବାଦରୁ ଭୁବନେଶ୍ୱର ଆସୁଥିଲା। ଭୁବନେଶ୍ୱରରୁ ରାଜ୍ୟରୀ ବିଭିନ୍ନସ୍ଥାନ ବିଶେଷତଃ ବାଲେଶ୍ୱରକୁ ଏହାର ବଡ଼ ଭାଗ ଯାଇଥାନ୍ତା।

### ସମ୍ପାଦକୀୟ

**ଏବେ ସମ୍ରାଟଙ୍କୁ କ୍ଷମତା**

### ବାଟେଘାଟେ



ଯୁଦ୍ଧ ପରିସ୍ଥିତି ଅତି ଭୟଙ୍କର
ପଣ ବନ୍ଦୀ ବିଶ୍ୱ ବାସି
ମଣିଷ ଜୀବନ ମୂଲ୍ୟ ହୀନ ଏବେ
ହଜିତ ଗଲାଣି ଖୁସି
ଦର ବୃଦ୍ଧି ଦିଏ ଗ୍ରାସି
ହମୁଜ ପ୍ରଣାଳୀ ଅବରୋଧ ହୁଏ
ଜାହାଜ ପାରେନା ଆସି
ତୈଳ ସଙ୍କଟ ବିଶ୍ୱକୁ ଘାରିବ
ମଣିଷ ଜୀବନ ଶୋଷି
ଟ୍ରମ୍ପ ପାଗଳାମି ଚକିତ କଲାଣି
ବଢ଼ିଲାଣି ବଦ ମାସୀ
-ରାହୀ

## ରାଜ୍ୟରେ କାର୍ଯ୍ୟକାରୀ ହେବ ମରିନ୍ ସ୍ପାସିଆଲ୍ ପ୍ଲାନ୍



ଭୁବନେଶ୍ୱର: ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷା କରିବା ପାଇଁ ମରିନ୍ ସ୍ପେସିଆଲ୍ ପ୍ଲାନ୍ (ସାମୁଦ୍ରିକ ସ୍ୱତନ୍ତ୍ର ଯୋଜନା/ଏମ୍ଏସ୍ପି) କାର୍ଯ୍ୟକାରୀ ହେବ। ଏଥିପାଇଁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, କେନ୍ଦ୍ର ସରକାରଙ୍କ ପୃଥ୍ୱୀ ବିଜ୍ଞାନ ମଧ୍ୟରେ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଗୁରୁବାର ଲୋକସଭା ଭବନରେ ଅନୁଷ୍ଠିତ ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ପୂଜା ମିଶ୍ର ଓ ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର (ଏନ୍ସିଆର୍) ନିର୍ଦ୍ଦେଶକ ଡ ଆର୍ଏସ୍ କନ୍କରା ଏହି ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ। ପ୍ରସ୍ତାବିତ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମରିନ୍ ଯୋଜନା କାର୍ଯ୍ୟକାରୀ ହେଲେ, ରାଜ୍ୟର ନୀଳ ଅର୍ଥନୀତି (ବ୍ଲୁ ଇକୋନୋମି)ର ଅଗ୍ରଗତି ଘଟିବ। ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ପ୍ରତ୍ୟେକ କ୍ଷେତ୍ରରେ ଓଡିଶାକୁ ଦୃଢ଼ ସମର୍ଥନ ଦେଇଆସିଛନ୍ତି। ଓଡିଶାର ବିକାଶ ପ୍ରତି ତାଙ୍କର ଫୋକସ ଯୋଗୁ ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହାକୁ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟକୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟର ସଚିବ ଡ ଏମ୍ ରବିଚନ୍ଦ୍ରନ, ରୟାଲ ନରୱେଜିଆନ୍ ଏମ୍ବାସୀର ଡେପୁଟି ଆମ୍ବାସାଡର ମିଷ୍ଟର ଅର୍ଭିନ୍ ଗାଡ୍ଗିଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ସହ ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଗଣ, ନରୱେ ସରକାରଙ୍କ ଅଧିକାରୀଗଣ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ବିରୋଧରେ ପୁଣି ଅଭିଯାନ

କଟକ : ଟ୍ରାଫିକ୍ ଉଲ୍ଲଂଘନକାରୀ ତଥା ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ ପୁଣି ଆରମ୍ଭ ହୋଇଛି ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଅଭିଯାନ । ଏହି ଅଭିଯାନ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ବ୍ୟାପକ ଭାବେ ଗାଡ଼ି ଯାଞ୍ଚ୍ କରାଯିବା ସହ ବିନା ଡ୍ରାଇଭିଂ ତଥା ଅବୈଧ ଲାଇସେନ୍ସଧାରୀଙ୍କ ବିରୋଧରେ ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍ଟିଏ) ପକ୍ଷରୁ ଘୋଷଣା କରାଯାଇଛି। ଏହି ମର୍ମରେ ରାଜ୍ୟର ସମସ୍ତ ଆରଟିଓଙ୍କୁ ମଧ୍ୟ ଚିଠି ଲେଖାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ବିଶେଷ ଭାବରେ ଟ୍ରାକ୍ଟର, ହାଇୱା, ଡମ୍ପର ଓ ଟିପ୍ପର୍ ଗୁଡ଼ିକୁ ଯାଞ୍ଚ କରାଯିବ । ପୂର୍ବରୁ ମାର୍ଚ୍ଚ ୨୧ ତାରିଖରୁ ଏପ୍ରିଲ ୧୦ ଯାଏଁ ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷା ବିଶେଷ ଅଭିଯାନ କରାଯାଇଥିଲା । ଏହି ସମୟରେ ଅନେକ ସଂଖ୍ୟାରେ ଗାଡ଼ି ଚାଳକ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିଲା । ଏଥିସହ ଅନେକ ହାଲୁକା ଯାନ ଲାଇସେନ୍ସରେ ଭାରୀଯାନ ମଧ୍ୟ ଚଳାଉଥିଲେ । ଏଭଳି ଲାଇସେନ୍ସଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସଡ଼କ ଦୁର୍ଘଟଣା ପାଇଁ ଏମାନେ ମୁଖ୍ୟ କାରଣ ସାଜିଥିଲେ । ଏହାକୁ ଦୃଷ୍ଟିରେ ରଖି ପୁଣି ଥରେ ଟ୍ରାଫିକ୍ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଥିବା ଏସ୍ଟିଏ ପକ୍ଷରୁ ସୂଚନା ଦିଆଯାଇଛି ।

## ମେ' ପହିଲାରୁ ଭିତରକନିକା ବନ୍ଦ

ରାଜନଗର : ବଉଳା କୁମ୍ଭୀରଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ମେ' ପହିଲାରୁ ବନ୍ଦ ରହିବ । ଏବେ କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଛି । ନଦୀ ଓ ନାଳମାନଙ୍କରେ କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ । ସେମାନଙ୍କ ମିଳନ ପର୍ବ ଓ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ନଉପୁଜିବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ମେ' ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ବନ୍ଦ ରଖାଯିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ସୂଚନାଯୋଗ୍ୟ, ମା' କୁମ୍ଭୀର ଅଣ୍ଡା ଦେଇ ସାରିବା ପରେ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ସେଠାରେ ଜଗି ରହିଥାଏ । ଏହି ସମୟରେ ସେ ହିଂସ୍ର ହୋଇ ଉଠିଥାଏ । ତେଣୁ ଏହି ସମୟ ମଧ୍ୟରେ ପର୍ଯ୍ୟଟକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନକୁ ନଆସିବା ପାଇଁ ବାରଣ କରାଯାଇଛି ।

## ଜିଲ୍ଲାପାଳମାନଙ୍କ ରିପୋର୍ଟ ଆଧାରରେ ହେବ ସ୍କୁଲ ଛୁଟି: ଗଣଶିକ୍ଷାମନ୍ତ୍ରୀ


ଭୁବନେଶ୍ୱର:ଏବେଠୁ ଡ଼ରାଇଲାଣି ଗରମ । ଅଧିକାଂଶ ସ୍ଥାନରେ ପାରଦ ୪୦ ଛୁଇଁଲାଣି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କ ରିପୋର୍ଟ ଆଧାରରେ ହେବ ସ୍କୁଲ ଛୁଟି। ଏମିତି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଯେଉଁ ଜିଲ୍ଲାଗୁଡିକରେ ଅସହ୍ୟ ଗରମ ହେଉଛି, ସେହିସବୁ ଜିଲ୍ଲା ଗୁଡିକର ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ସ୍କୁଲ ଛୁଟି ହେବା ନେଇ ନିଷ୍ପତି ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀଙ୍କ । ପ୍ରଥମେ ପିଲାମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ । ପଶ୍ଚିମ ଓଡିଶାରେ କିଛି ଜିଲ୍ଲାରେ ଅତ୍ୟଧିକ ଗରମ ନେଇ ସୂଚନା ରହିଛି । ତାହାକୁ ମଧ୍ୟ ବିଚାରକୁ ନେଇଛି ବିଭାଗ । ସେହି ଜିଲ୍ଲାଗୁଡିକର ଜିଲ୍ଲାପାଳମାନେ ରିପୋର୍ଟ ଦେଲେ ବିଭାଗ ନିଷ୍ପତି ନେବ । ଏସଆରସି ହିଟ ୱେଭକୁ ନେଇ ବୈଠକ ଡାକି ସମୀକ୍ଷା କରିବା ପରେ ହିଁ ଖରା ଛୁଟି ପାଇଁ ନିଷ୍ପତି ନିଆଯିବ । ତେଣୁ ଏସଆରସିଙ୍କ ମିଟିଂ ପରେ ହିଁ ସ୍କୁଲ ଛୁଟି ନିଷ୍ପତି ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ।

## ରନୱେରେ ମୁହାଁମୁହିଁ ହେଲେ ଦୁଇ ବିମାନ

ନୂଆଦିଲ୍ଲୀ: ରନୱେରେ ମୁହାଁମୁହିଁ ହେଲେ ଦୁଇ ବିମାନ। ରନୱେରେ ପରସ୍ପର ସହ ଘସି ହେଲା ଦୁଇ ବିମାନର ୱିଙ୍ଗସ୍। ଦିଲ୍ଲୀ ବିମାନ ବନ୍ଦରରେ ଘଟିଛି ଏଭଳି କିଛି ଦୁର୍ଘଟଣା। ରନୱେରେ ଟ୍ୟାକ୍ସିଂ କରୁଥିବା ସମୟରେ ସ୍ପାଇସଜେଟ୍ ଏବଂ ଅକାସା ଏୟାର ବିମାନ ମଧ୍ୟରେ ସାମାନ୍ୟ ଧକ୍କା ହୋଇଛି। ତେବେ ଏହି ଘଟଣାରେ ସବୁଠାରୁ ଆଶ୍ୱସ୍ତିର କଥା ହେଉଛି ଯେ, ଉଭୟ ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କ୍ରୁ-ମେମ୍ବର ସୁରକ୍ଷିତ ରହିଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇ ଅନ୍ୟ ବିମାନରେ ପଠାଯାଇଛି।

ସୂଚନା ଅନୁସାରେ, ଲେହରୁ ଆସି ଦିଲ୍ଲୀ ବିମାନବନ୍ଦରର ଗେଟ୍ ଆଡ଼କୁ ଆସୁଥିଲା ସ୍ପାଇସଜେଟ୍ ବିମାନ (VT-SLB)। ସେହି ସମୟରେ ହାଇଦ୍ରାବାଦ ଯିବା ପାଇଁ ଅକାଶା ଏୟାରର ବିମାନ (VT-SLB) ପ୍ରସ୍ତୁତ ହୋଇ ରହିଥିଲା। ହେଲେ ହଠାତ୍ ସ୍ପାଇସଜେଟ୍ ବିମାନର ଡାହାଣ ପାର୍ଶ୍ୱର ୱିଙ୍ଗଲେଟ୍, ଅକାଶା ଏୟାର ବିମାନର ବାମ ପାର୍ଶ୍ୱର ପଛ ଅଂଶ ସହ ଘଷି ହୋଇଯାଇଥିଲା। ଫଳରେ ଉଭୟ ବିମାନର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ଘଟଣା ପରେ ଅକାଶା ଏୟାର ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସେମାନଙ୍କ ବିମାନଟି ସ୍ଥିର ଭାବେ ଛିଡ଼ା ହୋଇଥିଲା। ସେପଟେ ଦୁର୍ଘଟଣାରେ ସାମିଲ ଥିବା ସ୍ପାଇସଜେଟ୍ ବିମାନକୁ ଦିଲ୍ଲୀ ବିମାନବନ୍ଦରରେ ହିଁ ଅଟକ ରଖାଯାଇଛି। ଏୟାରପୋର୍ଟ ପ୍ରୋଟୋକଲ୍ ଅନୁଯାୟୀ ସଂପୃକ୍ତ ଅଧିକାରୀଙ୍କୁ ସୂଚନା ଦିଆଯାଇଛି ଏବଂ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। କେଉଁ ପରିସ୍ଥିତିରେ ଏବଂ କାହାର ତ୍ରୁଟି ଯୋଗୁଁ ଏହି ଘଟଣା ଘଟିଲା ସେ ନେଇ ତଦନ୍ତ ଜାରି ରହିଛି।


# ବିଶ୍ୱ ଅର୍ଥନୀତିରେ ଷଷ୍ଠ ସ୍ଥାନକୁ ଖସିଲା ଭାରତ




ନୂଆଦିଲ୍ଲୀ: ଭାରତୀୟ ଅର୍ଥନୀତିକୁ ନେଇ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(IMF) ଚିନ୍ତାଜନକ ରିପୋର୍ଟ ପ୍ରକାଶ କରିଛି। ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଦେଶ ହୋଇ ମଧ୍ୟ ଅର୍ଥନୈତିକ ମାନ୍ୟତାରେ ଭାରତ ପଛକୁ ଖସିଛି। ପୂର୍ବରୁ ଚତୁର୍ଥ ସ୍ଥାନରେ ଥିବା ଭାରତ ଏବେ ଜାପାନ ଏବଂ ବ୍ରିଟେନଠାରୁ ପଛରେ ରହି ଷଷ୍ଠ ସ୍ଥାନକୁ ଖସି ଆସିଛି। IMFର ଏପ୍ରିଲ ୨୦୨୬ 'ୱାର୍ଲ୍ଡ ଇକୋନୋମିକ ଆଉଟଲୁକ୍' ଅନୁସାରେ, ଭାରତର ନୋମିନାଲ୍ ଜିଡିପି ଏବେ ୪.୧୫ ଟ୍ରିଲିୟନ ଡଲାର। ଏହି ତାଲିକାରେ ଜାପାନ ଚତୁର୍ଥ ଏବଂ ବ୍ରିଟେନ ପଞ୍ଚମ ସ୍ଥାନରେ ରହି ଭାରତକୁ ପଛରେ ପକାଇ ଦେଇଛନ୍ତି। ଅର୍ଥନୀତି ବିଶେଷଜ୍ଞଙ୍କ ଅନୁସାରେ, ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇବା ଏବଂ ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଏହାର ମୁଖ୍ୟ କାରଣ। ଯଦିଓ ଘରୋଇ ବଜାରରେ ଭାରତ ଭଲ ପ୍ରଦର୍ଶନ କରୁଛି, କିନ୍ତୁ ବିଶ୍ୱସ୍ତରରେ ଡଲାରର ମୂଲ୍ୟ ବୃଦ୍ଧି ଭାରତର ର୍‌ୟାଙ୍କିଙ୍ଗକୁ ପ୍ରଭାବିତ କରିଛି। ଏଭଳି ସ୍ଥିତିରେ ସରକାରଙ୍କ 'ଟପ୍-୩' ବା ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଲକ୍ଷ୍ୟ ପାଇଁ ଏବେ ଆଉ କିଛି ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ପୂର୍ବରୁ ୨୦୨୮ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଲକ୍ଷ୍ୟ ରଖିଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଦେଖି ଓଗର କହିଛି ଯେ, ଭାରତ ୨୦୨୭ ସୁଦ୍ଧା ପୁଣି ବ୍ରିଟେନକୁ ପଛରେ ପକାଇ ଚତୁର୍ଥ ସ୍ଥାନକୁ ଫେରିବ। କିନ୍ତୁ ତୃତୀୟ ସ୍ଥାନରେ ପହଞ୍ଚିବା ପାଇଁ ଭାରତକୁ ୨୦୩୧ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସେତେବେଳକୁ ଭାରତର ଜିଡିପି ୬.୭୯ ଟ୍ରିଲିୟନ ଡଲାରରେ ପହଞ୍ଚିବା ନେଇ ଅନୁମାନ କରାଯାଉଛି। ର୍‌ୟାଙ୍କ ଖସିଥିଲେ ମଧ୍ୟ ଭାରତ ଏବେ ବି ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବେ ରହିଛି। ତେଣୁ ୨୦୩୦ ସୁଦ୍ଧା ଭାରତ ୬.୧୭ ଟ୍ରିଲିୟନ ଡଲାର ସହ ଜର୍ମାନୀ ସହିତ ବ୍ୟବଧାନ କମାଇବ ଏବଂ ତା' ପରବର୍ତ୍ତୀ ବର୍ଷ ତୃତୀୟ ସ୍ଥାନ ଅଧିକାର କରିବ। ସଂକ୍ଷେପରେ କହିବାକୁ ଗଲେ, ସାମୟିକ ଭାବେ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ଏହି ସ୍ଥିତି ଉପୁଜିଛି। କିନ୍ତୁ ଭାରତର ୬ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ହାର ସୂଚାଉଛି ଯେ, ଆଗାମୀ ଦଶନ୍ଧିରେ ଭାରତ ବିଶ୍ୱର ଅର୍ଥନୈତିକ ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହେବ।




# ଶ୍ରୀମନ୍ଦିର ବାନା ପ୍ରତିଦିନ କାହିଁକି ବଦଳାଯାଏ ?



ଜଗନ୍ନାଥ ମନ୍ଦିର କେବଳ ଓଡ଼ିଶା ନୁହେଁ ସାରା ବିଶ୍ୱରେ ପରିଚିତ। ଏହି ମନ୍ଦିରରେ ସ୍ୱଂୟ ଜଗନ୍ନାଥ ଅବସ୍ଥାନ କରନ୍ତି। ଏହା ଭାରତର ଚାରିଧାମ ତୀର୍ଥସ୍ଥଳ ମଧ୍ୟରୁ ଗୋଟିଏ, ଯାହାର ହିନ୍ଦୁ ଧର୍ମରେ ବହୁତ ମହତ୍ତ୍ୱ ଅଛି। ଏହି ମନ୍ଦିରର ନିର୍ମାଣ ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ରାଜବଂଶର ରାଜା ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏବଂ ତ୍ରୟୋଦଶ ଶତାବ୍ଦୀରେ ଅନଙ୍ଗଭୀମ ଦେବ ତୃତୀୟଙ୍କ ଦ୍ୱାରା ସମାପ୍ତ ହୋଇଥିଲା। ପ୍ରତି ୧୨ କିମ୍ବା ୧୯ ବର୍ଷରେ ଏହି ମୂର୍ତ୍ତିଗୁଡ଼ିକୁ ନବକଳେବର ହୋଇଥାଏ। ଏହି ମନ୍ଦିର କଳିଙ୍ଗ ସ୍ଥାପତ୍ୟର ଏକ ସୁନ୍ଦର ଉଦାହରଣ, ଏଥିରେ ବକ୍ର ଶିଖର ଏବଂ ଜଟିଳ କାରୁକାର୍ଯ୍ୟ ରହିଛି। ମନ୍ଦିର ପରିସର ସିଂହଦ୍ୱାର, ହସ୍ତିଦ୍ୱାର, ଅଶ୍ୱଦ୍ୱାର ଏବଂ ବ୍ୟାଘ୍ରଦ୍ୱାର ସହିତ ମେଘନାଦ ପାଚେରି ଘେରି ରହିଛି।

ପ୍ରତିବର୍ଷ ଏଠାରେ ଅନୁଷ୍ଠିତ ରଥଯାତ୍ରା ସାରା ବିଶ୍ୱରେ ପ୍ରସିଦ୍ଧ। ଯେଉଁଥିରେ ଚର୍ତୁର୍ଦ୍ଧା ମୂର୍ତ୍ତିଙ୍କୁ ବିଶାଳ ରଥରେ ବସାଇ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥାଏ। ମନ୍ଦିରରେ ପ୍ରସ୍ତୁତ ମହାପ୍ରସାଦର ଏକ ବିଶେଷ ମହତ୍ତ୍ୱ ଅଛି, ଯାହାକୁ ହଜାର ହଜାର ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଏ। ଏହି ମନ୍ଦିର ରୋଷେଇ ଘରକୁ ବିଶ୍ୱର ସବୁଠାରୁ ବଡ଼ ରୋଷଘର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ମନ୍ଦିର ସହିତ ଜଡିତ ଅନେକ ରହସ୍ୟ ରହିଛି, ଯେପରିକି ମନ୍ଦିରର ଉପର ଭାଗରେ ଲଗାଯାଇଥିବା ପତିତପାବନ ବାନା ସର୍ବଦା ପବନର ବିପରୀତ ଦିଗରେ ଉଡ଼େ। ସେହିପରି ଦିନର ଯେକୌଣସି ସମୟରେ ମନ୍ଦିରର ଛାଇ ଦେଖାଯାଏ ନାହିଁ। ତେଣୁ, ଜଗନ୍ନାଥ ପୁରୀ ମନ୍ଦିର କେବଳ ଏକ ଧାର୍ମିକ ସ୍ଥଳ ନୁହେଁ ବରଂ ଏହା ଭାରତର ସମୃଦ୍ଧ ସାଂସ୍କୃତିକ ଏବଂ ଐତିହାସିକ ଐତିହ୍ୟର ପ୍ରତୀକ। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଏହି ପବିତ୍ର ସ୍ଥାନକୁ ଦର୍ଶନ କରିବାକୁ ଆସନ୍ତି।

**ପତାକା ପରିବର୍ତ୍ତନର ଧାର୍ମିକ ମହତ୍ତ୍ୱ**

ଜଗନ୍ନାଥ ମନ୍ଦିରରେ ପ୍ରତିଦିନ ବାନା ପରିବର୍ତ୍ତନ କରିବାର ପରମ୍ପରା ଏକ ଗଭୀର ଧାର୍ମିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ। ଏହି ପରମ୍ପରା ପ୍ରାୟ ୮୦୦ ବର୍ଷ ଧରି ଚାଲିଆସୁଛି ଏବଂ ଏହା ସହିତ ଅନେକ ବିଶ୍ୱାସ ଏବଂ ରହସ୍ୟ ଜଡିତ ଅଛି। ଶ୍ରୀମନ୍ଦିରର ଶୀର୍ଷରେ ଥିବା ୨୦ଫୁଟ ଲମ୍ବା ତ୍ରିକୋଣୀୟ ପତାକାଟି ପ୍ରତିଦିନ ପରିବର୍ତ୍ତନ କରାଯାଏ। ଏହି କାମ ଚୁନରା ସେବାୟତଙ୍କ ଦ୍ୱାରା କରାଯାଏ। ଯେଉଁମାନେ ପିଢ଼ି ପରେ ପିଢ଼ି ଧରି ଏହି ପରମ୍ପରାକୁ ବହନ କରିଆସୁଛନ୍ତି। କୁହାଯାଏ ଯେ ଥରେ ପ୍ରଭୁ ଜଗନ୍ନାଥ ଜଣେ ଭକ୍ତଙ୍କୁ ସ୍ୱପ୍ନରେ ଦର୍ଶନ ଦେଇଥିଲେ ଏବଂ ତାଙ୍କୁ କହିଥିଲେ ଯେ ତାଙ୍କର ବାନା ପୁରୁଣା ଏବଂ ଚିରି ଯାଇଛି। ପରଦିନ, ଯେତେବେଳେ ମନ୍ଦିରର ପୁରୋହିତମାନେ ଦେଖିଲେ, ବାନା ଚିରି ଯାଇଥିଲା। ସେବେଠାରୁ ବାନା ପରିବର୍ତ୍ତନ କରିବାର ପରମ୍ପରା ଆରମ୍ଭ ହୋଇଛି।

# ଆଜିର ରାଶିଫଳ

**ମେଷ**
ମେଷ: ଦିନଟି ଲାଭଦାୟକ ରହିବ। ଆର୍ଥିକ ବିଷୟରେ ମନ ଚାହୁଁଥିବା ସଫଳତା ପାଇବେ। ଗବେଷକ ଭଲ ଫଳ ପାଇବେ। ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଠାରୁ ଆର୍ଥିକ ରାଶିଫଳ ସହାୟତା ମିଳିପାରେ। ପ୍ରେମ ଜୀବନ ଭଲ ରହିବ।

**ବୃଷ**
ବୃଷ: ଆପଣଙ୍କର ଧ୍ୟାନ ଆଧ୍ୟାତ୍ମିକ ଆଡ଼କୁ ରହିବ। ଜୀବନସାଥୀଙ୍କ ଠାରୁ ଦାମିକା ଉପହାର ପାଇବେ। ବ୍ୟବସାୟ ବଢ଼ାଇବା ଲାଗି ଚାହୁଁଥିବା ବ୍ୟକ୍ତି ବିଶେଷଙ୍କ ଲାଗି ଦିନଟି ଭଲ। ଦାମ୍ପତ୍ୟ ଜୀବନ ଭଲ ରହିବ।

**ମିଥୁନ**
ମିଥୁନ: ପରିବାର ସହିତ ଅଧିକ ସମୟ ଅତିବାହିତ କରିବେ। କେ ?ଣସି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣି ପାରନ୍ତି। ବ୍ୟବସାୟ କାମରେ ଦୂରସ୍ଥାନକୁ ଯାଇପାରନ୍ତି। ଛାତ୍ରଛାତ୍ରୀଙ୍କ ଲାଗି ଦିନଟି ଭଲ।

**କର୍କଟ**
କର୍କଟ: ଦିନଟି ଉତ୍ସାହ ଭରା ରହିବ। ଆପଣଙ୍କର ସବୁ ଶକ୍ତି ନିଜର ନୂଆ କାମରେ ଲଗାଇବେ। ବ୍ୟବସାୟ କ୍ଷେତ୍ରରେ କିଛି ପରିବର୍ତ୍ତନ ହେବ। ଜମି ଦଲାଲଙ୍କ ଲାଗି ଦିନଟି ଲାଭଦାୟକ ରହିବ।

**ସିଂହ**
ସିଂହ: ଦିନଟି ପୂର୍ବ ଅପେକ୍ଷା ଭଲ ରହିବ। ଅଫିସରେ କାମ ପ୍ରତିଦିନ ତୁଳନାରେ ଭଲ ହେବ। ଅବିବାହିତ ଲୋକଙ୍କୁ ବିବାହ ପ୍ରସ୍ତାବ ମିଳିପାରେ। ସାଥୀରେ କାମ କରୁଥିବା ଲୋକ ସାହାଯ୍ୟକାରୀ ସାବ୍ୟସ୍ତ ହେବେ।

**କନ୍ୟା**
କନ୍ୟା: ଦିନଟି ପରିବାର ଲାଗି ଖୁସି ନେଇ ଆସିବ। କାହାରିକୁ କିଛି କଥା ବୁଝାଇବାରେ ଲୋକଙ୍କ ଉପରେ ଆପଣଙ୍କ କଥାର ପ୍ରଭାବ ପଡ଼ିବ। ସରକାରୀ ଚାକିରିଆଙ୍କର ପଦୋନ୍ନତି ପାଇଁ ରାସ୍ତା ଖୋଲିବ।

**ତୁଳା**
ତୁଳା: ପୁଞ୍ଜି ବଜାରରେ ନିବେଶ ପୂର୍ବରୁ ପରିବାରରେ ବୟୋଜ୍ୟେଷ୍ଠଙ୍କ ପରାମର୍ଶ ନିଅନ୍ତୁ। କେ ?ଣସି ମନୋରଂଜକ ଗତିବିଧିରେ ଅଂଶ ଗ୍ରହଣ କରିବେ। ବିଦେଶ ଯିବାର ସମ୍ଭାବନା ରହିଛି।

**ବିଛା**
ବିଛା: ଆପଣ କିଛି ନୂଆ କରିବା ପାଇଁ ଭାବିବେ। ଅଫିସରେ ଆପଣଙ୍କ କାମର ପ୍ରଶଂସା ହେବ। ଘରକୁ ବନ୍ଧୁ ଆସିବେ। ପରିବାରରେ ଖୁସିର ମାହୋଲ ରହିବ। ରାଜନୀତିରେ ସଫଳତା ପାଇବେ।

**ଧନୁ**
ଧନୁ: ଅଫିସରେ ବରିଷ୍ଠଙ୍କ ଠାରୁ ସକାରାତ୍ମକ ବ୍ୟବହାର ପାଇବେ। ଜୀବନସାଥୀ ସହ କେ ?ଣସି ହୋଟେଲକୁ ରାତ୍ରୀଭୋଜନ ପାଇଁ ଯାଇପାରନ୍ତି। ବିବାହ ପାଇଁ ଲାଗି ରହିଥିବା ବାଧା ଦୂର ହେବ।

**ମକର**
ମକର: ଆପଣଙ୍କ ଧ୍ୟାନ ରଚନାତ୍ମକ କାର୍ଯ୍ୟ ଆଡ଼କୁ ରହିବ। ଧାର ଦେଇଥିବା ଅର୍ଥ ଫେରସ୍ତ ପାଇବେ। ଖାଦ୍ୟ ପାନୀୟ ପ୍ରତି ସଜାଗ ରହନ୍ତୁ। ବ୍ୟବସାୟରେ ଧନଲାଭ ଯୋଗ ରହିଛି। ଖେଳାଳୀଙ୍କ ଲାଗି ଦିନଟି ଭଲ।

**କୁମ୍ଭ**
କୁମ୍ଭ: ଭାଗୀଦାରୀ ବ୍ୟବସାୟରେ ଲାଭ ପାଇବେ। ଉଚ୍ଚ ଓ ବେ ?ଦ୍ଧିକ ବର୍ଗରେ ସମ୍ମାନ ପାଇବେ। ଯେଉଁମାନେ ପ୍ରେମ କରୁଛନ୍ତି ସେମାନେ ନିଜର ସାଥୀଙ୍କୁ ଉପହାର ଦେବେ। ସୁଷମ ଖାଦ୍ୟ ଖାଆନ୍ତୁ।

**ମୀନ**
ମୀନ: ନୂଆ ବ୍ୟବସାୟ ଆରମ୍ଭ କରିବା ଲାଗି ଭଲ ଦିନଟିଏ। ବନ୍ଧୁର ସହଯୋଗ ପାଇବେ। ଅଫିସରେ କାମ ପ୍ରତିଦିନ ତୁଳନାରେ ଭଲ ହେବ। ଘରୋଇ ସମସ୍ୟା ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିପାରିବେ।


# ଭାକୁର ମାଛ ପୋସ୍ତ

**ଆବଶ୍ୟକ ସାମଗ୍ରୀ:** ଭାକୁର ମାଛ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ସଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା'ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଭାକୁର ମାଛ ପୋସ୍ତ।



# ଆଇରନ୍‌ର ମାତ୍ରା କମ୍ ରହୁଛି କି ?




**ଆଜିକାଲି ଲୋକମାନେ ପ୍ରବଳ ଥକ୍କା ଅନୁଭବ କରୁଛନ୍ତି, ଯାହା ଶୋଇବା କିମ୍ବା ବିଶ୍ରାମ ନେବା ପରେ ମଧ୍ୟ କମିଯାଏ ନାହିଁ। ଲୌହସାର ଅଭାବ ପ୍ରାୟତଃ ଏହାର କାରଣ। ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ପୁଷ୍ଟିସାର ହେତୁ ଆଇରନ୍‌ର ଅଭାବର ଲକ୍ଷଣ ରହୁଛି। ଏହି ଖଣିଜ ଅଭାବ ରକ୍ତହୀନତାର ଆଶଙ୍କା ବଢ଼ାଇଥାଏ ଓ ଶରୀରକୁ ଅମ୍ଳଜାନ ଯୋଗାଣ ହ୍ରାସ କରିଥାଏ। ଲୁହା ଅଭାବର ଏହି ଲକ୍ଷଣକୁ ଶୀଘ୍ର ଚିହ୍ନି ପାରିଲେ ସ୍ୱାସ୍ଥ୍ୟରେ ତୁରନ୍ତ ଉନ୍ନତି ଆସିପାରେ।**

**କମ୍ ହିମୋଗ୍ଲୋବିନ କାରଣ**

ରକ୍ତରେ ହିମୋଗ୍ଲୋବିନ୍ ଉତ୍ପାଦନ ପାଇଁ ଲୌହସାର ଅତ୍ୟାବଶ୍ୟକ। ହିମୋଗ୍ଲୋବିନ୍‌ର କାର୍ଯ୍ୟ ହେଉଛି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ପରିବହନ କରିବା। ଅଭାବ ହେଲେ ଥକ୍କାପଣ, ଫିକାପଣ ଓ ଶ୍ୱାସକ୍ରିୟା ଭଳି ଦଶଟି ଲକ୍ଷଣ ଦେଖାଯାଇପାରେ। ଏଗୁଡ଼ିକୁ ଅଣଦେଖା କଲେ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇପାରେ।

**୧. ଲଗାତାର ଥକ୍କାପଣ**

କାମ ପରେ କ୍ଳାନ୍ତ ଅନୁଭବ କରିବା ସାଧାରଣ କଥା। ତଥାପି, ଯଦି ଆପଣ ଅଧିକ କାର୍ଯ୍ୟକଳାପ ବିନା ମଧ୍ୟ କ୍ଳାନ୍ତ ଅନୁଭବ କରନ୍ତି ଏବଂ ବିଶ୍ରାମ ନେବା ପରେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରନ୍ତି ନାହିଁ ତେବେ ଏହା ଲୌହ ଅଭାବର ଲକ୍ଷଣ ହୋଇପାରେ। ଏହା ପ୍ରାୟତଃ ସେତେବେଳେ ଘଟେ ଯେତେବେଳେ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଅମ୍ଳଜାନ ଗ୍ରହଣ ନ ଥିବାରୁ ଶକ୍ତିର ଅଭାବ ହୁଏ।

**୨. ଚର୍ମ ହଳଦିଆ ପଡ଼ିବା**

ଯଦି ଆପଣଙ୍କ ଚର୍ମ ଫିକା ପଡ଼ିବାକୁ ଲାଗେ ଏବଂ ଲୋକମାନେ ହଳଦିଆ ରଙ୍ଗ ଦେଖୁଛନ୍ତି ତେବେ ଏହା ଲୌହ ଅଭାବ ଯୋଗୁଁ ହୋଇପାରେ। ହିମୋଗ୍ଲୋବିନର ଅଭାବ ଆପଣଙ୍କ ଶରୀରରେ ରକ୍ତର ପରିମାଣକୁ ହ୍ରାସ କରିପାରେ, ଯାହା ଫଳରେ ଆପଣଙ୍କ ଶରୀର ଫିକା ଦେଖାଯିବ।

**୩. ନିଶ୍ୱାସ ନେବା**

କଠିନ ଶାରୀରିକ ପରିଶ୍ରମ ପରେ ନିଶ୍ୱାସ ନେବା କଷ୍ଟକର ହୁଏ। ତଥାପି, ଯଦି ଆପଣ ଅଳ୍ପ ଚାଲିବା କିମ୍ବା ସିଡ଼ି ଚଢ଼ିବା ପରେ ମଧ୍ୟ ଏହି ସମସ୍ୟା ଅନୁଭବ କରନ୍ତି, ତେବେ ସତର୍କ ରୁହନ୍ତୁ। ଏହାର ଅର୍ଥ ହେଉଛି ଆପଣଙ୍କ ଶରୀର ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ପାଉନାହିଁ।

**୪. ହୃଦସ୍ପନ୍ଦନ**

ଲୁହା ଅଭାବରୁ ମଧ୍ୟ ହୃଦସ୍ପନ୍ଦନ ଦ୍ରୁତ ହୋଇପାରେ। କାରଣ ହୃଦୟକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହା ହୃଦସ୍ପନ୍ଦନ ବୃଦ୍ଧି କରେ। ଯଦି ଆପଣ ଏହି ଲକ୍ଷଣ ଲକ୍ଷ୍ୟ କରନ୍ତି, ତେବେ ଆପଣଙ୍କ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଆବଶ୍ୟକୀୟ ପରୀକ୍ଷା କରାନ୍ତୁ।

**୫. ମୁଣ୍ଡ ବୁଲାଇବା ଏବଂ ମୁଣ୍ଡ ବିନ୍ଧା**

ଯେତେବେଳେ ମସ୍ତିଷ୍କ ଅମ୍ଳଜାନର ଅଭାବରେ ପ୍ରଭାବିତ ହୁଏ, ସେତେବେଳେ ଏହାର କାର୍ଯ୍ୟକ୍ଷମତା ମଧ୍ୟ ଖରାପ ହୋଇଯାଏ। ଏହା ମୁଣ୍ଡ ବୁଲାଇବା କିମ୍ବା ମୁଣ୍ଡ ବିନ୍ଧା ସୃଷ୍ଟି କରିପାରେ।

**୬. କେଶ ପଡ଼ିବା**

ଲୌହ ଅଭାବ କେଶ ମୂଳର ପୁଷ୍ଟିସାର ହ୍ରାସ କରେ, ଯାହା ଫଳରେ ହଠାତ୍ କେଶ ଝଡ଼ିଯାଏ। ଏହି ଲକ୍ଷଣ ବିଶେଷକରି ମହିଳାମାନଙ୍କଠାରେ ଦେଖାଯାଏ।

**୭. ଦୁର୍ବଳ ନଖ**

ନଖ ଦେଖି ମଧ୍ୟ ଲୁହା ଅଭାବ ଚିହ୍ନଟ କରାଯାଇପାରିବ। ଲୁହା ଅଭାବ ଯୋଗୁଁ ନଖ ପତଳା ଓ ଭାଙ୍ଗିଯାଏ।


**୮. ଶରୀର ଥଣ୍ଡା ହୋଇଯାଏ**

କମ ଲୌହ ସ୍ତର ରକ୍ତ ସଞ୍ଚାଳନକୁ ପ୍ରଭାବିତ କରେ, ଯାହା ଫଳରେ ଶରୀର ଥଣ୍ଡା ହୋଇଯାଏ, ବିଶେଷକରି ହାତ ଏବଂ ପାଦରେ, ଯାହା ରକ୍ତ ପ୍ରବାହରେ ବାଧା ସୃଷ୍ଟି କରି ଥଣ୍ଡା ଅନୁଭବ କରିପାରେ।

**ଲୁହା ଅଭାବୀ ଖାଦ୍ୟ**


ଲୌହ ଅଭାବରୁ ରକ୍ଷା ପାଇବା ପାଇଁ, ନିୟମିତ ପରୀକ୍ଷା କରାଇବା ଓ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ମହିଳାମାନେ ବିଶେଷକରି ମାସିକ ଋତୁସ୍ରାବ ସମୟରେ ବିପଦରେ ଥାଆନ୍ତି, ତେଣୁ ଏହି ସମୟରେ ସେମାନେ ସେମାନଙ୍କ ଖାଦ୍ୟ ପ୍ରତି ବହୁତ ସତର୍କ ରହିବା ଉଚିତ। ପାଳଙ୍ଗ ପରି ସବୁଜ ପତ୍ରଯୁକ୍ତ ପନିପରିବା, ଗୁଡ଼, ବିନ୍ସ ଏବଂ ଡାଲି, ଆପଲ୍, ଖଜୁର ଏବଂ ଡାଳିମ୍ବ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଲୌହ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ।

# ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ



ଭାରତର ଓଡ଼ିଶା ରାଜ୍ୟରେ ଅବସ୍ଥିତ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଅଭୟାରଣ୍ୟ। ଏହା ଉତ୍ତରରେ ଧାମରା ନଦୀର ମୁହାଣରୁ ଦକ୍ଷିଣରେ ବ୍ରାହ୍ମଣୀ ନଦୀର ମୁହାଣ ପର୍ଯ୍ୟନ୍ତ ବ୍ୟାପ୍ତ, ଏବଂ ବଙ୍ଗୋପସାଗରର କିଛି ଅଂଶ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଏହି ଅଭୟାରଣ୍ୟ ଗହୀରମଥା ବେଳାଭୂମିକୁ ମଧ୍ୟ ସାମିଲ କରେ, ଯାହା ବିଶ୍ୱର ସବୁଠାରୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ଓଲିଭ ରିଡଲୀ କଇଁଛଙ୍କ ଅଣ୍ଡା ଦେବା ସ୍ଥାନ ଭାବେ ପରିଚିତ। ଏହି ଅଞ୍ଚଳ ବିଶେଷ କରି ଓଲିଭ ରିଡଲୀ କଚ୍ଛପମାନଙ୍କର ସଂରକ୍ଷଣ ପାଇଁ ପ୍ରସିଦ୍ଧ, ଯେଉଁମାନେ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଏହି ବେଳାଭୂମିରେ ଅଣ୍ଡା ଦେବାକୁ ଆସନ୍ତି। ଏହା ଜୈବବିବିଧତା ସଂରକ୍ଷଣ ଓ ପରିବେଶ ସମ୍ବନ୍ଧୀୟ ଦୃଷ୍ଟିକୋଣରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

# ବିଶ୍ୱ ହେମୋଫିଲିଆ ଦିବସ




**ହେମୋଫିଲିଆ ଏକ ଜିନ୍ ରୋଗ ଓ ବଂଶାନୁକ୍ରମିକ। ଏହା ଏକ ରକ୍ତଜନିତ ରୋଗ। ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ମହିଳା ବା କନ୍ୟାସନ୍ତାନମାନେ ହେଉଛନ୍ତି ତ୍ରୁଟିଯୁକ୍ତ ଜିନ୍‌ର ବାହକ। ଏମାନଙ୍କଠାରେ ରୋଗଣା ଜିନ୍ ଥିଲେ ମଧ୍ୟ ଏମାନେ ଏହି ରୋଗ ଭୋଗି ନ ଥାନ୍ତି। ରୋଗ ଭୋଗିଥାଆନ୍ତି କେବଳ ପୁରୁଷ ବା ପୁତ୍ର ସନ୍ତାନମାନେ। ଏହି ରୋଗ ବିଷୟରେ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୧୭ ତାରିଖକୁ 'ବିଶ୍ୱ ହେମୋଫିଲିଆ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷର ଥିମ୍ ରହିଛି (ଆସେସ୍ ଫର୍ ଅଲ୍: ଓମେନ୍ ଆଣ୍ଡ ଗଲର୍ସ ୦) ଏହାର ଅର୍ଥ ହେଲା: ରକ୍ତସ୍ରାବ ସମସ୍ୟା ସହ ଜଡିତ ମହିଳା ଏବଂ ଯୁବତୀମାନଙ୍କୁ ଅବହେଳା କରିବା ଠିକ୍ ନୁହେଁ। ତା' ସହ ହେମୋଫିଲିଆ ବିଷୟରେ ଅଧିକ ଜନସଚେତନତାକୁ ପ୍ରାଥମିକତା ଦିଆଯିବା ଦରକାର। 'ହେମୋଫିଲିଆ ଶବ୍ଦଟିରେ ରହିଛି ଦୁଇଟି ଅଂଶ, ଯଥା 'ହେମୋ' ଏବଂ 'ଫିଲିଆ'। 'ହେମୋ' ଅର୍ଥ ରକ୍ତ ସମ୍ବନ୍ଧୀୟ ଏବଂ 'ଫିଲିଆ' ଅର୍ଥ ପ୍ରବଣତା। ଏହି ରୋଗ ହେଲେ ରକ୍ତ ଜମାଟ ବାନ୍ଧି ପାରେ ନାହିଁ।**

**ଚିହ୍ନିବ କିପରି:** ପୁଅଟିଏ ଖେଳିବା ବେଳେ ସାମାନ୍ୟ ଖଣ୍ଡିଆ ଖାବରା ହୋଇପଡିଲେ କି ଦୁର୍ଘଟଣାଗ୍ରସ୍ତ ହେଲେ କ୍ଷତ ସ୍ଥାନରୁ ବହୁ ସମୟ ଧରି ରକ୍ତସ୍ରାବ ଚାଲିଥାଏ। ଦାନ୍ତ ଉପାଡିଲେ ମାଢ଼ିର ଉପୁଡା ଯାଇଥିବା ସ୍ଥାନରୁ ରକ୍ତ ଝରିବା ସହଜରେ ବନ୍ଦ ହୁଏ ନାହିଁ। ଛୋଟକାଟିଆ ଅପରେଶନ କଲାବେଳେ ମଧ୍ୟ ବହୁ ସମୟଧରି ରକ୍ତ ବୋହୁଥାଏ।

ଭିତରକୁ ରକ୍ତସ୍ରାବ ହେଲେ ଜାତ ହୁଏ ପେଶୀ ଯନ୍ତ୍ରଣା ଏବଂ ଉଦର ଭିତରକୁ ରକ୍ତସ୍ରାବ ହେଲେ ହୁଏ ଉଦର ଯନ୍ତ୍ରଣା। ମସ୍ତିଷ୍କ ଭିତରକୁ ରକ୍ତସ୍ରାବ ହୋଇ ଷ୍ଟ୍ରୋକ୍ ବା ପାରାଲିସିସ୍ ହୋଇପାରେ। ନାକ, ପାଟି ଓ ଦାନ୍ତ ମାଢ଼ିରୁ ବି ରକ୍ତ ଝରିପାରେ। ରକ୍ତବାନ୍ତି ଓ କଳାଝାଡା ହେବା ସଙ୍ଗେ ସଙ୍ଗେ ଝାଡା ଓ ପରିସ୍ରାରେ ମଧ୍ୟ ରକ୍ତ ପଡିପାରେ।

**ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା :** ପିଲାର ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର ଓଢର ମାତ୍ରା ନିର୍ଦ୍ଧାରଣ କରି ରୋଗ ନିର୍ଣ୍ଣୟ କରାଯାଏ। ରୋଗୀଠାରେ ଫ୍ୟାକ୍ଟର ଠଓଓର ଅଭାବ ଥିଲେ 'ହେମୋଫିଲିଆ ଇ' ଏବଂ ଏବଂ ଫ୍ୟାକ୍ଟର ଓଢର ଅଭାବ ଥିଲେ 'ହେମୋଫିଲିଆ ଇ' ବୋଲି ନିର୍ଣ୍ଣୟ କରିବାରେ କୌଣସି ସନ୍ଦେହ ରହେ ନାହିଁ। ଏବେ ଗର୍ଭବତୀଙ୍କ ଗର୍ଭାଶୟରୁ ଜଳ ସଂଗ୍ରହ ଓ ସେହି ଜଳରେ ଥିବା ଜୀବକୋଷର ଜିନ୍ ପରୀକ୍ଷା କରି ଗର୍ଭସ୍ଥ ଶିଶୁ ରୋଗୀ କି ବାହକ ତାହା ଜାଣିହେଉଛି।

**ଚିକିତ୍ସା :** ହେମୋଫିଲିଆର ପ୍ରକାରକୁ ଚାହିଁ ରୋଗୀର ଶିରାବାଟେ ଫ୍ୟାକ୍ଟର ଠଓଓ କିମ୍ବା ଫ୍ୟାକ୍ଟର ଓଢର ଇଞ୍ଜେକସନ ଦେଇ ଚିକିତ୍ସା କରାଯାଉଛି। ଆମ ଦେଶର କେତେକ ରାଜ୍ୟ ସରକାର ହେମୋଫିଲିଆ ରୋଗୀଙ୍କର ଫ୍ୟାକ୍ଟର ଠଓଓ ଏବଂ ଫ୍ୟାକ୍ଟର ଓଢ ମାଗଣାରେ ଯୋଗାଇ ଦେଉଛନ୍ତି। ଏବେ ମଧ୍ୟ ହେମୋଫିଲିଆ ରୋଗୀଙ୍କ ଚିକିତ୍ସା ପାଇଁ ଅନ୍ୟାନ୍ୟ ଔଷଧମାନ ମିଳିଲାଣି। ଜିନ୍ ଚିକିତ୍ସାର ମଧ୍ୟ ସୁଫଳ ମିଳୁଥିବା ପ୍ରକାଶ। ରୋଗୀଠାରେ ଗଣ୍ଠି ବିକୃତି ପ୍ରକାଶ ପାଇଥିଲେ ଫିଜିଓଥେରାପିଷ୍ଟଙ୍କ ପରାମର୍ଶ ମଧ୍ୟ ଲୋଡା।

**ନିବାରଣମୂଳକ ବ୍ୟବସ୍ଥା:** ରୋଗୀ ଯେପରି ଆଘାତ ପାଇ କ୍ଷତବିକ୍ଷତ ନ ହୁଅନ୍ତି ସେଥିପ୍ରତି ସତର୍କ ରୁହନ୍ତୁ। ରୋଗୀ ଖେଳାଖେଳି, ଓଜନିଆ ଜିନିଷ ଉଠାଇବା ସମୟରେ, ଧାରୁଆ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସମୟରେ ସତର୍କ ରହିବା ଉଚିତ। ଏମାନେ ଦାନ୍ତ ଘଷିବା ସମୟରେ ନରମ ବ୍ରଶ୍ ବ୍ୟବହାର କରନ୍ତୁ। ରୋଗୀକୁ ବାରମ୍ବାର ରକ୍ତ ନେବାକୁ ପଡିଥାଏ। ତେଣୁ ସେ ଯେପରି ହେପାଟାଇଟିସ୍-ବି, ଏବଂ ହେପାଟାଇଟିସ-ସି ତଥା ଏଚ୍ଆଇଭି ଦ୍ୱାରା ସଂକ୍ରମିତ ନ ହୁଏ ସେଥିପ୍ରତି ନଜର ଦିଅନ୍ତୁ। ଜାଣି ରଖିବା ଉଚିତ ଯେ, ହେମୋଫିଲିଆ ରୋଗ ସଂକ୍ରାମକ ନୁହେଁ। ତେଣୁ ତାହା ଅନ୍ୟମାନଙ୍କୁ ଡେଇଁବାର ଆଦୌ ଆଶଙ୍କା ନାହିଁ।

# ଅଭିନେତ୍ରୀ ଅବନୀତ କୌର



ଅଭିନେତ୍ରୀ ଅବନୀତ କୌର ଯେତିକି ଗ୍ଲାମରସ୍ ସେତିକି ଚର୍ଚ୍ଚିତ ମଧ୍ୟ। ନିଜ ଚମକଦାର ଲୁକ ପାଇଁ ପ୍ରାୟତଃ ପ୍ରଶଂସା ସାଉଁଟନ୍ତି। ନିକଟରେ ସେ ତାହା ଦ୍ୱାରା ବୋଟକ୍ସ କିମ୍ବା ସର୍ଜରୀ କରିଥିବା ଆଲୋଚନା ହେଉଛି। କିନ୍ତୁ ଏକ ସାକ୍ଷାତକାରରେ ସେ ଏହକୁ ଖଣ୍ଡନ କରିଛନ୍ତି। ଏହି ପରିବର୍ତ୍ତନ ସମ୍ପୂର୍ଣ୍ଣ ସ୍ୱାଭାବିକ। ବୟସ ସହିତ ସେ ଚମକୁଥିବା କହିଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କ ପିଲାଦିନର ଏବଂ ବର୍ତ୍ତମାନର ଫଟୋ ଭିତରେ ନିଶ୍ଚୟ ଭିନ୍ନ ଥାଏ। ସମସ୍ତେ ବଡ଼ ହୁଅନ୍ତି ଏବଂ ବୟସ ବଢିବା ସହିତ ଚେହେରାରେ ଚମକ ଆସେ। ମୋର କୌଣସି ଅସ୍ତ୍ରୋପଚାର କିମ୍ବା ବୋଟକ୍ସ ହୋଇନାହିଁ। ମୁଁ ଯାହା ଦେଖାଯାଉଛି ତାହା ସ୍ୱାଭାବିକ। ମୋ ସୁନ୍ଦରତାର ସମସ୍ତ ଶ୍ରେୟ ମୋ ମା'ଙ୍କୁ ଯାଏ। ଅଭନୀତ କୌର ବହୁତ କମ ବୟସରେ ଟିଭି ଶିଳ୍ପରେ ଜଗତରେ କରିଥିଲେ। ଧୀରେ ଧୀରେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିଥିଲେ। ଏବେ ସେ ଫିଲ୍ମ ଜଗତରେ ମଧ୍ୟ ସକ୍ରିୟ ଅଛନ୍ତି।




# ବିଶ୍ୱସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା: ଜିପାଇଗୋ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ପିପିଏସ୍): ଓଡ଼ିଶାରେ ନର୍ସିଂ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଅଣସଂକ୍ରାମକ ରୋଗ ଚିକିତ୍ସା, ପୁଷ୍ଟିସାଧନ ଏବଂ ଜରୁରୀକାଳୀନ ପ୍ରସୂତୀ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶ୍ୱସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହଲିଙ୍ଗଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଏବଂ ଜିପାଇଗୋ(ଜନ୍ ହପ୍କିନ୍ସ ଆନ୍ତର୍ଜାତୀୟ ସ୍ତ୍ରୀ ରୋଗ, ପ୍ରସୂତୀ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଉପଲକ୍ଷେ ଲୋକସଭା ଭବନ ସଭାଗୃହ ଠାରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଶାସନ ସଚିବ ଡଃ ସନ୍ତୋଷ ମିଶ୍ର ଏବଂ ଜିପାଇଗୋଙ୍କ ତରଫରୁ ସଂସ୍ଥାର ଜାତୀୟ ନିର୍ଦ୍ଦେଶକ ଡଃ ଅମିତ୍ ଶାହ ଚୁକ୍ତି ପତ୍ରରେ ସ୍ୱାକ୍ଷର କରିଥିଲେ।




ଏହି ବୁଝାମଣା ପତ୍ରର କୌଣସି ଆର୍ଥିକ ଲେଣଦେଣ ଉପରେ ପର୍ଯ୍ୟବେସିତ ନୁହେଁ। ଏହା ସମ୍ପୂର୍ଣ୍ଣ ସେବା ଭିତିକ। ବିଶ୍ୱ ସ୍ତରୀୟ ଗୁଣାତ୍ମକ ସେବା ନିମନ୍ତେ ଜ୍ଞାନ ଓ ପ୍ରାଜ୍ଞତାର ଆଦାନ-ପ୍ରଦାନ ଉପରେ ଏହି ବୁଝାମଣା ପତ୍ର ଆଧାରିତ। ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଡଃ ମହାଲିଙ୍ଗ କହିଥିଲେ ଯେ ବୁଝାମଣା ପତ୍ର ଦ୍ୱାରା ଜିପାଇଗୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ଓ ସହଭାଗିତା ପ୍ରତିଷ୍ଠା ହେବ। ମୁଖ୍ୟତଃ ସ୍ୱାସ୍ଥ୍ୟସେବାର ବିଶ୍ଳେଷଣ, ଯୋଜନା ଓ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ବୈଷୟିକ ସହାୟତା, ବିଭିନ୍ନ ଜିଲ୍ଲା ଓ ରାଜ୍ୟ ମଧ୍ୟରେ ଅଭିଜ୍ଞତା ଓ ଶିକ୍ଷାର ଆଦାନ-ପ୍ରଦାନ, ବିଶ୍ୱ ସ୍ତରୀୟ ସର୍ବୋତମ ପ୍ରଣାଳୀ ଗୁଡିକୁ ଓଡ଼ିଶାର ଆବଶ୍ୟକତା ଅନୁଯାୟୀ କର୍ଯ୍ୟାୟନ; ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବୈଷୟିକ ପରାମର୍ଶ; ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ଦୃଢ଼ୀକରଣ; ପ୍ରଶିକ୍ଷକମାନଙ୍କର ଦକ୍ଷତା ବିକାଶ, ଡିଜିଟାଲ ଏବଂ ଇ-ଲର୍ନିଙ୍ଗ ପ୍ଲାଟଫର୍ମର ବ୍ୟବହାର, ସିମୁଲେଶନ ଆଦି ଏହି ସହଯୋଗିତାର ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକମାନେ ବୁଝାମଣା ପତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପ ଶାସନ ସଚିବ ଅରୁଣା ତ୍ରିପାଠୀ ସଭା ଆୟୋଜନର ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପ୍ଲଟ୍ ବ୍ୟବସାୟୀ ନିଖୋଜ ନେଇ ଥାନାରେ ଅଭିଯୋଗ ପରେ ପୁଲିସର ଘନାଘନା

## ଖୋଜା ଖୋଜି ପାଇଁ ଗଠନ ହୋଇଛି ପୁଲିସ ଟିମ୍

ବ୍ରହ୍ମପୁର, (ପିପିଏସ୍): ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟ ନାରାୟଣପୁର କରାପଲ୍ଲୀ ମୁଖ୍ୟ ରାସ୍ତାରେ ରହୁଥିବା ଜଣେ ପ୍ଲଟ ବ୍ୟବସାୟୀ ନିଖୋଜ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ନିଖୋଜ ହୋଇଥିବା ଯୁବକ ଜଣକ ସୁଧୀର କୁମାର ପାତ୍ର ବୟସ ପ୍ରାୟ ୪୭ ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ ସୁଧୀର ଜଣେ ପ୍ଲଟ ବ୍ୟବସାୟୀ ହୋଇଥିବା ବେଳେ ଜଣେ ଭଲ ଭଲିବଲ ଖେଳାଳି ଭାବେ ପରିଚିତ। ଗତକାଲି ଭାବିନାରାୟଣପୁର ବଣଗାଁକୁ ସନ୍ଧ୍ୟା ସାଢେ ୪ ଟା ସମୟରେ ନିଜ ବାଇକ ନମ୍ବର ଓ ଆର ୦୭ ଏନ ୩୫୨୭ ରେ ଭଲିବଲ ଗ୍ରାଉଣ୍ଡକୁ ଯାଇଥିଲେ। ସେଠାରେ ପ୍ରାୟ ସାଢେ ୬ଟା ସମୟରେ ବାହାରି ବଣଗାଁ ଦେଇ ମାଣ୍ଡିଆପଲ୍ଲୀ ଗ୍ରାମ ରାସ୍ତା ଦେଇ ଘରକୁ ଫେରୁଥିଲେ। ବହୁ ବିଳମ୍ବ ପରେ ସେ ଘରକୁ ଫେରି ନଥିବାରୁ ଘର ଲୋକେ ସୁଧୀରଙ୍କ ମୋବାଇଲକୁ ଫୋନ କରିଥିଲେ।



ମୋବାଇଲଟି ସୁଇଚଅଫ ରହିଥିବାରୁ ତାଙ୍କ ସାଙ୍ଗସାଥୀଙ୍କୁ ଜଣାଇଥିଲେ। ସାଙ୍ଗସାଥୀମାନେ ଆସି ଦେଖିବା ବେଳକୁ ପ୍ରେମ ଅଫିସ ଛକରେ ବାଇକଟି ପଡ଼ିଥିବା ବେଳେ ସେଠାରୁ ସୁଧୀର ଗାୟବ ଥିଲେ କ୍ଷ ବହୁ ଖୋଜା ଖୋଜି ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଖୋଜା ଖୋଜି କରିବା ପରେ ସୁଧୀର ନିଖୋଜ ଥିବା ନେଇ ଗୋପାଳପୁର ଥାନାରେ ସୁଧୀରଙ୍କ ଶଳା କାଳିଆ ପାତ୍ର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ନିଖୋଜ ମାମଲା କେସ ନମ୍ବର ୧୮/୨୬ ରୁଜୁକରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସୁଧୀରଙ୍କ ବାଇକକୁ ଜବତ କରି ଅଞ୍ଚଳରେ ଲାଗିଥିବା ସିସି ଫୁଟେଜ ଯାଞ୍ଚ କରିଥିଲା। ଆଜି ଅତିରିକ୍ତ ଏସ. ପି ଆଲୋକ ଜେନା, ସଦର ଏସଡିପିଓ ସୁଭ୍ରାଂଶୁ ଶେଖର ପରିଡ଼ା ସୁଧୀରଙ୍କ ଘରକୁ ଯାଇ ସମସ୍ତ କଥା ପଚାରି ବୁଝିବା ସହ ପୁଲିସ ଟିମ୍ ଗଠନ କରି ବିଭିନ୍ନ ଦିଗକୁ ଯାଇ ତଦନ୍ତ କରୁଥିବା ଜଣାପଡ଼ିଛି। ସୁଧୀର ଜଣେ ପ୍ଲଟ ବ୍ୟବସାୟୀ ହୋଇଥିବାରୁ କୌଣସି କାରଣକୁ ନେଇ ଦୁର୍ବୃତ୍ତ ମାନେ ତାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକେ ସନ୍ଦେହ କରୁଥିବା ଏବଂ ପୁଲିସ ଶୀଘ୍ର ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପରିବାରଙ୍କ ହସ୍ତରେ ହସ୍ତାନ୍ତର କରୁ ବୋଲି ପରିବାର ଲୋକେ ନିବେଦନ କରିଛନ୍ତି।

# ଓଡ଼ିଶାରେ ରାଜ୍ୟବ୍ୟାପୀ ଡୋର-ଟୁ-ଡୋର ଡିଜିଟାଲ ଜନଗଣନା ଆରମ୍ଭ

ଭୁବନେଶ୍ୱର, (ପିପିଏସ୍): ଓଡ଼ିଶାରେ ଗୁରୁବାର ରାଜ୍ୟବ୍ୟାପୀ ଡୋର-ଟୁ-ଡୋର ଡିଜିଟାଲ ଜନଗଣନା ଆରମ୍ଭ ହୋଇଛି। ଏହା ଏକ ବଡ଼ ପ୍ରଶାସନିକ ଅଭିଯାନ, ଯାହାର ଉଦ୍ଦେଶ୍ୟ ସମଗ୍ର ରାଜ୍ୟରେ ବିସ୍ତୃତ ଜନସାଂଖ୍ୟିକ ତଥ୍ୟ ସଂଗ୍ରହ କରିବା। ଏହି ପ୍ରକ୍ରିୟା ମେ ୧୫ ପର୍ଯ୍ୟନ୍ତ ଚାଲିବ।

ଏହି ଅଭିଯାନ ପାଇଁ ରାଜ୍ୟସାରା ୯୦,୦୦୦ ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି, ଯେଉଁମାନେ ଘରକୁ ଘର ଯାଇ ସୂଚନା ସଂଗ୍ରହ କରିବେ। ନିରୀକ୍ଷଣ ପାଇଁ ୧୫,୧୪୦ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଗଣନାକର୍ତ୍ତା (ଏନ୍ୟୁମେରେଟର) ଏବଂ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସୁପରଭାଇଜର ଭାବେ ଦାୟିତ୍ୱ ଦିଆଯାଇଛି।



ପ୍ରତ୍ୟେକ ଗଣନାକର୍ତ୍ତାଙ୍କୁ ପ୍ରାୟ ୮୦୦ ଜଣଙ୍କର ତଥ୍ୟ ସଂଗ୍ରହ କରିବା ଲକ୍ଷ୍ୟ ଦିଆଯାଇଛି। ପାଖାପାଖି ଜଣେ କର୍ମଚାରୀ ଏହି ସମୟରେ ୧୫୦ ରୁ ୨୦୦ଟି ଘରର ସର୍ଭେ କରିବେ। ଏହା ସହିତ ଘରଗୁଡିକର ତାଲିକା ପ୍ରସ୍ତୁତ, ନମ୍ବରିଂ କରିବା ଏବଂ ପ୍ରତ୍ୟେକ ପରିବାରର ମୁଖିଆଙ୍କ ସହ କଥାହେବା ମାଧ୍ୟମରେ ସୂଚନା ଲେଖିବା କାମ ମଧ୍ୟ କରାଯିବ। ଏହି ଜନଗଣନାରେ ମୋଟ ୩୩ଟି ପ୍ରଶ୍ନ ସହିତ ଏକ ଗଠିତ ପ୍ରଶ୍ନାବଳୀ ରହିଛି। ଏଥିରେ ବାସସ୍ଥାନର ଅବସ୍ଥା, ନିର୍ମାଣ ସାମଗ୍ରୀ, ପରିବାରମାନଙ୍କ ଖାଦ୍ୟ ଅଭ୍ୟାସ ଏବଂ ଦୁଇଚକିଆ ଓ ଚାରିଚକିଆ ଯାନ ମାଲିକାନା ଭଳି ସାମାଜିକ-ଆର୍ଥିକ ପ୍ରସଙ୍ଗର ସୂଚନା ସଂଗ୍ରହ କରାଯିବ। ପୂର୍ଣ୍ଣ ସର୍ଭେ ଆରମ୍ଭ ପୂର୍ବରୁ କର୍ମଚାରୀମାନଙ୍କୁ ତିନି ଦିନର ମ୍ୟାପିଂ କାମ ଦିଆଯାଇଛି। ଏହି ସମୟରେ ସେମାନେ ନିଜ ନିର୍ଦ୍ଧାରିତ ଅଞ୍ଚଳକୁ ଚିହ୍ନଟ କରିବେ, ସ୍ଥାନୀୟ ପରିସ୍ଥିତିକୁ ବୁଝିବେ ଏବଂ ଘର ଓ ପରିବାର ସଂଖ୍ୟାର ଆନୁମାନ କରିବେ। ଏହି ପ୍ରାରମ୍ଭିକ ପର୍ଯ୍ୟାୟ ୧୮ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ମ୍ୟାପିଂ କାମ ସମ୍ପୂର୍ଣ୍ଣ ହେବା ପରେ ବାସ୍ତବ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତ ସଂଗ୍ରହିତ ତଥ୍ୟକୁ ଡିଜିଟାଲ ଆକାରରେ ସଂରକ୍ଷିତ କରାଯିବ, ଯାହା ଫଳରେ ପ୍ରକ୍ରିୟା ଅଧିକ ସୁସଂଗଠିତ, ସଠିକ୍ ଓ ପ୍ରଶାସନିକ ବ୍ୟବହାର ପାଇଁ ସହଜ ହେବ। ଅଧିକାରୀମାନଙ୍କ କହିବା ଅନୁସାରେ, ଏହି ଡିଜିଟାଲ ପ୍ରଣାଳୀ ପାରଦର୍ଶିତା ଓ କାର୍ଯ୍ୟକୁଶଳତା ବଢାଇବାରେ ସହାୟକ ହେବ ଏବଂ ରାଜ୍ୟରେ ତଥ୍ୟ-ଆଧାରିତ ପ୍ରଶାସନକୁ ସୁଦୃଢ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।

# ଅନୁଗୋଳ ଜିଲ୍ଲା ମହୋତ୍ସବରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ

ତାଳଚେର/ ଅନୁଗୋଳ, (ପିପିଏସ୍): ଆସନ୍ତାକାଲି ଏକ ଦିନିକିଆ ଗସ୍ତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନୁଗୋଳ ଜିଲ୍ଲା ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇ ଆସୁଛନ୍ତି। ଅପରାହ୍ନ ୩ଟା ୨୫ ମିନିଟ ସମୟରେ ଭୁବନେଶ୍ୱର ସ୍ଥିତ



ବିଜୁପଟ୍ଟନାୟକ ଏୟାରପୋର୍ଟରୁ ଡିପାଚର୍ ହେବେ ଓ ୩ ଟା ୫୫ ମିନିଟରେ ଅନୁଗୋଳ ସାବିତ୍ରୀ ଜିନ୍ଦଲ ଏୟାର ଷ୍ଟ୍ରିପରେ ଅବତରଣ କରି ବାଇ ରୋଡ ଅନୁଗୋଳ ସର୍କିଟ ହାଉସରେ ପହଞ୍ଚିବା ସହିତ ସେଠାରେ ଅପେକ୍ଷା ରତ ଭାରତୀୟ ଜନତା ପାର୍ଟିର ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ବିଧାୟକମାନେ ତାଙ୍କୁ ସ୍ୱାଗତ କରିବେ। ଦିବା ୪ ଘଣ୍ଟିକା ୪୫ ମିନିଟ ସମୟରେ ସେ ଏକ ନାରୀଶକ୍ତି ବନ୍ଦନା କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି ସେଠାରୁ ପୁଣି ସର୍କିଟ ହାଉସ ଫେରି ସନ୍ଧ୍ୟା ୬ ଘଣ୍ଟିକା ୩୦ ମିନିଟ ସମୟରେ ଅନୁଗୋଳ ଜିଲ୍ଲା ୩୩ତମ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ଅଭିଭାଷଣ ରଖିବେ ରାତ୍ର ୯ ଘଣ୍ଟିକା ୩୦ ମିନିଟ ସମୟରେ ପୁଣି ରାଜଧାନୀ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ଜିଲ୍ଲା ମିଡିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ ପ୍ରକାଶ କରିଛନ୍ତି।

# କଣ୍ଟିଲୋ-ଖଣ୍ଡପଡାକୁ ରେଳ ସଂଯୋଗ ଦାବିପତ୍ର ନେଇ ବିଧାୟକଙ୍କ ଦିଲ୍ଲୀଯାତ୍ରା

ନୟାଗଡ଼, (ପିପିଏସ୍): ବହୁ ପ୍ରତିକ୍ଷିତ ଏବଂ ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳ ଲାଇନକୁ କ୍ରିୟାଶୀଳ କରିବା ଅବସରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କଣ୍ଟିଲୋ ନୀଳମାଧବ ମନ୍ଦିର ପରିଦର୍ଶନ ସମୟରେ ପର୍ଯ୍ୟଟନ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିପୀଠ କଣ୍ଟିଲୋ ଏବଂ ଖଣ୍ଡପଡାକୁ ଖୁବ୍‌ଶୀଘ୍ର ରେଳ ଗଢ଼ିବା ନେଇ ପ୍ରତିଶୃତି ଦେଇଥିଲେ। ତଦନୁଯାଇ ତାଳଚେର ଠାରୁ ଅନୁଗୁଳ, ଆଠଗଡ, ବଡମ୍ବା, ନରସିଂହପୁର ଦେଇ କଣ୍ଟିଲୋ ଖଣ୍ଡପଡାକୁ ନୟାଗଡ଼ ଟାଉନ ରେଳ ଷ୍ଟେସନ ସହିତ ଯୋଡିବା ସଙ୍ଗେ ସଙ୍ଗେ ପ୍ରସ୍ତାବିତ ଏହି ୧୨୦ କିମି ରେଳପଥକୁ ଖୋର୍ଦ୍ଧା ଟାଉନ ଷ୍ଟେସନ ଠାରୁ କାଇପଦର ପର୍ଯ୍ୟନ୍ତ ଏକ କର୍ଡ଼ ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏଥିପାଇଁ ଆବଶ୍ୟକ ଫାଇନାଲ ଲୋକେସନ ସର୍ଭେ ଏବଂ



ଡିପିଆର କାର୍ଯ୍ୟ ରେଳବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ହୋଇସାରିଛି। ତେବେ ଚଳିତ ବର୍ଷ ଏହି କାର୍ଯ୍ୟ ପାଇଁ ରେଳ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇ ନଥିବାରୁ ରେଳଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଜରିଆରେ ଶୀଘ୍ର ଅର୍ଥ ମଂଜୁର କରିବା ପାଇଁ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକ, ବିନାୟକ ମିଶ୍ର, ଶାନ୍ତିଶେଖର ରଥ ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ଜିଲ୍ଲା ପ୍ଲାନିଂ କମିଟି ଅଧକ୍ଷ ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ଆଜି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଆସନ୍ତା କାଲି ବିଧାୟକ ଶ୍ରୀ ସ୍ୱାଇଁ ନୂଆଦିଲ୍ଲୀ ଗସ୍ତ କରିବା ଅବସରରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ସହିତ ଏ ବାବଦରେ ଆଲୋଚନା କରିବା ପାଇଁ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶୃତି ଦେଇଛନ୍ତି।

# ସିବିଏସ୍‌ଇର ଦୁଇ ଟପ୍ପର୍ ଛାତ୍ରୀ ଟିନା ଓ ଆଲିଶାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ, ସମ୍ବର୍ଦ୍ଧିତ କଲେ



ଭୁବନେଶ୍ୱର, (ପିପିଏସ୍): ଚଳିତ ସିବିଏସଇ ୧୦ମ ଶ୍ରେଣୀ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖି ସଫଳତା ହାସଲ କରିଥିବା ଟିନା ରଥ ଏବଂ ଆଲିଶା ବିଶ୍ୱାଳ ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରର ଲୋକସେବା ଭବନରେ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ଟପ୍ପର ଛାତ୍ରୀଙ୍କୁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରି ରୂପା ତାରକସିର ଉପହାର ଓ ଉତରୀୟ ପ୍ରଦାନ କରିଥିଲେ। ଭବିଷ୍ୟତରେ ସେମାନେ ଦୁଇ ଜଣ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇ କହିଥିଲେ। ଉଭୟ ଛାତ୍ରୀ ଭବିଷ୍ୟତରେ ଜଣେ ଜଣେ ଡାକ୍ତର ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଟିନା ଭବିଷ୍ୟତରେ କାର୍ଡିଓଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଥିବା ବେଳେ, ଆଲିଶା ନ୍ୟୁରୋଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ଛାତ୍ରୀଙ୍କୁ ନିଷ୍ଠା ଓ ପରିଶ୍ରମ ଜାରି ରଖି, ନିଜର ଲକ୍ଷ୍ୟରେ ନିଶ୍ଚୟ ସଫଳ ହେବ ବୋଲି କହିଥିଲେ। ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଟିନା ରଥ ପୁରୀର ମଦରର୍ସ ପବ୍ଲିକ୍ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ, ଆଲିଶା ବିଶ୍ୱାଳ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ-୧ ରେ ଅଧ୍ୟୟନ କରି, ୫୦୦ରୁ ୫୦୦ ମାର୍କ ରଖି ରାଜ୍ୟକୁ ଗର୍ବିତ କରିବା ସହ ଦୁହେଁ ଓଡ଼ିଶାର ସିବିଏସଇ ଟପର୍ ଭାବେ ପରିଚିତ ହୋଇଛନ୍ତି। ପୁରୀର ଟିନା ରଥଙ୍କ ପିତା ସମୀର କୁମାର ରଥ ଓ ମାତା ରେଣୁ ପ୍ରଭା ଦାସ। ସେହିପରି, ଭୁବନେଶ୍ୱର ୟୁନିଟ୍-୯ ରେ ବାସ କରୁଥିବା ଆଲିଶା ବିଶ୍ୱାଳଙ୍କ ପିତା ହେଉଛନ୍ତି ସୁଦର୍ଶନ ବିଶ୍ୱାଳ ଓ ମାତା ସୌଦାମିନୀ ମଲ୍ଲିକ୍।

### ଭାରତ ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ

# ରାଜ୍ୟରେ କାର୍ଯ୍ୟକାରୀ ହେବ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ସାମୁଦ୍ରିକ ପର୍ଯ୍ୟାବରଣର ପାଇଁ ଏମଓୟୁ

ଭୁବନେଶ୍ୱର, (ପିପିଏସ୍): ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷା କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ । ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟ ମଧ୍ୟରେ ଆଜି ଲୋକସଭା ଭବନରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ପୂଜା ମିଶ୍ର ଓ ନାସନାଲ ସେଂଟର ଫର୍ କୋଷ୍ଟାଲ ରିସର୍ଚ୍ଚ ର ନିର୍ଦ୍ଦେଶକ ଡକ୍ଟର ଆର.ଏସ୍. କନ୍‌କରା ଏହି ଏମଓୟୁ ରେ ସ୍ୱାକ୍ଷର କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମଏସପି କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତି ବ୍ଲୁ-ଇକୋନୋମି) ର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଏମଏସପି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ୨୦୧୯ ମସିହା ଠାରୁ ଦେଶରେ ସେଷ୍ଟେନେବଲ ଓସେନ୍ ପ୍ଲାନିଂ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ପୁଡୁଚେରୀ ଓ ଲାକ୍ଷାଦ୍ୱୀପରେ କାର୍ଯ୍ୟକାରୀ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହା କାର୍ଯ୍ୟକାରୀ କରୁଛି। ଓଡିଶାର ଉପକୂଳ ଅର୍ଥନୀତି ଏବଂ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଏହି ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେଇଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ଉପକୂଳ ଓ ସାମୁଦ୍ରିକ ଅଂଚଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଉପକୂଳ ଅଞ୍ଚଳ ପାଇଁ ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗାଇଥାଏ। ସ୍ଥାନୀୟ ଜୀବିକା, ଅର୍ଥନୈତିକ ଅଭିବୃଦ୍ଧି ଓ ସନ୍ତୁଳିତ ପର୍ଯ୍ୟାବରଣ ପାଇଁ ଏହି ସମ୍ବଳ ଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ବିକାଶ କାର୍ଯ୍ୟକ୍ରମ, ପରିବେଶ ଉପରେ ଏହାର ପ୍ରଭାବ ଏବଂ ବିଭିନ୍ନ କ୍ଷେତ୍ରର କ୍ରମାଗତ ଚାହିଦା ବୃଦ୍ଧି ଯୋଗୁ ସାମୁଦ୍ରିକ ଅଞ୍ଚଳ ଗୁଡିକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାର ଆବଶ୍ୟକତା ସୃଷ୍ଟି ହୋଇଛି। ଏହି ମେରାଇନ୍



ସ୍ପାସିଆଲ୍ ପ୍ଲାନ୍ ବା ଏମଏସସପି ଏ କ୍ଷେତ୍ରରେ ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା ଆମର ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତବର୍ଷ ଅଗଷ୍ଟ ମାସରେ ସାମୁଦ୍ରିକ ପର୍ଯ୍ୟାବରଣର ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ପାଇଁ ବାୟୋଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ କରିବାକୁ ଓମ୍ବରିକ୍ (ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କରିଡର ) ଆରମ୍ଭ କରାଯାଇଥିଲା। ଏହା ଆମର ବର୍ତମାନର ଏମଏସପି କାର୍ଯ୍ୟକ୍ରମକୁ ସୁଦୃଢ କରିବ ବୋଲି ସେ କହିଥିଲେ। ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ସବୁ ଦୃଷ୍ଟିରୁ ପୂରଣ କରିବା ପାଇଁ ଉପକୂଳ ଅର୍ଥନୀତି ଓ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ଏକ ଜରୁରି ଆବଶ୍ୟକତା। ତେଣୁ, ଏ କ୍ଷେତ୍ରରେ ନରୱେ ସରକାର ସହଯୋଗ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ପ୍ରତ୍ୟେକ କ୍ଷେତ୍ରରେ ଓଡିଶାକୁ ଦୃଢ ସମର୍ଥନ ଦେଇଆସିଛନ୍ତି। ଓଡିଶାର ବିକାଶ ପ୍ରତି ତାଙ୍କର ଫୋକସ ଯୋଗୁ ସଷ୍ଟେନେବଲ ଓସେନ୍ ପ୍ଲାନିଂ ର ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହାକୁ କାର୍ଯ୍ୟକାରୀ କରିବାର ସୁଯୋଗ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟକୁ ଧନ୍ୟବାଦ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ନିଜର ମତାମତ ରଖି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟର ନେସନାଲ୍ ସେଂଟର ଫର୍ କୋଷ୍ଟାଲ ରିସର୍ଚ୍ଚ ବା ଏପସସିଆର ହେଉଛି ସାମୁଦ୍ରିକ ଗବେଷଣାରେ ଏକ ଅଗ୍ରଣୀ ଅନୁଷ୍ଠାନ। ସାମୁଦ୍ରିକ ଜୀବଜଗତର ସୁରକ୍ଷା, ପରିବେଶ ପରିବର୍ତନର ପ୍ରଭାବ ଏବଂ ସାମୁଦ୍ରିକ ସମ୍ବଳର ଉନ୍ନତ ବ୍ୟବହାର ଦିଗରେ ଏହି ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ମଡେଲ୍ ପ୍ରସ୍ତୁତକରିଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏମଏସପି ସଫଳତା ପାଇଁ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ସେ କହିଥିଲେ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ଓ ୨୦୪୭ର ପରିକଳ୍ପନାକୁ ସଫଳ କରିବା ପାଇଁ ଏହି ଏମଏସପି ଏକ ମହତ୍ୱପୂର୍ଣ୍ଣ ଅଭିଯାନ। ମତ୍ସ୍ୟ, ପର୍ଯ୍ୟଟନ ଏବଂ ସାମୁଦ୍ରିକ ଉତ୍ସ ଗୁଡିକର ସର୍ବାଧିକ ବିନିଯୋଗ ସହିତ ପର୍ଯ୍ୟାବରଣର ସୁରକ୍ଷା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ।

କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟର ସଚିବ ଡକ୍ଟର ଏମ୍ ରବିଚନ୍ଦ୍ରନ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଭିଜନ ୨୦୪୭ ପାଇଁ ଦେଶକୁ ସମସ୍ତ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିବାକୁ ପଡିବ। ତା ସହିତ ପରିବେଶ ପରିବର୍ତନର ଆହ୍ୱାନକୁ ମଧ୍ୟ ମୁକାବିଲା କରିବାକୁ ହେବ। ଆମର ବ୍ଲୁ-ଇକୋନୋମି ଯେପରି ସଷ୍ଟେନେବଲ୍ (ଦୀର୍ଘସ୍ଥାୟୀ) ହେବ, ସେଥିପାଇଁ ଏହି ଏମଏସପି ସହାୟକ ହେବ ବୋଲି ସେ ମତ ଦେଇଥିଲେ।

ରୟାଲ ନରୱେଜିଆନ୍ ଏମ୍ବାସୀର ଡେପୁଟି ଆମ୍ବାସାଡର ମିଷ୍ଟର ଅରଭିନ୍ ଗାଡ୍‌ଗିଲ କହିଲେ ଯେ, ଓଡିଶାର ଏକ ସାମୁଦ୍ରିକ ବାଣିଜ୍ୟ ଐତିହ୍ୟ ରହିଛି। ଏହାର ଏକ ଦୀର୍ଘ ଉପକୂଳ ରହିଛି। ତେଣୁ ସାମୁଦ୍ରିକ ଅର୍ଥନୀତି ତଥା ପର୍ଯ୍ୟାବରଣର ସୁରକ୍ଷା ପାଇଁ ଓଡିଶାର ଏହି ଉଦ୍ୟମରେ ନରୱେ ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ଟେକ୍ନୋଲୋଜି ଭିତିକ ସମ୍ବଳ ପରିଚାଳନା ଜରିଆରେ ଓଡିଶାର ଲୋକଙ୍କ ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ପୂରଣ କରିବା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଗଣ, ନରୱେ ସରକାରଙ୍କ ଅଧିକାରୀଗଣ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଏଲ୍ଆଇସି ପକ୍ଷରୁ ବ୍ରହ୍ମପୁର ସବୁଜ ବାହିନୀକୁ 'ଟ୍ରି ଆମ୍ବୁଲାନ୍ସ' ପ୍ରଦାନ




ବ୍ରହ୍ମପୁର(ପିପିଏସ୍): ଏଲ୍ଆଇସି ଗୋଲଡେନ ଜୁବୁଲି ଫାଉଣ୍ଡେସନ୍ ପକ୍ଷରୁ ବ୍ରହ୍ମପୁର ସବୁଜ ବାହିନୀକୁ ଏକ "ଟ୍ରୀ ଆମ୍ବୁଲାନ୍ସ" ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଓ ବୃକ୍ଷ ସଂରକ୍ଷଣ କ୍ଷେତ୍ରରେ ସଂଗଠନର ଦୀର୍ଘଦିନର ଅବଦାନକୁ ମନେରଖି ଏହି ସହଯୋଗ ଯୋଗାଇ ଦିଆଯାଇଛି । ଗତ ୧୨ବର୍ଷ ଧରି ବ୍ରହ୍ମପୁର ସହର ଓ ଆଖ ପାଖ ଅଞ୍ଚଳରେ ବୃକ୍ଷରୋପଣ, ବୃକ୍ଷ ସୁରକ୍ଷା ଓ ସବୁଜୀକରଣ କାର୍ଯ୍ୟରେ ବ୍ରହ୍ମପୁର ସବୁଜ ବାହିନୀ ନିରନ୍ତର କାର୍ଯ୍ୟ କରୁଛି। ବିଶେଷକରି ରାସ୍ତା ପ୍ରଶସ୍ତିକରଣ ସମୟରେ ଉପାଡ଼ି ଦିଆଯାଉଥିବା ବୃକ୍ଷଗୁଡ଼ିକୁ ଉଦ୍ଧାର କରି ସେଗୁଡ଼ିକୁ ନୂତନ ସ୍ଥାନରେ ପୁର୍ନରୋପଣ କରି ସଂରକ୍ଷଣ କରାଯାଉଛି। ଏହି "ଟ୍ରୀ ଆମ୍ବୁଲାନ୍ସ" ଆଗାମୀ ଦିନରେ ଆହତ, ଉପାଡ଼ି ଯାଇଥିବା ଓ ବିପଦଗ୍ରସ୍ତ ବୃକ୍ଷଗୁଡ଼ିକୁ ସୁରକ୍ଷିତ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇ ପୁନର୍ଜୀବନ ଦେବାରେ ମୁଖ୍ୟ ଭୂମିକା ନିଭାଇବ ବୋଲି ଏଲ୍ଆଇସି ଡିଭିଜନାଲ୍ ମ୍ୟାନେଜର ସୁଶାନ୍ତ ପାଣିଗ୍ରାହି କହିଥିଲେ। ପରେ ସେ ଏହି ଗାଡ଼ିଟିକୁ ସବୁଜ ବାହିନୀ ସଙ୍ଗଠନଙ୍କୁ ହସ୍ତାନ୍ତର କରି ସବୁଜ ପତାକା ଦେଖାଇ ଏହାର ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏଲ୍ଆଇସି ପକ୍ଷରୁ ଅଫିସ ଷ୍ଟାଫ୍ ମ୍ୟାନେଜର୍ ଦେବାଶିଷ ମହାପାତ୍ର, ବସନ୍ତ କୁମାର ସାହୁ, ମାନସ କୁମାର ସ୍ୱାଇଁ, ପ୍ରଭାକର କୁମାର ସାମନ୍ତରାୟ ଉପସ୍ଥିତ ଥିଲେ। ସେହିପରି ସବୁଜ ବାହିନୀ ପକ୍ଷରୁ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପାତ୍ର, ସଞ୍ଜୟ ସାମନ୍ତରାୟ, ଏ.ପ୍ରକାଶ, ସ୍ୱାଧୀନ କୁମାର ସାହୁ, ଅନୀଲ ଚୌଧୁରୀ, ଅଜୟ କୁମାର ସାହୁ, ସୁଜାତା ମହାରଣା, ସୁଶୀଲ କୁମାର ଓ ନବୀନ ସାହୁ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଏହି ସହଯୋଗ ପାଇଁ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଏଲ୍ଆଇସି ଗୋଲ୍ଡେନ ଜୁବୁଲି ଫାଉଣ୍ଡେସନ୍‌କୁ ଅନ୍ତରିକ ଧନ୍ୟବାଦ ଜଣାଯାଇଥିଲା

# ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ



ଅସୁରାଳି, (ପିପିଏସ ): ଏପ୍ରିଲ ୧ ଠାରୁ ମହାବିଷୁବ ସଂକ୍ରାନ୍ତି (ଏପ୍ରିଲ ୧୪) ଆଜି ପର୍ଯ୍ୟନ୍ତ ପାଳିତ ହେଉଥିବା ଓଡ଼ିଆ ପକ୍ଷ ଅବସରରେ ସମସ୍ତ ପଞ୍ଚାୟତରେ ବ୍ୟାପକ ସଫେଇ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଲୋକମାନଙ୍କୁ ସ୍ୱଚ୍ଛ ପରିବେଶ ଓ ସ୍ୱାସ୍ଥ୍ୟ ସୁରକ୍ଷାର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା। ପଧାନୀ ଗ୍ରାମପଞ୍ଚାୟତରେ ସରପଞ୍ଚ ତଥା ମାନ୍ୟବର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସ୍ୱଚ୍ଛ ଭାରତ ମିଶନର ବ୍ଲକ ସଂଯୋଜକ ଲକ୍ଷ୍ମୀଧର ରାଉଳ, କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ଧଳ, ସଫେଇ କର୍ମଚାରୀ, ୱାର୍ଡ ସଭ୍ୟ-ସଭ୍ୟା, ଯୁବକ ଓ ଗ୍ରାମବାସୀ ସକ୍ରିୟ ଭାବେ ଯୋଗଦେଇଥିଲେ। ଗ୍ରାମର ବିଭିନ୍ନ ଦେବାଳୟ, ବିଦ୍ୟାଳୟ ଓ ସାର୍ବଜନୀନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ବ୍ଲକ ସଂଯୋଜକ ଲକ୍ଷ୍ମୀଧର ରାଉଳ ସ୍ୱଚ୍ଛତାର ଆବଶ୍ୟକତା ଓ ଏହାର ସ୍ୱାସ୍ଥ୍ୟଗତ ଲାଭ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିଲେ। ଓଡ଼ିଆ ପକ୍ଷ ଅବସରରେ ଏଭଳି ସାମୁହିକ ସଫେଇ ଅଭିଯାନକୁ ସାଧାରଣ ଲୋକମାନେ ଭରପୁର ସ୍ୱାଗତ କରିଥିବା ଦେଖିବାକୁ ମିଳିଛି।

# ସଫେଇ କର୍ମଚାରୀମାନଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ



ଚାରିଛକ,(ପି ପି ଏସ) ନିମାପଡ଼ା ଏନ.ଏ.ସି ର ୮୦ ରୁ ଉର୍ଦ୍ଧ ଠିକା ସଫେଇ କର୍ମଚାରୀ ମାନେ ଦେଢ ମାସ ଧରି ସେମାନଙ୍କର ପ୍ରାପ୍ୟ ପାଇନଥିବାରୁ ଗୁରୁବାର ପ୍ରତ୍ୟୁଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ଏନ.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ କର୍ମଚାରୀ ମାନେ କିଭଳି ସେମାନଙ୍କ ପ୍ରାପ୍ୟ ପାଇବେ ସେଥିପାଇଁ ଚେଷ୍ଟାନକରି ଓଲଟି କାମ ନକଲେ ଛଟେଇ କରାଯିବ ଆଉ ନୂତନ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଧମକ ଦେଇଥିବା ସଫେଇ କର୍ମଚାରୀଙ୍କ ନେତା ରଘୁନାଥ ଘଡ଼େଇ ଅଭିଯୋଗ କରୁଛନ୍ତି। ସେ କହିଛନ୍ତି ପ୍ରତିମାସରେ ଠିକ ସମୟରେ ସେମାନଙ୍କ ପ୍ରାପ୍ୟ ଦିଆଯାଉ ନାହିଁ। ଶ୍ରମିକମାନଙ୍କ ପାଇଁ ଥିବା ନିୟମ ଇପିଏଫ କରାଯାଉନାହିଁ। ଆମେ ଗରିବ ଲୋକ ପ୍ରତିମାସରେ ଘର ଚଳାଇବା ପିଲାମାନଙ୍କ ପାଠ ପଢା ଖର୍ଚ୍ଚ କରିପାରି ଭୋକ ଉପାସରେ ଦିନକାଟୁଛନ୍ତି । ଆମକୁ ପ୍ରତିମାସ ରେ ଯେତିକି ପ୍ରାରିଶ୍ରମିକ ମିଳୁଛି ସେଥିରୁ ହଜାର ଦେଢ ହଜାର ଟଙ୍କା ବିଭିନ୍ନ ଆଳ ଦେଖାଇ କାଟି କର୍ତ୍ତୃପକ୍ଷ କାଟି ନେଉଛନ୍ତି। ସଫେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପଚାରିବାରୁ ନିମାପଡ଼ା ଏନ.ଏ ସିର ସ୍ୱଚ୍ଛତା ପାଇଁ ଠିକା ନେଇଥିବା ସଂସ୍ଥା ଟଙ୍କା ପଠାଇ ନଥିବାରୁ ପ୍ରାପ୍ୟ ଦିଆଯାଇ ପାରୁନାହିଁ ବୋଲି କହିଥିଲେ। କର୍ମଚାରୀ ମାନଙ୍କ ନେତା ରଘୁନାଥ ଘଡ଼େଇ କହିଛନ୍ତି ଆମେ ଆମ ମାଲିକଙ୍କୁ କେବେ ଦେଖି ନାହୁଁ। ପ୍ରତି ମାସ ୫ ତାରିଖ ମଧରେ ଦରମା ପ୍ରଦାନ ଏବଂ କର୍ମଚାରୀଙ୍କ ପାଇଁ ଇପିଏଫ ଲାଗୁକରିବା ଦାବୀନେଇ ଆନ୍ଦୋଳନ କରିଛନ୍ତି। ସଫେଇ କର୍ମଚାରୀ ମାନେ ଆନ୍ଦୋଳନ କରିଥିବାରୁ ଏନ ଏ ସି ଅଞ୍ଚଳ ରେ ବିଭିନ୍ନ ସ୍ଥାନ ରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇ ରହିଛି। ଏଣୁ ସାଧାରଣ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଚୋରା ଦେଶୀ ମଦ ଜବତ,୫ଗିରଫ

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ଅବକାରୀ ଥାନା ଓ କଟକ ମୋବାଇଲ ସ୍କାର୍ଡ ତରଫରୁ ମିଳିତଭାବେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ଚୋରା ମହୁଲି ମଦ ଜବତ କରାଯାଇଛି । ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଡାଳିଯୋଡା ବ୍ରହ୍ମପୁର ଗ୍ରାମର ବନମାଳି ଭୋଇ,ପଦଗାଁର କାର୍ତ୍ତୀକ ରାଉତ ଓ ସନ୍ତୋଷ ଗୋଛାୟତ,ସଫା ଗ୍ରାମର ସନ୍ତୋଷ ପାଣ୍ଡବ ଓ ପ୍ରଦୀପ୍ତ ଦାସ । ସେମାନଙ୍କ ନିକଟରୁ ୨୬୫ଲିଟର ବେଆଇନ୍ ମହୁଲି ମଦ ଜବତ କରାଯାଇଛି। ଚୌଦ୍ୱାର ଅବକାରୀ ଥାନା ଇନସପେକ୍ଟର ଭକ୍ତ ବତ୍ସଳ ବର୍ମା,ଅକ୍ଷୟ ଜେନା,ଆଶୁତୋଷ ଜେନା,ଜୟପ୍ରକାଶ ବେହୁରା,ଦେବବ୍ରତ ଓଝା,ଅଜୟ ଜେନା,ରାଜକୃଷ୍ଣ ବିଶ୍ୱାଳ,ମୋନାଲିସା ଦାସ,ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ ।

# ଗଣମାଧ୍ୟମ ପ୍ରତିନିଧିଙ୍କ କଣ୍ଠରୋଧ କରିବାକୁ ପୁଲିସ ସାଜିଛି ମାଧ୍ୟମ



ଅସ୍ତରଙ୍ଗ, (ପିପିଏସ୍): ପୁଲିସ କାର୍ଯ୍ୟ ଅବହେଳା କୁ ନେଇ ଖବର ପ୍ରକାଶିତ କରୁଥିବା ଜଣେ ଅଭିଜ୍ଞ ସାମ୍ବାଦିକ କୁ ଫସାଇବାକୁ ଅସ୍ତରଙ୍ଗ ପୁଲିସ ର ପ୍ରୟାସ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ, କାକଟପୁର ବ୍ଲକ ଅଧୀନ ଜଣାଶୁଣା ଜଣେ ଅଭିଜ୍ଞ ଓଡ଼ିଆ ଓ ଇଂରାଜୀ ପ୍ରିଣ୍ଟି ମିଡ଼ିଆ ଖବରଦାତା ପ୍ରକାଶ କୁମାର ବେହେରା ଙ୍କ ପାରିବାରିକ ଘଟଣା ଦୀର୍ଘ ଏକ ବର୍ଷ ହେବ ହୋଇଥିବା ବେଳେ ଗତ ୧୨ତାରିଖ ରେ ସାମ୍ବାଦିକ ପ୍ରକାଶ ବେହେରା ଖବର ସଂଗ୍ରହ କଂ୦ବାକୁ ଆସୁଥିବା ବେଳେ ଆଳସାହି ନିକଟସ୍ଥ ବେଘାରୀ ନିକଟରେ କିଛି ବ୍ୟକ୍ତି ବିଶେଷ ଅଟକାଇ ମାଡ଼ ମାରିବା ସହ ଗାଡି, ସୁନା ମୁଦି ସହ କିଛି ଟଙ୍କା ଛଡାଇ ନେଇଥିଲେ। ଯାହାକୁ ନେଇ ପ୍ରକାଶ ଅସ୍ତରଙ୍ଗ ଥାନାରେ ଅଭିଯୋଗ ପରେ ଅତିରିକ୍ତ ଏସ୍ପି ସଚିନ ପଟେଲ କୁ ଜଣାଇଥିଲେ। ଅତିରିକ୍ତ ଏସ୍ପି ଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଯାଞ୍ଚ କରିବା ସହ ଉକ୍ତ ଦୁଇ ଚକିଆ ଯାନ କୁ ଥାନାକୁ ଆଣିଥିଲେ। ଯାହା ଅସ୍ତରଙ୍ଗ ଥାନାରେ ଚାରି ଜଣକ ନାମରେ କେସ ନମ୍ବର ୮୮/୨୬ମାମଲା ରୁଜୁ କରିଥିଲେ। ଏହା ସହ ଅଭିଯୋଗକାରୀ ପ୍ରକାଶଙ୍କୁ କ୍ୱେଳ ଗାଡି ଫେରାଇ ଥିଲେ କୌଣସି ଜିନିଷ ସହ ଛଡାଇ ରଖିଥିବା ଟଙ୍କା ଫେରାଇ ନଥିଲେ। ଏଠାରେ ପ୍ରଶ୍ନ ମାମଲା ରୁଜୁ ସମୟରେ କେଉଁ ପ୍ରମାଣ ଦେଖିବା ସହ ତଥ୍ୟ ଜନ୍ମ ବର୍ଷ ୨୦୦୩ ଓ ୨୦୦୪ଉଲ୍ଲେଖ କରିଛନ୍ତି। ଆଇନି ରକ୍ଷକ ସାଜୁଛନ୍ତି ଭକ୍ଷକ। କିନ୍ତୁ ପ୍ରକାଶ ପତ୍ନୀ ନିଜ ବାପ ଘରେ ଏକ ମାସ ରହି ଶାଶୁ ଘରକୁ ଯାଇଥିବା ବେଳେ ପୁନର୍ବାର କିଛି ସମୟ ପରେ ପିତା ସମ୍ପଦ ପରିଡା ୨୪/୦୫/୨୫ଦିନ ପାଟିତୁଣ୍ଡ କରି ପ୍ରକାଶ ଙ୍କ ଘରୁ ନେଇକି ଆସିଥିଲେ। କିନ୍ତୁ ପ୍ରକାଶ ଓ ତାଙ୍କ ପତ୍ନୀ ଉଭୟ ଉଭୟ ଙ୍କୁ ଭଲ ପାଇଁ ଉଭୟ ପରିବାର ଶହ ଶହେ ଉର୍ଦ୍ଧ ଲୋକ ଉପସ୍ଥିତ ରେ କୋଣାର୍କ ନିକଟସ୍ଥ ଏକ ମନ୍ଦିର ବିବାହ କରିଥିଲେ। ଯାହାକି ଏକ ସ୍ୱୀକୃତି ପତ୍ର ମଧ୍ୟ ରହିଚି। ସ୍ୱୀକୃତି ପତ୍ର ରେ ୨୦୧୯ମସିହା ରେ ରାଜିନାମା ରେ ପତ୍ନୀ ଙ୍କ ବୟସ ୧୯ବର୍ଷ ଉଲ୍ଲେଖ ରହିଚି ।ଦୀର୍ଘ ପାଞ୍ଚ ସାଂସାରିକ ଦାମ୍ପତ୍ୟ ପରେ ଦମ୍ପତି ଙ୍କ ମଧରେ କଳହ କୁ ନେଇ ପତ୍ନୀ ନିଜ ବାପ ଘରେ ରହୁଥିଲେ। ୨୦୧୯ମସିହା ବିବାହ ସମୟରେ ଝିଅ ବାପା ସମ୍ପଦ ପରିଡା ଝିଅ ଜନ୍ମ ସାର୍ଟିଫିକେଟ ଓ ଆଧାର କାର୍ଡ ଦର୍ଶାଇ ଉଭୟ ପରିବାର ଉପସ୍ଥିତରେ ସ୍ୱୀକୃତି ପତ୍ର ରେ ବିବାହ ହୋଇଥିଲା। କିନ୍ତୁ ପ୍ରକାଶ ଅସ୍ତରଙ୍ଗ ପୁଲିସ ଙ୍କ ଅନେକ କାର୍ଯ୍ୟ ଅବହେଳା କୁ ନେଇଖବର ପ୍ରକାଶ କରିଥିବା ବେଳେ ଆକ୍ରୋଶ ମୂଳକ ଭାବେ ନିଜ ପତ୍ନୀ ଅଭିଯୋଗ କୁ ନୂଆ ରୂପ ଭିତ୍ତି କରି ପ୍ରାଥମିକ ସ୍କୁଲ ତଥ୍ୟ ଅନୁସାରେ ସଂଗ୍ରହ କରିଛନ୍ତି। ଯାହା ବିଶେଷ ସୂତ୍ରରୁ ଜଣା ପଡିଛି ।ଏଠାରେ ପ୍ରଶ୍ନ ଜଣେ ବ୍ୟକ୍ତି ଉପଯୁକ୍ତ ପ୍ରମାଣ ପତ୍ର ଜନ୍ମ ସାର୍ଟିଫିକେଟ, ଆଧାର କାର୍ଡ, ମାଟ୍ରିକ ସାର୍ଟିଫିକେଟ, ପାନକାର୍ଡ, ଭୋଟର କାର୍ଡ, ଯୁକ୍ତ ଦୁଇ ସାର୍ଟିଫିକେଟ ଥାଇ ମଧ୍ୟ ପୋଲିସ ଆକ୍ରୋଶ ମୂଳକ ଭାବେ କାର୍ଯ୍ୟ କରୁଚି। ଏହା ସହ ଉଭୟ ପରିବାର ବିବାହ ସ୍ୱୀକୃତି ପତ୍ର ମଧ୍ୟ ରହିଚି। ଯାହାକୁ ନେଇ ପ୍ରକାଶ ଙ୍କୁ ମାନସିକ ସ୍ତରରେ ହାରସ କରାଯାଉଛି ବୋଲି ପ୍ରକାଶ ମା କାମିନୀ ବେହେରା ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। କାରଣ ବିବାହ ସମୟରେ କନ୍ୟା ପକ୍ଷ ଜନ୍ମ ସାର୍ଟିଫିକେଟ ଓ ଆଧାର କାର୍ଡ ଦେଇ ବିବାହ କରାଇଥିଲେ। ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ଏ ଏସ ଆଇ ଙ୍କୁ ଅଭିଯୋଗ ଦେବା ବେଳେ ଅଭିଯୋଗ ନ ରଖି ଉତକ୍ଷିପ୍ତ ହୋଇଥିବାରୁ ମା କାମିନୀ ଥାନା ଅଧିକାରିଣୀ ଅଭିଯୋଗ ଦେଇଥିଲେ ।ଯାହା ପ୍ରାପ୍ତ ସୂଚନା ବାସ୍ତବରେ ଜଣା ପଡିଚି ପ୍ରକାଶ ଙ୍କୁ ଫସାଇବାକୁ ସମ୍ପଦ ଙ୍କ ଏଭଳି ପ୍ରୟାସ କରିଛନ୍ତି କି ? ଅନ୍ୟ ପଟେ କାମିନୀ ଙ୍କ ଅଭିଯୋଗ ମାମଲା ରୁଜୁ ହୋଇନାହିଁ ।ପୋଲିସ ଏଭଳି କାର୍ଯ୍ୟ କୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା କେନ୍ଦ୍ର ବିନ୍ଦୁ ପାଲଟିଛି।

# ଠକେଇ ଅଭିଯୋଗରେ ଅଟକିଲା ଯାତ୍ରା ଅଶୋକ ସମ୍ରାଟ



ଧୂଷୁରୀ, (ପି ପିଏସ୍): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଫତେପୁର ଗ୍ରାମରେ ଚାପା ଉତ୍ତେଜନା। ଟଙ୍କା ନେଇ ଯାତ୍ରା ପରିବେଷଣ ନକରିବା ଏବଂ ଅଗ୍ରିମ ଅର୍ଥ ଫେରସ୍ତ ନକରିବା ଭଳି ସଙ୍ଗୀନ ଅଭିଯୋଗରେ ଏବେ ଫତେପୁର ଠାରେ ଅଟକି ରହିଛି ନାମୀ ଯାତ୍ରା ଅନୁଷ୍ଠାନ 'ଯାତ୍ରା ଅଶୋକ ସମ୍ରାଟ'। ନ୍ୟାୟ ଦାବିରେ ଚାନ୍ଦବାଲି ଥାନା ତେନ୍ତୁଳିଡିହ ବାସନ୍ତୀ ଦୁର୍ଗାପୂଜା କମିଟିର ସଦସ୍ୟମାନେ ଯାତ୍ରା ପାର୍ଟିର ଗାଡ଼ି ଆଗରେ ଧାରଣା ଦେବା ସହ ଆତ୍ମହୁତି ଦେବାକୁ ଚେତାବନୀ ଦେଇଛନ୍ତି ।ଅଭିଯୋଗ ଅନୁସାରେ, ଚାନ୍ଦବାଲି ଥାନା ଅଧୀନ ତେନ୍ତୁଳିଡିହ ଗ୍ରାମର ବାସନ୍ତୀ ଦୁର୍ଗାପୂଜା ଅବସରରେ ଯାତ୍ରା ପରିବେଷଣ ପାଇଁ 'ଯାତ୍ରା ଅଶୋକ ସମ୍ରାଟ' ସହ ଚୁକ୍ତି ହୋଇଥିଲା। ଏଥିପାଇଁ ଅନୁଷ୍ଠାନର ମାଲିକ ଅନନ୍ତ ଧଳ (ନାଣ୍ଟୁ ବାବୁ) ୯ ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟରେ ଯାତ୍ରା ପାର୍ଟି ପହଞ୍ଚି ନଥିଲା କିମ୍ବା ପରବର୍ତ୍ତୀ ସମୟରେ କମିଟିକୁ ଟଙ୍କା ଫେରସ୍ତ କରିନଥିଲା। କମିଟି ସଦସ୍ୟ ରୂପେଶ ରାଉତ ଏବଂ ଅନ୍ୟ ସଦସ୍ୟମାନେ ମାଲିକଙ୍କ ସହ ବାରମ୍ବାର ଯୋଗାଯୋଗ କରି ବିଫଳ ହୋଇଥିଲେ ।ରବିବାର ଦିନ 'ଯାତ୍ରା ଅଶୋକ ସମ୍ରାଟ' ଧୂଷୁରୀ ଅଞ୍ଚଳର ଫତେପୁରରେ କାର୍ଯ୍ୟକ୍ରମ କରୁଥିବା ଖବର ପାଇ ତେନ୍ତୁଳିଡିହ କମିଟିର ସଦସ୍ୟମାନେ ସେଠାରେ ପହଞ୍ଚିଥିଲେ। ବକେୟା ଟଙ୍କା ଫେରସ୍ତ ଦାବିରେ ସେମାନେ ଯାତ୍ରା ପାର୍ଟିର ଟ୍ରକ ଆଗରେ ଧାରଣା ଦେଇଛନ୍ତି। ଟଙ୍କା ନପାଇଲେ ଗାଡ଼ି ଆଗରେ ଆତ୍ମହୁତି ଦେବୁ ବୋଲି ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଯାତ୍ରା ପାର୍ଟିର ପରିଚାଳକ ପଣ୍ଡା ବାବୁଙ୍କୁ ଏ ସମ୍ପର୍କରେ ପଚାରିବାରୁ, ସେ ଟଙ୍କା ନେଣଦେଣ ବିଷୟରେ କିଛି ଜାଣି ନାହାନ୍ତି ବୋଲି କହିବା ସହ ଧାରଣାରେ ବସିଥିବା ସଦସ୍ୟମାନଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି ।ଘଟଣାକୁ ନେଇ ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ଧୂଷୁରୀ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଫତେପୁରରେ ଯାତ୍ରା ଗାଡ଼ି ଅଟକି ରହିଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଛି। ୯ ଲକ୍ଷ ଟଙ୍କାର ଏହି ଠକେଇ ମାମଲା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭିନ୍ନକ୍ଷମତା ଅଧ୍ୟୟନକୁ ନେଇ ଇଣ୍ଟନସିପ୍ ପାଠ୍ୟକ୍ରମ




କେନ୍ଦ୍ରାପଡ଼ା, (ପିପିଏସ୍): ନୂତନ ଜାତୀୟ ଶିକ୍ଷାନୀତି- ୨୦୨୦ ମୁତାବକ ବିଶ୍ୱବିଦ୍ୟାଳୟରେ ସ୍ନାତକ ଅଧ୍ୟୟନ କରୁଥିବା ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ ବାହ୍ୟିକ ଅଧ୍ୟୟନ ନିମନ୍ତେ ଇଣ୍ଟରନ୍ସିପ୍ କାର୍ଯ୍ୟକ୍ରମର ପ୍ରାବଧାନ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘବର୍ଷ ଧରି ଭିନ୍ନକ୍ଷମଙ୍କ ସଶକ୍ତିକରଣ ଦିଗରେ କାର୍ଯ୍ୟ କରୁଥିବା ପୁନର୍ବାସ ଅନୁଷ୍ଠାନରେ ଚଳିତବର୍ଷ ମହାବିଦ୍ୟାଳୟର ବିଭିନ୍ନ ବିଭାଗୀୟ ଛାତ୍ରଛାତ୍ରୀମାନେ ଇଣ୍ଟରନ୍ସିପ୍ ପ୍ରଶିକ୍ଷଣ ନେବା ଆରମ୍ଭ କରିଛନ୍ତି । ଏଥିପାଇଁ ପୁନର୍ବାସ ପକ୍ଷରୁ 'ଭିନ୍ନକ୍ଷମତା ଅଧ୍ୟୟନ' ସମ୍ପର୍କିତ ଏକ ସଚେତନତାମୂଳକ ତଥ୍ୟ ଓ ପ୍ରାୟୋଗିକ ଦିଗକୁ ନେଇ ବିଷୟବସ୍ତୁ ପ୍ରସ୍ତୁତ କରାଯାଇଛି । ଏହା ଦ୍ୱାରା ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଭିନ୍ନକ୍ଷମତା ସମ୍ପର୍କିତ ବିବିଧ ସଚେତନତାଧର୍ମୀ, ପ୍ରକାରଗତ ତଥା ସାମାଜିକ ଆଇନଗତ ଦିଗ ବିଷୟରେ ଜାଣିବା ସହିତ ଏହାର ବିବିଧ ଥେରାପି ଚିକିତ୍ସା ଓ ହସ୍ତକ୍ଷେପ ସମ୍ପର୍କରେ ସମ୍ୟକ ଅବବୋଧ ଅର୍ଜନ କରିପାରିବେ । ଯାହା ସେମାନଙ୍କୁ ବାହ୍ୟିକ ଜ୍ଞାନ ସହ ପରୋକ୍ଷରେ ଏକ ସମ୍ମିଳିତ ସମାଜ ସୃଷ୍ଟି କରିବାରେ ସହାୟକ ହୋଇ ପାରିବ ବୋଲି ପୁନର୍ବାସର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ପ୍ରକାଶ କରିଛନ୍ତି । ଏହି କ୍ରମରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ୪ର୍ଥ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ଇଣ୍ଟରନ୍ସିପ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ମାଧପୁରସ୍ଥିତ ପୁନର୍ବାସ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରାରମ୍ଭିକ ଉତ୍ସବରେ ବିଭାଗୀୟ ମୁଖ୍ୟ ଡ଼ଃ ଦେବକାନ୍ତ ଷଡଙ୍ଗୀ ଏବଂ ଚତୁର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ ।ଇଣ୍ଟନସିପ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ସଂଜୀବ ଜେନା ଓ ସଭ୍ୟ ବଂଶୀଧର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ବୈଷୟିକ ଅଧିକାରୀ କେଦାରନାଥ ବାରିକ ଓ ସହାୟିକା ଅମିଷା ବାରିକ ପରିଚାଳନାରେ ସହାୟତା କରିଥିଲେ ।

# ଚୌଦ୍ୱାରରେ ବିଷୁବ ମିଳନ ଉତ୍ସବ



ଚୌଦ୍ୱାର,(ପିପିଏସ୍) : ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୁଲ୍ୟରେ ବିଷୁବ ଆସର ଓ କବିତାପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଓଟିଏମ୍ କଲୋନୀସ୍ଥିତ ସଂସଦ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ଗୀତିକବି ମନୋଜ ପଟ୍ଟନାୟକ, ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ, ବ୍ୟଙ୍ଗସାହିତ୍ୟିକ ରାଧାଶ୍ୟାମ ରାଉଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଷୁବ ମିଳନ ହେଉଛି ଆମ ସାରସ୍ୱତ ଓ ସାଂସ୍କୃତିକ ଜୀବନର ମନୋଜ୍ଞ ପାର୍ବଣ ବୋଲି ମତପ୍ରକାଶ କରିଥିଲେ । କବି ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ସଂପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂଗଠନ ସଂପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଭାସ୍କର ପ୍ରସାଦ ମହାପାତ୍ର, ପବିତ୍ର ମୋହନ ସାହୁ, କୈଳାସ ଚନ୍ଦ୍ର ସାହାଣୀ, ହେମନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯୁଗ୍ମ ସଂପାଦିକା ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପ ଭାବେ ଆଗ୍ରାହାଟସ୍ଥିତ ସରସ୍ୱତୀ ସାହିତ୍ୟ ସଂସଦ ତରଫରୁ ଓଡ଼ିଆ ନବବର୍ଷ ଓ କବିତାପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଂସଦ ସଭାପତି ସ୍ୱର୍ଣ୍ଣଲତା ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆଗ୍ରାହାଟ ବୈଦ୍ୟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଗବତ ରାଉତ, ଗୌତମ ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ସାହୁ, ବୈଦ୍ୟନାଥ ଖିଲାର, ମାନସ ରଞ୍ଜନ ସାମଲ, କେ.ସି.ପ୍ରତାପସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ଓଡ଼ିଆଭାଷା ସାହିତ୍ୟର ଇତିହାସ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ।ବିଜୟ ପ୍ରତାପ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠୋତ୍ସବରେ ବହୁ କବିଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ସୁରେନ୍ଦ୍ରନାଥ ଓଝାଙ୍କ ପ୍ରସ୍ତୁତ ଓଡ଼ିଆ ଦିନଲିପିକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଶିକ୍ଷାବିତ୍ ରମାନାଥ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀ ସାମୂହିକ କନ୍ୟା ବିବାହ ଯୋଜନା



ନୟାଗଡ, (ପିପିଏସ୍): ନୟାଗଡ଼ ଆଜି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଉପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରିଥିବା ବେଳେ, ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ନୟାଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ଭୂୟାଁ, ନୟାଗଡ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟଶ୍ରୀ ପଟ୍ଟ ନାୟକ ପରିଚାଳନା କରିଥିଲା ବେଳେ ଏହାର ସଫଳ ଆୟୋଜନ ପାଇଁ ସ୍ୱେଚ୍ଛାସେବୀ ସଂଗଠନ(ସେବା) କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୧.୦୪.୨୦୨୬ରିଖ ଦିନ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ଏହି ଅଭିନବ କାର୍ଯ୍ୟକ୍ରମରେ ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ୨୨ଜଣ କନ୍ୟାମାନଙ୍କର ଏକ ଗଣ ବିବାହ କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପ୍ରତ୍ୟେକ କନ୍ୟାକୁ କନ୍ୟାଧନ ସ୍ୱରୂପ ୩୫୦୦୦ଟଙ୍କା ଅର୍ଥରାଶି ଡିବିଟି ମାଧମରେ ପ୍ରଦାନ କରାଯିବ। ଉକ୍ତ ଦିନ ସକାଳ ୬ଘଟିକା ଠାରୁ ଶୁଭ ଲଗ୍ନରେ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହେବା ର ବ୍ୟବସ୍ଥା ରହିଛି। ଏଥିରେ କନ୍ୟାଘର ଓ ବରଘର ତରଫରୁ ୨୦ଜଣ ସମ୍ପର୍କୀୟ ସାମିଲ ହେବାର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରସନ୍ନ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ,ଜେଇ ଜନସ୍ୱାସ୍ଥ୍ୟ, ବିଭିନ୍ନ ବ୍ଲକରୁ ଆସିଥିବା ସିଡ଼ିପିଓମାନେ , ସେବା ଅନୁଷ୍ଠାନର ସମ୍ପାଦକ ଅମରେନ୍ଦ୍ର କୁମାର ଦାସ ପରିଜା, ଉପସଭାପତି ସଂଜୟ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ ।

# କୁଶଭଦ୍ରା ନଦୀକୁ ଚିରସ୍ରୋତା କରିବାକୁ ଦାବି



ଚାରିଛକ,(ପିପି ଏସ)କୁଶଭଦ୍ରା ନଦୀକୁ ଚିରସ୍ରୋତା କରିବା ପାଇଁ କୁଶଭଦ୍ରା ବଞ୍ଚାଅ ଅଭିଯାନ ପକ୍ଷରୁ କୁଶଭଦ୍ରା ନଦୀର ଉତ୍ପତ୍ତିସ୍ଥଳ ବାଲିଅନ୍ତା ଠାରେ ପହଞ୍ଚି ବାସ୍ତବ ଚିତ୍ର ଅନୁଧ୍ୟାନ କରିବା ପରେ କୁଶଭଦ୍ରା ନଦୀ କୁ ଚିରସ୍ରୋତା କରିବାକୁ ଦାବି କରାଯାଇଛି। ସଙ୍ଗଠନ ର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଂଜନ ରାଉତରାୟ, ବିଜୟାନନ୍ଦ ଦାଶ, ଉପଦେଷ୍ଟା ରଂଜିତ ରଥ, ଅଜୟ ମିଶ୍ରଙ୍କ ସମେତ ଅନେକ ଯୁବସାଥୀ କୁଆଖାଇ ମୁହାଁଣ ରୁ କୁଶଭଦ୍ରା ର ବାସ୍ତବ ଚିତ୍ର ସମ୍ପର୍କରେ ଜଳ ସଂପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରି କୁଶଭଦ୍ରାକୁ ଚିରସ୍ରୋତା କରିବା ପାଇଁ ଦାବି ଜଣାଇ ଥିଲେ । ନିମାପଡ଼ା, ଗୋପ, ପୁରୀ ସଦର, ବାଲିଅନ୍ତା, ବାଲିପାଟଣା ବ୍ଲକର ଲକ୍ଷ ଲକ୍ଷ ଜନସାଧାରଣ କୁଶଭଦ୍ରା ନଦୀର ପୁନଃରୁଦ୍ଧାର ସହ ଚିରସ୍ରୋତା ପାଇଁ ଅନେକ ସମୟରେ ଆନ୍ଦୋଳନ କରିଥିଲେ ମଧ ତାହା ଅଦ୍ୟାବଧି ସଫଳ ହୋଇ ନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବାଲିଅନ୍ତା ଠାରୁ ଭିଙ୍ଗାରପୁର ୮ କିମି ପର୍ଯ୍ୟନ୍ତ ନଦୀ କୁ ୧୦୦ ମିଟର ଚଉଡ଼ା ରେ ନଦୀ ଶଯ୍ୟା କୁ ଖନନ କରାଯିବାକୁ ଦାବି କରା ଯାଇଥିଲା। କୁଶଭଦ୍ରା ନଦୀର ତଳ ମୁଣ୍ଡ ପର୍ଯ୍ୟନ୍ତ ପାଣି ଯିବା, ଭୂତଳ ଜଳସ୍ତର ହ୍ରାସ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା ଓ କୁଶଭଦ୍ରାରେ ପାଣି ଆସିଲେ ଚାଷୀ ଓ କୃଷକଙ୍କ ସମସ୍ୟା ସମାଧାନ ସହିତ ମତ୍ସ୍ୟଜୀବୀମାନେ ଉପକୃତ ହୋଇପାରିବେ ବୋଲି ଅଭିଯାନ ପକ୍ଷରୁ ମତ ପ୍ରକାଶ ପାଇଛି । କୁଶଭଦ୍ରା ନଦୀ ଖନନ ସହ ନଦୀରେ ପାଣି ଆସିବା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

# ୧୧୫ ଗ୍ରାମ୍ ହିରୋଇନ ସହ ମୋବାଇଲ ଜବତ



ଚାରିଛକ,( ପି ପି ଏସ) ଆଜି ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଚାରିଛକ ନିକଟସ୍ଥ ତମ୍ପାଳ ଛକ ଉପରେ ଚଢ଼ାଉ କରାଯାଇ ଜୈନିକ ଯୁବକ ଙ୍କୁ ଗିରଫ କରାଯିବା ସହିତ ତାଙ୍କ ଠାରୁ ୧୧୫ ଗ୍ରାମ ହିରୋଇନ, ନଗଦ ୧୨ ଶହ ଟଙ୍କା ସହିତ ଏକ ମୋବାଇଲ ଜବତ କରାଯାଇଛି। ପ୍ରକାଶ ଯେ, ଗୋପ ଥାନା ଗଡ଼ସିଠା ଗ୍ରାମ ର ସୁମନ ଦାସ (୨୨) ନାମକ ଯୁବକ ତମ୍ପାଳ ଛକ ଠାରେ ହିରୋଇନ ବିକ୍ରି କରୁଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ହିରୋଇନ ବିକ୍ରୀ କରୁଥିବା ଯୁବକ ଙ୍କୁ ଗିରଫ କରା ଯାଇଥିଲା। ଗିରଫ ଯୁବକ ଙ୍କୁ ନିମାପଡ଼ା କୋର୍ଟ କୁ ଚାଲାଣ କରା ଯାଇଥିବା ବେଳେ ଏ ସଂକ୍ରାନ୍ତ ରେ ଏକ ମାମଲା ରୁଜୁ କରାଯାଇଛି। ନିମାପଡ଼ା ଅବକାରୀ ଥାନା କେଶ ନମ୍ବର ୫/୨୬।

# ଟ୍ରାଫିକ ସମସ୍ୟା ଭିତରେ ଘାଣ୍ଟି ହେଉଛି ଧୂଷୁରୀ ବଜାର

## ନୀରବରେ ପ୍ରଶାସନ



ଧୂଷୁରୀ,(ପିପିଏସ୍): ଧାମନଗର ବ୍ଲକର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଧୂଷୁରୀ ବଜାରରେ ଏବେ ଟ୍ରାଫିକ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତା ଉପରେ ଦିନକୁ ଦିନ ବଢୁଥିବା ଅବରୋଧ ଓ ଜନଗହଳି ଯୋଗୁଁ ସାଧାରଣ ଯାତ୍ରୀଙ୍କଠାରୁ ଆରମ୍ଭ କରି ରୋଗୀ ଓ ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଷୁରୀ ନିକଟବର୍ତ୍ତୀ ପ୍ରାୟ ୨୦ଟି ଗ୍ରାମ ସମେତ ତିହିଡି ଓ ଯାଜପୁର ସୀମାନ୍ତ ଅଞ୍ଚଳର ହଜାର ହଜାର ଲୋକ ଏହି ବଜାର ଉପରେ ନିର୍ଭରଶୀଳ। ମାତ୍ର ସାପ୍ତାହିକ ହାଟ ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନଥିବାରୁ ବ୍ୟବସାୟୀମାନେ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ ମାଡ଼ି ବସୁଛନ୍ତି ।କିଛି ବ୍ୟବସାୟୀ ସରକାରୀ ଜମିକୁ ଜବରଦଖଲ କରି ସ୍ଥାୟୀ ଦୋକାନ ଘର କରିଥିବା ବେଳେ ଉଠା ଦୋକାନୀମାନେ ରାସ୍ତା ଉପରେ ପସରା ମେଲାଇବା ଫଳରେ ଯାତାୟାତ ପାଇଁ ସ୍ଥାନ ରହୁନାହିଁ। ମାଛ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଥିଲେ ହେଁ ପ୍ରାୟ ୨୦ରୁ ଅଧିକ ବ୍ୟବସାୟୀ ହାଇସ୍କୁଲ ଛକ ନିକଟରେ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଛନ୍ତି, ଯାହା ଭିଡ଼କୁ ଦ୍ୱିଗୁଣିତ କରୁଛି ।ଟ୍ରାଫିକ ସମସ୍ୟା ଏଭଳି ଜଟିଳ ହୋଇଛି ଯେ, ବସଷ୍ଟାଣ୍ଡରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ମାତ୍ର ୩୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ଗାଡ଼ିମାନଙ୍କୁ ୨୦ରୁ ୩୦ ମିନିଟ ସମୟ ଲାଗୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ଘଟଣା ପାଲଟିଛି ।ପୂର୍ବରୁ ହାଟକୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖକୁ ସ୍ଥାନାନ୍ତର କରାଯାଇଥିଲେ ମଧ ପରବର୍ତ୍ତୀ ସମୟରେ ତାହା ପୁଣି ରାସ୍ତା ଉପରକୁ ଫେରିଆସିଛି। ପୁଲିସ ଓ ସ୍ଥାନୀୟ ପ୍ରଶାସନ ସବୁ ଦେଖୁଥିଲେ ମଧ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଧୂଷୁରୀକୁ ବ୍ଲକ ମାନ୍ୟତା ଦେବା ପାଇଁ ଦାବି ହେଉଥିବା ବେଳେ ଏହି ମୌଳିକ ସମସ୍ୟାର ସମାଧାନ ନହେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦେବଗଡ଼ ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା




ଦେବଗଡ(ପିପିଏସ୍) : ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାରେ ଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ସମସ୍ୟା ର ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ ।ଯଥା ସ୍ୱଚ୍ଛ ଭାରତ ମିଶନ,ଗ୍ରାମୀଣ ଆବାସ,ମହାତ୍ମା ଗାନ୍ଧୀ ମନରେଗା ଇତ୍ୟାଦି ଉପରେ ତୁରନ୍ତ ସମାଧାନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର କଳିଙ୍ଗ ଆଶିଷ ଶତପଥି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସୂର୍ଯ୍ୟକାନ୍ତ ବରିହା,ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ,କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ ରିତିକାନ୍ତ ଶୁକ୍ଲା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାହୁପଡ଼ା ଗ୍ରାମରେ ପାନୀୟଜଳ ସଙ୍କଟ: ଲୋକେ ହନ୍ତସନ୍ତ



ବୌଦ୍ଧ(ପିପିଏସ୍) : ଖରାଦିନ ଆସିଲେ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ତାତି ବଢ଼ିବା ସହ ଜଳ ସଙ୍କଟ ମଧ ବଢ଼ିଥାଏ । ପାନୀୟଜଳ ଅଭାବରୁ ଅନେକ ସ୍ଥାନରେ ତଥା ପାହାଡ଼ିଆ ଅଞ୍ଚଳର ଲୋକମାନେ ଚୂଆ ଓ ନାଳର ପାଣିକୁ ବାଧ ହୋଇ ପିଇବା ପାଇଁ ବ୍ୟବହାର କରିଥାନ୍ତି । ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ପାନୀୟଜଳ ସମସ୍ୟା ଦୂର ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଛୋଟ ବଡ଼ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି । କିନ୍ତୁ କେତେକ କ୍ଷେତ୍ରରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ତଥା ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ସମ୍ପୃକ୍ତ ଯୋଜନା ବା ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇନପାରିବାର ଅଭିଯୋଗ ଆସିଥାଏ । ତେବେ ଏପରି ସମସ୍ୟା ବୌଦ୍ଧ ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, ଏହି ବ୍ଲକ ଅନ୍ତର୍ଗତ ଅଁଳାପାଲି ଗ୍ରାମ ପଞ୍ଚାୟତ ସାହୁପଡ଼ା ଗ୍ରାମରେ ପାନୀୟଜଳ ସଙ୍କଟ ଗ୍ରୀଷ୍ମ ଆରମ୍ଭରୁ ଉତ୍କଟ ହୋଇଛି । ଦୁଇଟି ଓ୍ୱାର୍ଡକୁ ନେଇ ଗଠିତ ସାହୁପଡ଼ା ଗ୍ରାମର କିଛି ଅଞ୍ଚଳକୁ ମେଗା ପାନୀୟ ଜଳ ପହଞ୍ଚି ପାରୁଥିବା ବେଳେ ଅଧା ପରିବାର ଜଳ ସଙ୍କଟର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଗ୍ରାମରେ ଲାଗିଥିବା ବିଭିନ୍ନ ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକରୁ ପାଣି ବାହାରୁ ନ ଥିବା ହେତୁ ଲୋକେ ମାଟିତଳେ ଯାଇଥିବା ପାଇପ୍ ଲାଇନ୍ କାଟି ପାନୀୟ ଜଳ ସଂଗ୍ରହ କରୁଛନ୍ତି ସ୍ୱ । ଜଳଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସୁଧାରିବା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିବା ବେଳେ କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପାନୀୟ ଜଳରୁ ବଞ୍ଚିତ ଶତାଧିକ ପରିବାର ଦାବି କରିଛନ୍ତି ।

# ଡକାୟତ ଗ୍ୟାଙ୍ଗ ଓ ଗ୍ରାମବାସୀ ମୁହାଁମୁହିଁ , ଜଣେ ଆହତ

ମାଲକାନଗିରି : ମାଲକାନଗିରି ଜିଲ୍ଲା ଏମଭି-୭୯ ଥାନା ଅନ୍ତର୍ଗତ ତାମନପାଲୀ ପାହାଡ଼ ନିକଟରେ ଗତକାଲି ରାତିରେ ଅଭାବନୀୟ ଘଟଣା ଘଟିଛି । ଚେଳି ଚୋରିକୁ ନେଇ ଡକାୟତ ଗ୍ୟାଙ୍ଗ ଓ ଗ୍ରାମବାସୀ ଙ୍କ ମଧ୍ୟରେ ମୁହାଁମୁହିଁ । ଡକାୟତ ଗ୍ୟାଙ୍ଗ ବନ୍ଧୁକ ଚାଳନା କରିବାରୁ ଜଣେ ଗ୍ରାମବାସୀଙ୍କ ହାତରେ ଗୁଳି ବାଜିବାରୁ ଆହତ ହୋଇଛନ୍ତି । ସୂଚନା ଅନୁସାରେ, ୫ଜଣିଆ ଡକାୟତ ଗ୍ୟାଙ୍ଗ ପଡିଆ ଅଞ୍ଚଳରୁ କିଛି ଛେଳି ଚୋରି କରି ଆଣିବା ସମୟରେ ଗ୍ରାମବାସୀମାନେ ଜାଣି ପାରି ଡକାୟତଙ୍କ ପିଛା କରିଥିଲେ । ଡକାୟତମାନେ ତାମନପାଲୀ ପାହାଡ଼ ନିକଟରେ ଛେଳିମାନଙ୍କୁ ଲୁଚାଇ ରଖିଥିବା ବେଳେ ଗ୍ରାମବାସୀଙ୍କ ସହିତ ଡକାୟତ ଗ୍ୟାଙ୍ଗ ମଧ୍ୟରେ ମୁହାଁମୁହିଁ ହୋଇଥିଲା । ଡକାୟତମାନେ ଗ୍ରାମବାସୀଙ୍କ ଉପରକୁ ଗୁଳି ଚଳାଇଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଦୁଇଜଣ ଡକାୟତଙ୍କୁ କାବୁ କରିଥିଲେ ଗ୍ରାମବାସୀ । ଘଟଣାସ୍ଥଳରୁ ୩ ଜଣ ଡକାୟତ ଖସିଯିବାରେ ସଫଳ ହୋଇଥିଲେ । ଖବର ପାଇ ଘଟଣାସ୍ଥଳରେ ଏମଭି-୭୯ ପୁଲିସ ପହଞ୍ଚି ଦୁଇଜଣ ଡକାୟତ ଯତଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି ଦୁଇଜଣ ଡକାୟତଙ୍କ ନାମରେ ପୂର୍ବରୁ ଅନେ ମାମଲା ରହିଥିବା ସୂଚନା ମିଳିଛି । ଆହତ ଗ୍ରାମବାସୀ ଓ ଡକାୟତ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକଙ୍କ ଦାୟିତ୍ୱ ଗ୍ରହଣ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ବଶିଷ୍ଟ ବିଜେପି ନେତ୍ରୀ ମମୀତା ନାଏକ । ତାଙ୍କ ସହ ଉପାଧ୍ୟକ୍ଷ ଭାବେ ମାନସ କୁମାର ନାଏକ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ତାଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡ଼ ଫକିର ଚରଣ ନାୟକ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥଲେ । ଏହାପରେ ବିଜେପିର ବଶିଷ୍ଟ ନେତା ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥଲେ । ପ୍ରକାଶ ଯେ ମମିତା ନାଏକ ପୂର୍ବରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାବେ ବେଶ ଦକ୍ଷତା ସହ କାର୍ଯ୍ୟ ନିର୍ବାହ କରିଥିଲା ବେଳେ ପରେ ବିଜେପିର ବିଭିନ୍ନ ସଙ୍ଗଠନ ଦାୟିତ୍ୱ ତୁଲାଇଛନ୍ତି । ଆଗାମୀ ଦିନରେ ଜିଲ୍ଲାର ଆଦିବାସୀ ସମାଜର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପତିକ୍ରିୟା ରେ ପ୍ରକାଶ କରିଛନ୍ତି ।

# ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ : ୨୦ରେ ଗଣ୍ଡିଲା ଫିଟା ନୀତି

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଡିମିରୀମୁଣ୍ଡା ପଞ୍ଚାୟତର ବହୁ ପ୍ରସିଦ୍ଧ ବାମଣ୍ଡା ଗଡ଼ଜାତର ପ୍ରାଚୀନତମ ଶଗଡ଼େଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଆଗାମୀ ଜୁନ ୧୮ ଓ ୧୯ ତାରିଖରେ ହେବାକୁ ଥିବା ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ-୨୦୨୬ ପାଇଁ ନୃପଲାଲ ପଲେଇଙ୍କ ସଭାପତିତ୍ୱରେ କର୍ତ୍ତା ଚୟନ ସହ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମନ୍ଦିରର ପୃଷ୍ଠପୋଷକ ତଥା ପରମ ଭକ୍ତ ଦିବଙ୍ଗତ ଶଶୀଭୂଷଣ ବଡ଼େଇଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ମଳୟ ବେହେରା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭାପତି ନୃପଲାଲ ପଲେଇ ବିଗତ ବର୍ଷମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ଉପରେ ବିସ୍ତୃତ ସୂଚନା ଦେଇଥିଲେ । ବିଭିନ୍ନ ବିଚାର ବିମର୍ଷ ପରେ ବୈଠକରେ ଉପସ୍ଥିତ ଥିବା ସିଙ୍କଲମୁଣ୍ଡା ନିବାସୀ ମଣ୍ଟୁ ପଟେଲ ଓ ସହଧର୍ମିଣୀ ସଙ୍ଗୀତା ପଟେଲଙ୍କୁ ବରକର୍ତ୍ତା ତଥା ସୁନ୍ଦରଗଡ଼ ପଟୂଆଡିହି ନିବାସୀ ପ୍ରଭାସ ପଟେଲ ଓ ସହଧର୍ମିଣୀ ମୋନାଲିସା ନାଏକଙ୍କୁ କନ୍ୟାକର୍ତ୍ତା ଭାବେ ସହମତି ଆଧାରରେ ଚୟନ କରାଯାଇଥିଲା । ଆସନ୍ତା ଅପ୍ରେଲ ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗଣ୍ଡିଲା ଫିଟା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟି ସଭାପତି ରୁଦ୍ର ନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, ରାଜା ଶର୍ମା, ନରେନ୍ଦ୍ର ପଲେଇ, ସନ୍ତୋଷ ଠାକୁର, ସତୀଶ ମହାକୁଳ, ମିତ୍ରଭାନୁ ରାଏ, ଅତୁଲ ପାତ୍ର, ଗୁରୁଚରଣ କିସାନ, ରାଜେଶ ମହାପାତ୍ର, କିଶୋର ମହାପାତ୍ର, ସଞ୍ଜୀବ କୁମାର ପଣ୍ଡା, ହିମାଂଶୁ ପଲେଇ, କୋଷାଧ୍ୟକ୍ଷ ରତନଲାଲ ସିଂହ ପ୍ରମୁଖ ଉପସ୍ଥିତ ରହି ମତାମତ ଦେଇଥିଲେ ।

# ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ

ମାଲକାନଗିରି : ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ମାଲକାନଗିରି ଜିଲ୍ଲାରେ ମହାସମାରୋହରେ ପାଳିତ ହୋଇଯାଇଛି । ସ୍ଥାନୀୟ ବସ୍ ଷ୍ଟାଣ୍ଡ ପରିସରରେ ଅବସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ, ବାବା ସାହେବ କେବଳ ସମ୍ବିଧାନର ପ୍ରଣେତା ନୁହନ୍ତି, ସେ ଥିଲେ କୋଟି କୋଟି ଶୋଷିତ ଓ ବଂଚିତଙ୍କ ଆଶାର କିରଣ । ତାଙ୍କ ଦ୍ୱାରା ଦର୍ଶାଯାଇଥିବା ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ କର ମନ୍ତ୍ରକୁ ପାଥେୟ କରି ଆମକୁ ଏକ ସମୃଦ୍ଧ ସମାଜ ଗଠନ କରିବାକୁ ହେବ । ସତ୍ୟ ନାରାୟଣ କଲେଜ ଓ ଘଡ଼େଇ କଲେଜର ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଜୟଗାନ କରିଥିଲେ । ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସରାବୁ କହିଥିଲେ ଯେ, ବାବା ସାହେବଙ୍କ ଜୀବନୀ ଏକ ସଂଘର୍ଷ ଓ ସଫଳତାର କାହାଣୀ । ଛାତ୍ରଛାତ୍ରୀମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଗଠନରେ ନିଜକୁ ନିୟୋଜିତ କରିବା ଉଚିତ । ଶିକ୍ଷା ହିଁ ସଶକ୍ତିକରଣର ଏକମାତ୍ର ମାଧ୍ୟମ । ସେହିପରି ଉପ-ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ ଯେ, ସମ୍ବିଧାନ ପ୍ରଣେତାଙ୍କ ଦର୍ଶାଯାଇଥିବା ସମାନତା ଓ ନ୍ୟାୟର ପଥରେ ଚାଲିବା ଆମ ସମସ୍ତଙ୍କର କର୍ତବ୍ୟ । ଶୃଙ୍ଖଳିତ ଜୀବନ ଜରିଆରେ ହିଁ ଆମେ ବାବା ସାହେବଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେଇପାରିବା । ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ସେଠୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ସମାଜର ପ୍ରତ୍ୟେକ ବର୍ଗର ଉନ୍ନତି ପାଇଁ ଆମ୍ବେଦକରଙ୍କ ଚିନ୍ତାଧାରା ଆଜି ବି ପ୍ରାସଙ୍ଗିକ । ନିଜର ଅଧିକାର ଓ କର୍ତବ୍ୟ ପ୍ରତି ସଚେତନ ରହି ସମସ୍ତେ ଦେଶର ପ୍ରଗତିରେ ଭାଗିଦାର ହୁଅନ୍ତୁ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଏଥିରେ ମାଲକାନଗିରି ଆର୍ଟ୍ସ କଲେଜ, ଉଚ୍ଚ ମହିଳା ମାଧ୍ୟମିକ ବିଦ୍ୟାଳୟ ଓ ଘଡ଼େଇ କଲେଜର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଭାଗୀୟ କର୍ମଚାରୀ ହରେକୃଷ୍ଣ କୀର୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ ।

# ଆମେ ଓଡ଼ିଆ, ଆମ ଗୀତ ବଢ଼ିଆ କାର୍ଯ୍ୟକ୍ରମ

ଜୟପୁର : ଆମେ ଓଡ଼ିଆ, ଆମ ଗୀତ ବଢ଼ିଆ କାର୍ଯ୍ୟକ୍ରମ ଜୟପୁର ରାଜାନହର ଠାରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଛଳକ୍ଷକ୍ତ ତାରା ପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ଆକାଶବାଣୀ ର ଟପ ଗ୍ରେଡ଼ ମ୍ୟୁଜିକ କମ୍ପଜେର, ତଥା ବରିଷ୍ଠ କଳାକାର ବିଜୟ କୁମାର ସାମନ୍ତରାୟ, ଇଂ. ତ୍ରିଲୋଚନ ପଣ୍ଡା, ଇଂ ଏନସି ମଲ୍ଲିକ, ଇଂ. ତ୍ରିଲୋଚନ ପଣ୍ଡା, ଇଂ. କେଦାର ବେହେରା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବହୁତ ଲୋକପ୍ରିୟ ପୁରୁଣା ଆଉ ନୂଆ ଓଡ଼ିଆ ଗୀତର କାର୍ଯ୍ୟକ୍ରମ ଅନେକ ରାତି ଯାଏଁ ଚାଲିଥିଲା ଏବଂ ଏଭଳି ଗୀତଗୁଡ଼ିକ ଆଉ ସଂଗୀତ କାର୍ଯ୍ୟକ୍ରମରେ ଶୁଣିବାକୁ ମିଳୁ ନଥିବାରୁ ଦର୍ଶକ ବିଳମ୍ବିତ ରାତି ଯାଏଁ ଉପଭୋଗ କରିଥିଲେ । ଆଜି ମୁଁ ଶ୍ରାବଣୀ, ସ୍ମୃତି ଏକ ରୁପା ଜହ୍ନ, ଯମୁନା ଯାଆନା, ମୁଁ ପରଦେଶୀ ଚଢେଇ, ଝିମି ଝିମି ତା ମଜା, ମୋର ମନ ଉଡି ଉଡି ଯାଏ, ସାଥିରେ ମୁଁ ଯେ, ପାଦରେ ପାଦ ଛନ୍ଦା, ଚାନ୍ଦ ନା ତୁମେ ତାରା, ଏ ବନର ଛାଇ, ଅଭିମାନିନୀ ମୁଁ, ଶାମୁକା ଶାମୁକା ଏମିତି ବହୁତ ସୁନ୍ଦର ସୁନ୍ଦର ଗୀତ କୁ ଗାଇଥିଲେ ସନାତନ ପୁରୋହିତ ଦାସ, ଡ଼ ରୁପେଶ ବେଉରିଆ, ପ୍ରଜ୍ଞା ପଣ୍ଡା, ଅସ୍ମିତା ଷଡ଼ଙ୍ଗୀ, ସୁଶ୍ରୀତା ଅଧିକାରୀ, ଲୋରୀ ଲୋପାମୁଦ୍ରା ଜେନା, ବିଶ୍ୱଜିତ ଦାସ, ଦିଲୀପ ନାୟକ, ସ୍ନେହା ମହାରଣା, ମୋନିକା ପଟନାୟକ, ଅପର୍ଣ୍ଣା ସାହୁ, ନୀହାର ପଟନାୟକ, କୁରବାନ ଅଲ୍ଲୀ ପ୍ରମୁଖ । ବାଦ୍ୟଯନ୍ତ୍ର କିବୋର୍ଡ଼ ରେ ଧିରେନ ପଟନାୟକ, ସେକ୍ସଫୋନ ରେ ରାହୁଲ ସାମନ୍ତରାୟ, ଲିଡ଼ ଗୀଟାର ରେ ଇଶ୍ୱର ସରାଫ, ବାସ ଗୀଟାର ରେ ସନାତନ ଦାସ, ଡ୍ରମ ରେ ଶ୍ରୀଶାନ୍ତ, ପେଡ଼ ରେ ପିୟୁଷ ପଟନାୟକ, ହେଣ୍ଡ ସୋନିକ ରେ ଶୁକମାନ ଶଗଡ଼ିଆ, ତବଲା ରେ ତରୁଣ ପାଣି । ମଂଚ ସଂଚାଳନ ଶ୍ରୀକାନ୍ତ ଦାସ, ପରିଚାଳନା ଜୟନ୍ତ ଦାସ । ସରୋଜ କାନ୍ତ ବେଉରିଆ ସ୍ମୃତି କମିଟି, କୋରାପୁଟିଆ କଳା ଓ କଳାକାର, ସ୍ୱର ଘୁଙ୍ଗୁର ଏବଂ ରିଲ ଷ୍ଟାର ଗ୍ରୁପ ଆୟୋଜନ କରିଥିଲେ ।

# ମହାବିଷୁବ ସଂକ୍ରାନ୍ତି ପାଳିତ

ଚମ୍ପୁଆ: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ନାରଦପୁର ଗ୍ରାମପଂଚାୟତର ଆଙ୍ଗୁଳିଆ ବିସ୍ଥାପିତ କଲୋନୀରେ ମହାଆଡମ୍ବରରେ ମହାବିଷୁବ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି । ହିନ୍ଦୁ ରୀତିନୀତି ଅନୁଯାୟୀ ଗତ ୧୧ ତାରିଖରୁ ଯଥାବିଧି ମା'ବାସୁଳୀ, ବୁଢା ବାସୁଳୀ ଓ ଶୀଖେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜକ ଦୁଷ୍ମନ୍ତ ଦାସ ତଥା ଘଟୁଆଳ ଚିନ୍ତାମଣି କାଣ୍ଡି ଓ ଦୁଃଖବନ୍ଧୁ ନାଏକଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଥିଲା । ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଖପାଖ ଅଂଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ତଥା ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମା'ଙ୍କ ଆଶିଷ ଲାଭ କରିଥିବାର ଦେଖିଅବାକୁ ମିଳିଥିଲା । ଏହି ଅବସରରେ କମିଟି ଦ୍ୱାରା ବାଦୀ ପାଲା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ପ୍ରଥମ କରି ଚଇତି ପର୍ବ ବିସ୍ଥାପିତ କଲୋନୀରେ ଆୟୋଜିତ ହୋଇଥିବା ବେଳେ ପୂର୍ବେ ତାହା ପୁରୁଣା ଚମକପୁର ଗ୍ରାମରେ ଆୟୋଜିତ ହେଉଥିଲା । ଚଇତି ପର୍ବକୁ ମା ବାସୁଳୀ ମେଳା କମିଟିର ସଭାପତି ଲିଙ୍ଗରାଜ ନାଏକ, ସମ୍ପାଦକ ପୁରୁଷୋତମ ନାଏକ, ଅର୍ଜୁନ ଚରଣ ବେହେରା, ଅମର ନାଏକ, ଇଶ୍ୱର ନାଏକ, ଚୌଧୁରୀ ନାଏକ, ଭାଗବତ ନାଏକ, ଅକ୍ଷୟ ନାଏକ, ଧବଳେଶ୍ୱର ନାଏକ, ଦୁଷ୍ମନ୍ତ ବେହେରା, ବିକାଶ ନାଏକ, ଚିନ୍ମୟ ଦାସଙ୍କ ସହିତ ଗ୍ରାମବାସୀ ସଫଳତା ପୂର୍ବକ ଆୟୋଜନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ବିକ୍ରମଦେବ ଛାତ୍ରାବାସ ବୁଲି ଦେଖିଲେ କୁଳପତି

ଜୟପୁର: ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତି ଡ. ହୃଷିକେଶ ସେନାପତି ଆଜି ବିକ୍ରମଦେବ ଛାତ୍ରାବାସ ବୁଲି ଦେଖିଛନ୍ତି । ଛାତ୍ରାବାସର ନୂତନ କୋଠା ଦେଖିବା ସହ ପୁରାତନ କୋଠାର ସ୍ଥିତି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଭୁତକୋଠି ପରି ପଡ଼ି ରହିଥିବା ଦେଖି ବିରକ୍ତ ଭାବ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଉଚ୍ଚ କର୍ତ୍ତୁପକ୍ଷଙ୍କୁ ଅବଗତ କରାଇ ଏହାର ମରାମତି କରି ଛାତ୍ରାବାସ ପୁନଃଉଦ୍ଧାର କରାଯିବ ବୋଲି ଆଲୋଚନା କରିଥିଲେ ।

# ସଂସ୍କୃତ ପରିଷଦର ବାର୍ଷିକ ଉତ୍ସବ



ବଲାଙ୍ଗିର,(ପିପିଏସ୍) : ନୃସିଂହ ମନ୍ଦିର ପରିସରରେ ସଂସ୍କୃତ ପରିଷଦ ବଲାଙ୍ଗିରର ବାର୍ଷିକ ଉତ୍ସବ ଆଇନଜୀବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ପ୍ରାଣବଲ୍ଲଭ ତ୍ରିପାଠୀ ଦୀପ ପ୍ରଜ୍ଜଳନ କରି ହନୁମାନଜୀଙ୍କ ପୂଜା ପରେ ସାମୂହିକ ଭାବେ ହନୁମାନ ଚାଳିଶା ଗଠନ କରାଯାଇଥିଲା । ମୁଖ୍ୟବକ୍ତା ନବୀନ କୁମାର ବେଦବାକ ସଂକଟମୋଚନ ଅନୁମାନଙ୍କ ଜୀବନୀ ଓ ବିଭିନ୍ନ ଚରିତ୍ରର ଦୃଷ୍ଟାନ୍ତ ଦେଇଥିଲେ । ସମ୍ପାଦକ ରାଜକିଶୋର ପଣ୍ଡା ବିଷୁବ ସଂକ୍ରାନ୍ତି ଓ ଜନଜୀବନ ଉପରେ ଏହାର ପ୍ରଭାବ ନେଇ ମତ ପ୍ରକାଶ କରିଥିଲେ । ଏହି ଅଧିବେଶନରେ ବ୍ରଜକିଶୋର ପଣ୍ଡା, ସିତାଂଶୁ ଶେଖର ନାୟକ, ପର୍ଶୁରାମ ନାୟକ, କେଶବ ଚନ୍ଦ୍ର ମିଶ୍ର, କିଶୋର ମୋହନ ମିଶ୍ର, ସଂକୀର୍ତ୍ତନ ତ୍ରିପାଠୀ ଅଂଶଗ୍ରହଣ କରି ନିଜସ୍ୱ ମତ ପ୍ରକାଶ କରିଥିଲେ । ଶେଷରେ ସଭାପତି ଙ୍କ ଭାଷଣ ପରେ ପର୍ଶୁରାମ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଆର୍ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ସମାରୋହ



ଦେବଗଡ(ପିପିଏସ୍) : ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସଂସ୍କୃତି ଭବନ ଠାରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ବରେଣ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଓ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜୀତ କୁମାର ଭୋଜ ଯୋଗଦେଇ ସମ୍ବିଧାନ ପ୍ରଣାୟତା ଡ଼ଃ ବି.ଆର ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅତିଥିମାନେ ସମ୍ବିଧାନ ପ୍ରଣାୟତା ଡ଼ଃ ବି. ଆର ଆମ୍ବେଦକର ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ପରେପରେ ବକ୍ତୃତା,ଚିତ୍ରାଙ୍କନ ଓ ମୁରୁଜ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମିତ୍ରଭାନୁ ମହାପାତ୍ର,ପ୍ରଫୁଲ୍ଲ ମହାପାତ୍ର,ସୁଶୀଲ କପରଦାର,ମାର୍କଣ୍ଡେଶ୍ୱର ଶତପଥି,ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଜନ୍ମାଜୟ ନାୟକ,ପ୍ରଦୀପ ପାତ୍ର,ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ,ଛାତ୍ର,ଛାତ୍ରୀ ,ସାମ୍ବାଦିକ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ ।

# ଧୁମ୍ଧାମରେ ପାଳିତ ପହିଲା ବୈଶାଖ ଓ ବଙ୍ଗୀୟ ନବବର୍ଷ

ମାଲକାନଗିରି : ପହିଲା ବୈଶାଖ ଅବସରରେ ବଙ୍ଗୀୟ ନବବର୍ଷକୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ବଙ୍ଗୀୟ ଗ୍ରାମଗୁଡିକରେ ଧୂମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ଏମଭି-୭୯ ଗ୍ରାମରେ ବେଶ ଉତ୍ସାହ ଓ ଆଡମ୍ବର ସହ ଏହି ନବବର୍ଷକୁ ପାଳନ କରାଯାଇଛି । ଗ୍ରାମର ବଙ୍ଗୀୟ ସମ୍ପ୍ରଦାୟ ସହ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହି ଉତ୍ସବରେ ସାମିଲ ହୋଇ ସାମ୍ପ୍ରଦାୟିକ ସମ୍ମିଳନ ଓ ସୌହାର୍ଦ୍ଦ୍ୟର ଅନନ୍ୟ ଦୃଶ୍ୟ ପ୍ରଦର୍ଶନ କରିଥିଲେ । ସକାଳୁ ଘରେ ଘରେ ପୂଜାର୍ଚ୍ଚନା ସାରିବା ପରେ ମହିଳା ଓ ପୁରୁଷ ମାନେ ନଗର କୀର୍ତନରେ ଭାଗ ନେଇଥିଲେ । ଭକ୍ତିମୟ ସଙ୍ଗୀତ, ଆଳତି ଓ ପରମ୍ପରାଗତ ଆଚାର-ବିଚାର ମାଧ୍ୟମରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ଅବସରରେ ସ୍ଥାନୀୟ ବଜାର ଓ ବ୍ୟବସାୟୀମାନେ ବିଶେଷ ପୂଜାର୍ଚ୍ଚନା କରି ନୂଆ ଖାତା ଖୋଲି ବ୍ୟବସାୟର ଶୁଭାରମ୍ଭ କରିଥିଲେ, ଯାହା ବଙ୍ଗୀୟ ପରମ୍ପରାର ଅଂଶ ଅଟେ । ଏମ.ଭି-୭୯ କ୍ଲବ ଘରେ ଥିବା ବରଗଛ ପରିସରରେ ଖିଚୁଡ଼ି ଭୋଗ ବଂଟନ କରାଯାଇଥିବା ବେଳେ, ଦୋକାନୀମାନେ ମିଠା ବଂଟନ କରି ନୂଆବର୍ଷର ଆନନ୍ଦକୁ ସାମୂହିକ ଭାବେ ପାଳନ କରିଥିଲେ । ଗ୍ରାମବାସୀମାନେ ନୂତନ ବସ୍ତ୍ର ପରିଧାନ କରି ପରିବାର ସହ ଏହି ଦିନଟିକୁ ଆନନ୍ଦମୟ ଭାବେ କାଟିଥିଲେ । ପିଠା, ପଣା ଓ ବିଭିନ୍ନ ପାରମ୍ପରିକ ଖାଦ୍ୟର ସ୍ୱାଦ ସହ ଥଣ୍ଡା ପାନୀୟ ଜଳ ବଂଟନ କରାଯାଇଥିଲା । ଉତ୍ସବକୁ ଅଧିକ ସାର୍ଥକ କରିବା ପାଇଁ ଗ୍ରାମର ଯୁବକ ମାନେ ଗଛଲଗାଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । "ନୂଆବର୍ଷ ନୂଆ ଆଶା ଓ ସମ୍ଭାବନା ନେଇଆସେ । ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ଆମର ଦାୟିତ୍ୱ," ବୋଲି ଜଣେ ଯୁବକ କହିଥିଲେ । ଏହି ଅବସରରେ ଗ୍ରାମର ବରିଷ୍ଠ ବ୍ୟକ୍ତି ସୁକୁମାର ମଣ୍ଡଳଙ୍କ ପକ୍ଷରୁ ଗାମୁଛା ବଂଟନ ସହ ଖିଚୁଡ଼ି, କ୍ଷୀରି ଭୋଗର ବିଶେଷ ବ୍ୟବସ୍ଥା କରାଯାଇଥିଲା । ଆଧ୍ୟାତ୍ମିକ ଓ ସାମାଜିକ ପରିବେଶରେ ଉତ୍ସବ ଅଧିକ ମନମୋହନୀୟ ହୋଇଉଠିଥିଲା ।

# ନାରୀଶକ୍ତି ବନ୍ଦନ ସମ୍ମିଳନୀ

ଜୟପୁର: ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଡିଟରିୟମ ଠାରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ଆୟୋଜିତ ହୋଇଯାଇଛି ଓ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର କମିଶନର ବବିତା ପାତ୍ର ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ଓ ଦେଶର ନାରୀଶକ୍ତି ପାଇଁ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଅନୁଷ୍ଠିତ ହେବାକୁ ଥିବା ବିଶେଷ ଅଧିବେଶନ ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଇବା ସହ ନାରୀ ଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କରେ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ ଓ ଏହା ସହ ନାରୀଶକ୍ତି କିପରି ସଶକ୍ତ ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ସେ ସମ୍ପର୍କରେ ସଚେତନ କରିବା ସହ ୯୬୬୭୧୭୩୩୩୩ ରେ ମିସଡ଼ କଲ ଦେଇ ନାରୀ ଶକ୍ତି ବନ୍ଦନା ଅଧିନିୟମକୁ ସମର୍ଥନ କରିବାକୁ ଆହ୍ୱାନ ଦେଇ ଥିଲେ ଓ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସରଂଜିତା ମାଝୀ, ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସ୍ନେହପ୍ରଭା ମାଝୀ, ସମାଜସେବୀ ପୂର୍ଣ୍ଣିମା ନାୟକ, ସ୍ୱାତୀ ଓଝା, ଅଞ୍ଜଳି ମିଶ୍ର ଯୋଗ ଦେଇ ମହିଳାମାନଙ୍କୁ ନିଜ ବକ୍ତବ୍ୟ ମଧ୍ୟମରେ ଉତ୍ସାହିତ କରିଥିଲେ ଓ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ପରିଚାଳନା କରିଥିଲେ ଓ ସମ୍ମିଳନୀ ପୂର୍ବରୁ ସ୍ଥାନୀୟ ଡିଏନକେ ଆମ ପାଠାଗାର ଠାରୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଡିଟରିୟମ ପର୍ଯ୍ୟନ୍ତି ଏକ ରାଲି ବାହାରିଥିଲା ।

## ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତା ଷଷ୍ଠ ଦିବସ

# ଡ୍ର ହେଲା ବାଳକ ଓ ବାଳିକା ବିଭାଗ ମ୍ୟାଚ୍



ଦେବଗଡ଼(ପିପିଏସ୍) : ଜ଼ିଲ୍ଲା କ୍ରୀଡା ସଂଘ ଓ ଜ଼ିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ରେ ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତଃ କ୍ଲବ୍ ଓ ଅନ୍ତଃ ଜିଲ୍ଲା ଖେଳ ପ୍ରତିଯୋଗିତା ୨୦୨୬ ଦ୍ୱିତୀୟ ସଂସ୍କରଣ ୧୦ ରୁ ତା ୧୯ ତାରିଖ ପର୍ଯ୍ୟନ୍ତ ୧୪ ବର୍ଷରୁ କମ୍ ବୟସ ର ପୁଅ ଏବଂ ଝିଅ ମଧ୍ୟରେ ଫୁଟବଲ୍, ଖୋକ ,ଭଲିବଲ୍ ଓ କବାଡି ଖେଳ ଅନୁଷ୍ଠିତ ହେଉଅଛି । ଷଷ୍ଠ ଦିବସରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ହେମନ୍ତ ସିଂ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଓ ବରେଣ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ପ୍ରିୟା ତିର୍କି ,ବରିଷ୍ଠ ନାଗରିକ ହେମନ୍ତ ମହାପାତ୍ର ,ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ ଓ ଉପସଭାପତି କ୍ରୀଡ଼ା ସଂସଦ ଦେବଗଡ଼ ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ପ୍ରଥମ ବାଳକ ବିଭାଗ ଫୁଟବଲ୍ ମ୍ୟାଚ୍ ରାଧାକୃଷ୍ଣ କ୍ଲବ୍ ଝରାକଣ୍ଡଲ ଓ ରେଙ୍ଗାଳବେଡା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏହି ମ୍ୟାଚ୍ ଟି ୧-୧ ଗୋଲ୍‌ରେ ଡ୍ର ହୋଇଯାଇଥିଲା ।ଦ୍ୱିତୀୟ ବାଳିକା ବିଭାଗ ମ୍ୟାଚ୍ ମା' ମଙ୍ଗଳା କ୍ଲବ୍ ତିଲେଇବଣି ଓ କୁଣ୍ଢେଇଗୋଳା ମନୋରମା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏହି ମ୍ୟାଚ୍‌ଟି ଡ୍ର ହୋଇଯାଇଥିଲା । ଖେଳକୁ ପରିଚାଳନା କରିଥିଲେ ସୌରଭ କୁମାର ନାୟକ ,ମୁକୁନ୍ଦ ବେହେରା, ଆଲୋକ କୁମାର ବେହେରା,ଚିନ୍ମୟ ସାହୁ ,ପ୍ରଦୀପ କିସାନ ଓ ମ୍ୟାଚ୍ କମିଶନର ପ୍ରଦୀପ କୁମାର ବେହେରା କାର୍ଯ୍ୟ ତୁଲାଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ଶିକ୍ଷକ, ଶିକ୍ଷୟତ୍ରୀ ,ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଶ୍ରୀ ନାୟକ ସଂଯୋଜନା କରିଥିଲେ ।

# ଜୟପୁର ଚାମ୍ବର ଅଫ୍ କମର୍ସର ନୂତନ କାର୍ଯ୍ୟକାରୀ କମିଟି ଗଠିତ

ଜୟପୁର: ଜୟପୁର ଚେମ୍ବର ଅଫ୍ କମର୍ସର କାର୍ଯ୍ୟକର୍ତ୍ତା ଚୟନ କମିଟି ବୈଠକ ବେଦିକା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇ ନୂତନ କାର୍ଯ୍ୟକାରୀ କମିଟି ଗଠନ ହୋଇଛି । ଚଳିତ ବର୍ଷ ୧୨ ଏପ୍ରିଲରେ ଅନୁଷ୍ଠିତ ନିର୍ବାଚନରେ ୨୧ ଜଣ ନିର୍ଦ୍ଦେଶକ ବିଜୟୀ ହୋଇଥିଲେ । ଏମାନଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପ୍ରାପ୍ତ ଜୟପୁରର ପ୍ରତିଷ୍ଠିତ ବ୍ୟବସାୟୀ ସଞ୍ଜୟ କୁମାର ଜୈନଙ୍କୁ ୧୪ ଏପ୍ରିଲ ଦିନ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ନିଯୁକ୍ତ କରାଗଲା ।ତା'ପରେ ଅନ୍ୟ ପଦବୀ ଚୟନ ପ୍ରକ୍ରିୟାରେ ଉପସଭାପତି ଭାବେ ଶତିସ ପାତ୍ର ଓ କେ. ଦିଲ୍ଲିପ ରେଡ୍ଡୀ, ସାଧାରଣ ସଂପାଦକ ଭାବେ ବି.ଶତିସ କୁମାର, କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ଜୈନ (ବମ୍ବେ ଷ୍ଟୋ) ଏବଂ ସହ-ସଂପାଦକ ଭାବେ ଲୋକନାଥ ପାତ୍ର ଓ ଅଙ୍କୁର ସୋନି ନିଯୁକ୍ତ ହୋଇଛନ୍ତି । ନିର୍ଦ୍ଦେଶକ ମଣ୍ଡଳୀରେ ଏ. ଶ୍ରୀନିବାସ ରାଓ, ବରୁଣ ଜୈନ, ବିଭୁଦତ ପାଢ଼ୀ, ସି.ଏଚ୍. କିଶୋର କୁମାର, ସି.ଏଚ୍. ଚନ୍ଦ୍ରେଶ ରାଠୋର, ଡି. ମାଧବ, ଦୀନେଶ ଶଙ୍କୁରି, ଗାମ୍ଭେଲି ବସନ୍ତ ରାଓ, ଜି. ରାମ କ୍ରୀଷ୍ଣା, କେଲା ଇଶ୍ୱର ରାଓ, ମନୋଜ କୁମାର ଶାହା, ନିମାନୀ ଚୈତନ୍ୟା, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଓ ଭି. ପ୍ରଭାକର ମନୋନୀତ ହୋଇଛନ୍ତି । ନୂତନ ସଭାପତି ଶ୍ରୀ ଜୈନ ଜଣାଇଛନ୍ତି ଯେ ବର୍ତ୍ତମାନ ଚେମ୍ବରର ୮୪୦ ଜଣ ସଦସ୍ୟ ରହିଛନ୍ତି । ଆଗାମୀ ଦିନରେ ଛୋଟ-ବଡ଼ ସମସ୍ତ ବ୍ୟବସାୟୀଙ୍କୁ ସଂଗଠନ ଅନ୍ତର୍ଭୁକ୍ତ କରି ସଦସ୍ୟ ସଂଖ୍ୟା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ଆଗାମୀ ଦିନରେ ଉପଦେଷ୍ଟାଙ୍କ ନାମ ଘୋଷଣା କରାଯିବ ବୋଲି ଜଣାପଡ଼ିଛି ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାଇଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୭।୦୪ ।୨୦୨୬ ■ ଶୁକ୍ରବାର

# ଏବେ ସମ୍ରାଟଙ୍କୁ କ୍ଷମତା

ଦଳୀୟ ଶାସିତ ରାଜ୍ୟମାନଙ୍କରେ ମୁଖ୍ୟମନ୍ତ୍ରୀ ଚୟନରେ ଭାରତୀୟ ଜନତା ପାର୍ଟି ସମସ୍ତଙ୍କୁ ଚକିତ କରିଆସୁଅଛି, କିନ୍ତୁ ବିହାରରେ ସମ୍ରାଟ ଚୌଧୁରୀଙ୍କ ନାମ ଏକପ୍ରକାରେ କାନ୍ଥରେ ଲେଖା ହୋଇ ଯାଇଥିଲା, ଯାହା ଏଥର ୧୪ ଏପ୍ରିଲ ସନ୍ଧ୍ୟାରେ ଔପଚାରିକ ଭାବେ ଘୋଷଣା କରାଗଲା । ପ୍ରଥମେ ରାଜ୍ୟ ସଭାପତି, ପୁଣି ଉପମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲାପରେ ଦଳ ସଂକେତ ଦେଇସାରିଥିଲା ଯେ ରାଜ୍ୟରେ ନେତୃତ୍ୱର କୌଣସି ସଂକଟ ନାହିଁ ଓ ତାଙ୍କୁ ଦାୟିତ୍ୱ ଶୀଘ୍ର ଦିଆଯିବ । ବିହାରରେ ନିଜର ମୁଖ୍ୟମନ୍ତ୍ରୀ ଅବସ୍ଥାପିତ କରିବାର ଦଶନ୍ଧି ଧରି ଥିବା ପୁରୁଣା ଆଶା ପୂରଣ ହେବାମାତ୍ରେ ହିଁ ସମ୍ରାଟ ଚୌଧୁରୀଙ୍କ ନାମ ଘୋଷଣା କରିବାରେ ଭାଜପା ଆଦୌ ବିଳମ୍ବ କରିନାହିଁ । ସମ୍ରାଟଙ୍କୁ ନିର୍ବାଚନ ଜରିଆରେ ଦଳ ରାଜ୍ୟର ପଛୁଆବର୍ଗଙ୍କ ଭାବନା ପ୍ରତି ଦୃଷ୍ଟି ଦେଇଛି, ଅପେକ୍ଷାକୃତ କମ୍ ବୟସର ସମ୍ରାଟଙ୍କର ଦୀର୍ଘ ରାଜନୈତିକ ଅନୁଭବ ପ୍ରତି ମଧ୍ୟ ଦୃଷ୍ଟି ରଖାଯାଇଛି । ଉଲ୍ଲେଖଯୋଗ୍ୟ ଯେ ୧୯୯୯ ମସିହାରେ ସମ୍ରାଟ ରାବଡୀ ଦେବୀଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ । ତା'ପରେ ସେ ଅନେକବାର ବିଧାୟକ ଓ ମନ୍ତ୍ରୀ ହୋଇଛନ୍ତି । ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ସିଏ ରାଜ୍ୟର ସମସ୍ୟା ପ୍ରତି ସଚେତନ ଅଛନ୍ତି ଓ ନିଜର ଅନୁଭବ ଦ୍ୱାରା ସମୃଦ୍ଧ ହୋଇଛନ୍ତି । ତେଣୁ ବିହାର ତାଙ୍କ ଅନୁଭବର ଫାଇଦା ପାଇବ ବୋଲି ଆଶା କରାଯାଏ ।

କୌଣସି ବି କ୍ଷମତା, ବିଶେଷକରି କ୍ଷମତାର ଆସନ ଏମିତି ସହଜରେ ମିଳେନାହିଁ, ତାହା ନିଜ ସହ ଅନେକ ଦାୟିତ୍ୱର ଭାରି ବୋଝ ନେଇ କରି ଆସେ । ସମ୍ରାଟ ଚୌଧୁରୀଙ୍କ ଆଗରେ କେବଳ ବିହରର ଜନତାଙ୍କ ସାମନାରେ ଜଣେ କୁଶଳ ପ୍ରଶାସକ ଭାବେ ନିଜର ଛାପ ଛାଡ଼ିବାର ଆହ୍ୱାନ ଅଛି ତା' ନୁହେଁ, ବରଂ ଦଳ ଓ ତହିଁର କର୍ମକର୍ତ୍ତାମାନଙ୍କ ଆଶାନୁରୂପ ଦକ୍ଷତା ପ୍ରତିପାଦିତ କରିବାକୁ ପଡ଼ିବ । ଏ କାର୍ଯ୍ୟ ସହଜ ନୁହେଁ । ତା' ପୁଣି ଆହୁରି ଆହ୍ୱାନପୂର୍ଣ୍ଣ ଯେବେ ପ୍ରଥମଥର ଲାଗି ଜନତା ଦଳ-ୟୁ ମୁଖ୍ୟମନ୍ତ୍ରୀବିହୀନ ହେଉଛି ଓ ତାହାର ନେତା ତଥା କର୍ମକର୍ତ୍ତାମାନେ ଅନେକ ମାତ୍ରାରେ ଦୁଃଖୀ ହୋଇଥିବେ । ଏହିଠାରେ ସମ୍ରାଟଙ୍କ ନେତୃତ୍ୱର ପରୀକ୍ଷା ହେବ । ମିଳିତ ମନ୍ତ୍ରିମଣ୍ଡଳକୁ ସଠିକ୍ ଭାବେ ତାଙ୍କୁ ପରିଚାଳନା କରିବାକୁ ହେବ । ଅବଶ୍ୟ, ସେ ପାଇଁ ସିଏ ପ୍ରସ୍ତୁତ ଏବଂ ଗୃହରେ ବିରୋଧୀପକ୍ଷର ଅଙ୍କଗଣିତ ବହୁତ ଦୁର୍ବଳ ଓ ଆଗାମୀ ଲୋକସଭା ହେଉ କି ବିଧାନସଭା ନିର୍ବାଚନ ହେବାରେ ଏବେ ବିଳମ୍ବ ଅଛି । ତାଙ୍କ ପାଖରେ ଦୀର୍ଘପଥ ଅତିକ୍ରମ କରିବା ପାଇଁ ପୂରା ସମୟ ଅଛି, କିନ୍ତୁ ସମ୍ରାଟ କେବେ ଭୁଲିଯିବା ଉଚିତ ନୁହେଁ ଯେ ସିଏ ଏକ ମେଣ୍ଟ ସରକାରର ମୁଖ୍ୟ । ବିହାର ହେଉଛି ଅନେକ ପ୍ରୟୋଗର ମାଟି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏହାର ପୁରୋଧା ।

ସ୍ମରଣଯୋଗ୍ୟ ଯେ ୨୦୨୫ ବିଧାନସଭା ନିର୍ବାଚନରେ ସବୁଠାରୁ ବଡ଼ ଦଳ ଭାବେ ନିର୍ବାଚିତ ହୋଇ ମଧ୍ୟ ଭାରତୀୟ ଜନତା ପାର୍ଟି ନୀତିଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ଆସନ ସମର୍ପି ଦେଇଥିଲା । ସେତେବେଳୁ ଅଟକଳ ଲଗାଯାଉଥିଲା ଯେ ପରିବର୍ତ୍ତନ ନିଶ୍ଚିତ ଭାବେ ହେବ । ଦଳ ଅବଶ୍ୟ ସନ୍ତୋଷଲାଭ କରୁଥାଇପାରେ ଯେ କ୍ଷମତାର ହସ୍ତାନ୍ତରଣ ଅତ୍ୟନ୍ତ ଶାଳୀନତାପୂର୍ଣ୍ଣ ଭାବେ ହୋଇଯାଇଛି । ଭାଜପାର ଏଜେଣ୍ଡାରେ ବିହାର କେତେ ମହତ୍ତ୍ୱପୂର୍ଣ୍ଣ, ତାହାର ଅନୁମାନ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନୀତିନ ନବୀନ ଅଧିଷ୍ଠିତ ହେବା ଘଟଣାରୁ କରାଯାଇପାରେ । ରାଜ୍ୟସଭାର ଉପ-ସଭାପତି ମଧ୍ୟ ବିହାରରୁ ନିର୍ବାଚିତ ଓ ଏସବୁ ପଦପଦବୀ ଜରିଆରେ ଭାଜପା ବିହାରରେ ନିଜର ସାମାଜିକ ସମୀକରଣକୁ ସାବଧାନତାର ସହ ସାଧିବାରେ ଉଦ୍ୟମ କରିଚାଲିଛି । ସମ୍ରାଟ ଚୌଧୁରୀଙ୍କୁ ରାଜ୍ୟରେ ପ୍ରଗତିର ନୂଆ ପଟ୍ଟକଥା ଲେଖିବାକୁ ହେବ ଓ ସେପାଇଁ କେନ୍ଦ୍ରଠାରୁ ପୂର୍ଣ୍ଣମାତ୍ରାରେ ସହାୟତା ମିଳିବ ନିଶ୍ଚୟ । ନୀତିଶ କୁମାର ବିହାରକୁ ଏକ ନୂଆ ଛବି ପ୍ରଦାନ କରିଛନ୍ତି । ସମ୍ରାଟ ଚୌଧୁରୀଙ୍କୁ ତା' ଆଗକୁ ଯାଇ ଏପରି କିଛି କରିବାକୁ ହେବ, ଯାହା ଫଳରେ ଭାଜପା ତାହାକୁ ଭିତ୍ତିକରି ଭବିଷ୍ୟତ ଗଢ଼ିପାରିବ । ବିହାରରେ ଭାଜପା ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି, ଦଳର ପ୍ରଥମ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କ୍ଷମତାସୀନ ହେବା ଫଳରେ ।□□

# ଅନ୍ୟର ଦୋଷ

ଭଗବାନ ମଣିଷ ଭଳି ଦୁର୍ଲଭ ପ୍ରାଣୀ ସୃଷ୍ଟି କରିବା ବେଳେ ତାକୁ ଜ୍ଞାନ, ବୁଦ୍ଧି, ବିବେକ, ଗୁଣ ଓଦୋଷ ଦେଇ ଏ ସଂସାରକୁ ଛାଡିଥାନ୍ତି। ମାତ୍ର ଏ ମଣିଷ ନିଜ ବୁଦ୍ଧି, ବିବେକ ଓ ଜ୍ଞାନକୁ ଗୌଣ କରି କେବଳ ଅନ୍ୟର ନିନ୍ଦା, ଦୋଷ ତ୍ରୁଟିକୁ ଦେଖିବା କୁ ଶ୍ରେୟ ମନେ କରୁଛି ଯାହା ସମାଜ ପ୍ରତି ଶୁଭଙ୍କର ନୁହେଁ। ଏହାକୁ ନେଇ ପିଲାବେଳେ ବାପାଙ୍କଠୁ ଶୁଣିଥିବା କାହାଣୀଟିଏ ମନେପଡେ। ଦିନେ ଭଗବାନ ବୁଦ୍ଧଙ୍କୁ ତାଙ୍କର ଜଣେ ଶିଷ୍ୟ ସାଷ୍ଟାଙ୍ଗ ପ୍ରଣିପାତ କରି ହାତ ଯୋଡି ଠିଆ ହେଲା। ଶିଷ୍ୟର ଏପରି ଅବସ୍ଥା ଦେଖି ଭଗବାନ ବୁଦ୍ଧ ପଚାରିଥିଲେ ତୁମେ ମୋଠାରୁ କଣ ଚାହୁଁଛ ବତ୍ସ ? ଶିଷ୍ୟଟି ବିନମ୍ରତାର ସହ କହିଥିଲା ଭଗବାନ ଆପଣ ଯଦି ଆଜ୍ଞା ଦିଅନ୍ତି ତେବେ ମୁଁ ଦେଶ ଭ୍ରମଣ କରିବାକୁ ଚାହୁଁଛି। ଶିଷ୍ୟଟିର ଜିଜ୍ଞାଷା ଜାଣିପାରି ଭଗବାନ ବୁଦ୍ଧ କହିଥିଲେ ହେ ବତ୍ସ ଏ ସଂସାରରେ ଭଲ, ମନ୍ଦ ଅନେକ ପ୍ରକାରର ଲୋକ ରହିଛନ୍ତି। ମନ୍ଦ ଲୋକ ତୁମର ନିନ୍ଦା କରିବା ସହ ତୁମକୁ ଗାଳି ମଧ୍ୟ ଦେବେ। ସେ ସମୟରେ ତୁମର ମନୋଦଶା କିପରି ହେବ ? ଶିଷ୍ୟଟି ଉତରରେ କହିଲା ମୁଁ ଭାବି ନେବି ସେମାନେ ଅତ୍ୟନ୍ତ ଭଲ ଲୋକ କାରଣ ମୋ ଭିତରେ ଥିବା କିଛି ଦୂର୍ଗୁଣକୁ ସେମାନେ ଗାଳି ଦେଇ ମୋତେ ଚେତେଇ ଦେଇଛନ୍ତି ମାତ୍ର ସେମାନେ ମୋତେ ପ୍ରହାର କରି ନାହାଁନ୍ତି। ବୁଦ୍ଧ କହିଥିଲେ ଅନେକ ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ତୁମ ଉପରକୁ ଧୂଳି ପକାଇବା ସହିତ ପଥର ମଧ୍ୟ ମାରିବାକୁ ପଛାଇ ନଥାନ୍ତି। ମାତ୍ର ଶିଷ୍ୟଟି କହିଥିଲା ତଥାପି ମୁଁ ତାକୁ ଭଲବୋଲି ମନେ କରିବି କାରଣ ସେମାନେ ମୋତେ ଠେଙ୍ଗାରେ ପ୍ରହାର କରି ନାହାଁନ୍ତି। ବୁଦ୍ଧ କହିଥିଲେ ଠେଙ୍ଗାରେ ମାରିବା ଲୋକଭି ପାଂଚ, ଦଶ ଜଣ ନଶ୍ଚେ ବାହାରିବେ। ଶିଷ୍ୟ ଜଣକ କହିଥିଲେ ତଥାପି ମୁଁ ସେମାନଙ୍କୁ ଖରାପ କହିବିନି କାରଣ ମୁଁ ଭବିବି ସେମାନେ ମୋତେ ଅସ୍ତ୍ରରେ ଆକ୍ରମଣ କରିନାହାଁନ୍ତି ତେଣୁ ମୁଁ ତାଙ୍କୁ ଦୋଷ ଦେବିନି। ବୁଦ୍ଧ ପୁନଶ୍ଚ କହିଥିଲେ ଦେଶ ଭ୍ରମଣ ସମୟରେ ଅନେକ ଜଙ୍ଗଲ ପଡିପାରେ ସେଥିରେ ଡାକୁ ମାନଙ୍କର ନିବାସ ସେମାନେ ତୁମକୁ ଲୁଣ୍ଠନ କରିବା ସହ ଅସ୍ତ୍ରାଘାତ ଭି କରିବାକୁ ପଛଘୁଂଚା ଦେବେନି। ହେ ଗୁରୁଦେବ ସେ ଡାକୁମାନେ ମୋତେ ଅତ୍ୟନ୍ତ ଦୟାଳୁ ଲାଗିବେ କାରଣ ସେମାନେତ ମୋତେ ଜୀବନରେ ମାରି ନାହାଁନ୍ତି ! ଭଗବାନ ବୁଦ୍ଧ କହିଥିଲେ ତୁମେ କିପରି ଜାଣିଲ ଯେ ଡାକୁମାନେ ତୁମକୁ ଜୀବନରେ ନମାରି ଛାଡିଦେବେ ? ଶେଷରେ ଶିଷ୍ୟଟି କହିଲା ହେ ଭଗବାନ ଏ ସଂସାର ଦୁଃଖ ସ୍ୱରୁପ ଅଟେ। ଏଥିରେ ଅନେକ ଦିନ ଧରି ଜୀବିତ ରହିବା ଦଣ୍ଡକ ହିଁ ଦୁଃଖ ମାତ୍ର ଏ ଦୁଃଖରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟା କରିବା ମହା ପାପ। କିନ୍ତୁ ଅନ୍ୟକେହି ଯଦି ଏଭଳି ମହାନ କାମ କରି ମୃତ୍ୟୁ ପ୍ରଦାନ କରେ ସେଇଟାତ ମୋ ପ୍ରତି ତାର ଅସୀମ ଦୟା ହେବ।

ଉମାଶଙ୍କର ପ୍ରସାଦ,ଖୋର୍ଦ୍ଧା

# ଯୁଦ୍ଧ ନୁହେଁ, ଆଲୋଚନା ହେଉ

**ସୌଭାଗ୍ୟ ରଂଜନ ମହାନ୍ତି**

ପାକିସ୍ତାନର ଇସଲାମବାଦରେ ଇରାନ-ଆମେରିକା ମଧ୍ୟରେ ଦୀର୍ଘ ୨୧ଘଂଟା ଧରି ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, କିନ୍ତୁ ଏଥିରେ ବିସ୍ମିତ ହେବାର ନାହିଁ। ଦୁଇ ଦେଶ ମଧ୍ୟରେ ଉତେଜନାମୂଳକ ବୟାନବାଜୀ, ଦୀର୍ଘ ଦୂରତା, ପାଂଚ ଦଶନ୍ଧି ଧରି ଲାଗି ରହିଥିବା ଅବିଶ୍ୱାସ ଏବଂ ଦୁଇ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ସଫଳତା ଠାରୁ ଆଉ ମାତ୍ର କେଇପାଦ ବାକିଥିବା ବେଳେ ଇସ୍ରାଏଲର ପ୍ରରୋଚନାରେ ହଠାତ୍ ଆମେରିକାର ଆକ୍ରମଣ ଏବଂ ଦୀର୍ଘ ଦେଢମାସ ଧରି ଚାଲିଥିବା ଯୁଦ୍ଧରେ ପନ୍ଦର ଦିନିଆ ଅସ୍ତ୍ରବିରତି ମଧ୍ୟରେ ଅନୁଷ୍ଠିତ ପ୍ରଥମ ଶାନ୍ତି ଆଲୋଚନା ଯେ ସଫଳ ହେବ, ଏହା ଆଶା କରାଯାଇନପାରେ। କେବଳ ଏତିକି ନୁହେଁ, ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହିବା ପରେ ହଠାତ୍ ଶାନ୍ତି ଆଲୋଚନା ବିଫଳ ହେବା ନେଇ ଆମେରିକାର ଘୋଷଣା ଏବଂ ତତକ୍ଷଣାତ୍ ରାଷ୍ଟ୍ରପତି ଟ୍ରମ୍ପଙ୍କର ଉତେଜନା ମୂଳକ ବୟାନ ପରିସ୍ଥିତିକୁ ପୁଣି ଥରେ ଯୁଦ୍ଧ ମୁହଁକୁ ଠେଲି ଦେଇଛି ବୋଲି କୁହାଯାଇପାରେ।

ତେବେ ଇରାନ ଯେଉଁ ମନ୍ତବ୍ୟ ଦେଇଛି ବୋଲି କୁହାଯାଇପାରେ। ତେବେ ଇରାନ ଯେଉଁ ମନ୍ତବ୍ୟ ଦେଇଛି, ସେଥିରେ ଶାନ୍ତି ପ୍ରତିଷ୍ଠା ଆଶା ମଉଳି ନଥିବା କୁହାଯାଇପାରିବ। ଇରାନ ପାର୍ଲିଆମେଂଟର ବାଚସ୍ପତି କହିଛନ୍ତି ଯେ, ମାତ୍ର ଗୋଟିଏ ପର୍ଯ୍ୟାୟ ଆଲୋଚନାରେ କୌଣସି ସଫଳତା ଆଶା କରାଯାଇ ନପାରେ। ଅର୍ଥାତ ଆଗକୁ ଶାନ୍ତି ଆଲୋଚନା ପାଇଁ ଇରାନ ପ୍ରସ୍ତୁତ ଥିବା ସଂକେତ ପ୍ରଦାନ କରିଛି। କିନ୍ତୁ ହର୍ମୁଜ ପ୍ରଣାଳୀ ଅବରୋଧ ମୁକ୍ତ କରିବା ପାଇଁ ଆମେରିକା ମିତ୍ର ତଥା ନାଟୋ ସଦସ୍ୟମାନଙ୍କ ସହଯୋଗ ମାଗିବା ସହ ବ୍ୟାପକ ସେନା ଓ ଯୁଦ୍ଧ ଜାହାଜ ମୁତୟନ କରିବା ପରିସ୍ଥିତିକୁ ଅଣାୟତ କରିଦେଇଛି। ଏହା ସତ୍ୟ ଯେ, ଦୀର୍ଘ ୬ ସପ୍ତାହ ଧରି ଚାଲିଥିବା ଯୁଦ୍ଧରେ ଉଭୟ ଇରାନ-ଆମେରିକା ନିଜ ନିଜର ବିଜୟ ଦାବି କରିଛନ୍ତି। କେହି ହାର ମାନିବାକୁ ପ୍ରସ୍ତୁତ ନାହାଁନ୍ତି। କେବଳ ଏତିକି ନୁହେଁ, ଇରାନ ସଭ୍ୟତାକୁ ଲୋପ କରିଦେବା ପାଇଁ ଧମକ ଦେବାର ମାତ୍ର କିଛି ଘଂଟା ପରେ ଆମେରିକା ନିଜ ଆଡୁ ପନ୍ଦରଦିନିଆ ଅସ୍ତ୍ରବିରତି ଘୋଷଣା କରିବା ଏବଂ ଇରାନ ସହମତି ପ୍ରକାଶ କରିବା ପାଇଁ ଆଲୋଚନାର ପଥ ପରିଷ୍କାର କରିବା ଦୁଇଦେଶ ଇସଲାମ ବାଦରେ ଏକାଠି ହୋଇଥିଲେ। ଶାନ୍ତି ଆଲୋଚନାରେ ଇରାନ ଆଣବିକ କାର୍ଯ୍ୟକ୍ରମରୁ ନିବୃତ ରହିବା, ଆଂଚଳିକ ପ୍ରତିନିଧିତ୍ୱର ସମାପ୍ତି ଏବଂ ହର୍ମୁଜ ପ୍ରଣାଳୀ ଖୋଲିବା ଦାବିରେ ଆମେରିକା ଅଟଳ ରହିଥିବାବେଳେ ଇରାନ ପାଂଚ ଦଶନ୍ଧି ଧରି ବଳବତର ରହିଥିବା କଟକଣା ପ୍ରତ୍ୟାହାର, ଯୁଦ୍ଧ ଗତିର କ୍ଷତିର ଭରଣା ପାଇଁ କ୍ଷତିପୂରଣ ପ୍ରଦାନ, ହର୍ମୁଜ ଉପରେ କର୍ତୃତ୍ୱକୁ ସ୍ୱୀକୃତି, ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ବନ୍ଦ, ସୀମାନ୍ତରେ ଆଂଚଳିକ ସ୍ଥିରତା ଏବଂ ଆଣବିକ କାର୍ଯ୍ୟକ୍ରମର ଶାନ୍ତିପୂର୍ଣ୍ଣ ବ୍ୟବହାର ଉପରେ ଅଟଳ ରହିଥିଲା। କହିବା ବାହୁଲ୍ୟ ଆମେରିକା ଶାନ୍ତି ଆଲୋଚନାରେ ଦମନମୂଳକ ଆଭିମୁଖ୍ୟ ଗ୍ରହଣ କରିଥିଲା। ଶାନ୍ତି ଆଲୋଚନା ବିଫଳ ହେବା ପରେ ଆମେରିକା-ଇରାନର ସବୁ ବନ୍ଦରକୁ ଅବରୋଧ କରିବା ଯୋଗୁଁ ପରିସ୍ଥିତି ଜଟିଳ ହେବା ସହ ତୈଳ, ଗ୍ୟାସ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଯାହାର ପରିଣତି ସ୍ୱରୁପ ତୈଳ ଦର ଉପରମୁହାଁ ହେବା ସହ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୯୫ ଡଲାରରୁ ୧୦୪ ଡଲାରକୁ ବୃଦ୍ଧି ପାଇଛି।

ଆହୁରି ଅଧିକ ବଢିବା ସମ୍ଭାବନା ଥିବାବେଳେ ବିଶ୍ୱରେ ପୁଣି ତୈଳ ଓ ଗ୍ୟାସର ଆତଙ୍କ ସୃଷ୍ଟି ହୋଇଛି। ସେୟାର ବଜାରରେ ହ୍ରାସ ଘଟିଛି। ନିବେଶକ ୫୦ ଟ୍ରିଲିୟନ ହରାଇଥିବା କୁହାଯାଇଛି। ସାର ଦର ବୃଦ୍ଧି ପାଇଛି। ଏହା ଦ୍ୱାରା କୃଷି କ୍ଷେତ୍ର ପ୍ରଭାବିତ ହେବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଆମେରିକାରେ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଥିବାବେଳେ ଇରାନୀୟ ମୁଦ୍ରାର ନିମ୍ନଗାମୀ ହୋଇଛି। ଅଣ୍ଡା ଗୋଟିଏ ଦାମ୍ ଭାରତୀୟ ମୁଦ୍ରାରେ ଅଢେଇ ଲକ୍ଷରେ ପହଁଚିଥିବା କୁହାଯାଏ। କେବଳ ଏତିକି ନୁହେଁ ଟ୍ରମ୍ପଙ୍କ ଅହଂକାର ଯୋଗୁଁ ସମଗ୍ର ବିଶ୍ୱର ଅର୍ଥନୀତି ଏବେ ଅନିଶ୍ଚିତ ମଧ୍ୟକୁ ଠେଲି ହୋଇଛି। ବିଶ୍ୱର ବହୁ ଭାଗରେ ଆର୍ଥୀକ ମାନ୍ଦାବସ୍ଥା ଉପୁଜିବା ଆଶଙ୍କା ସୃଷ୍ଟି ହୋଇଛି। ଏହା ନିସନ୍ଦେହ ଯେ, ସାଂପ୍ରତିକ ସମୟରେ ଆମେରିକା ନିଜ ଅହଂକାରରୁ ଓହରିବା ଜରୁରୀ।

ବିଶ୍ୱର ଏକମାତ୍ର ମହାଶକ୍ତି ଭାବେ ନିଜକୁ ଅଶୀ ଦଶକରୁ ପ୍ରତିପାଦିତ କରି ଆସୁଥିବା ଆମେରିକାର ଗର୍ବ ଇରାନ ଯୁଦ୍ଧରେ ଏକ ପ୍ରକାର ଖର୍ବ ହୋଇଛି ବୋଲି କହିଲେ ଭୁଲ ହେବ ନାହିଁ ମାତ୍ର ସପ୍ତାହକରେ ଯୁଦ୍ଧ ସମାପ୍ତି ଏବଂ ଇରାନ କବ୍ଜା ପାଇଁ ଆମେରିକା ଭାବିଥିବାବେଳେ ଇରାନର ବଳ ଦେଖି ଟ୍ରମ୍ପ ବିବ୍ରତ ହେବା ସ୍ୱାଭାବିକ। ତେଣୁ ମନକୁ ଯାହା ଆସୁଛି କହିବାରେ ଲାଗିଛି। ଏହା କେବଳ ତାଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିନାହିଁ, ବିଶ୍ୱ ଦରବାରରେ ଆମେରିକାର ଗୌରବକୁ ଭୂଲୁଣ୍ଠିତ କରିଛି। ନିଜର ସମ୍ମାନ ରକ୍ଷା ପାଇଁ ଟ୍ରମ୍ପ ସଂଜମତା ରକ୍ଷା କରିବା ସହ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ଆବଶ୍ୟକ। କାରଣ ଶାନ୍ତି ପ୍ରତିଷ୍ଠା ତଥା ଶାନ୍ତି ଆଲୋଚନାର ଆଶା ଏବେ ବି ମଉଳି ନାହିଁ। ତେଣୁ ଯୁଦ୍ଧ ନୁହେଁ, ଆଲୋଚନା ଜରୁରୀ।

ଭୁବନେଶ୍ୱର

ମୋ: ୯୪୩୭୯୯୪୩୭୯

# ମାନସିକ ସ୍ୱାସ୍ଥ୍ୟ ଓ ସୋସିଆଲ ମିଡିଆ

**ବିଜନ କୁମାର ମହାପାତ୍ର**

ପିଲାଙ୍କ ଉପରେ ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆର ନକାରାତ୍ମକ ପ୍ରଭାବ ଏବଂ ଏହାର ନିୟନ୍ତ୍ରଣ ଆଜିକାଲି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ପରିଣତ ହୋଇଛି । ଏ ପ୍ରସଙ୍ଗ ଉପରେ ଚର୍ଚ୍ଚା ଜାରି ରହିଥିବା ବେଳେ ଆମେରିକାର ଲସ୍ ଆଞ୍ଜେଲ୍ସ କୋର୍ଟ ଜୁରୀ ଶୁଣାଇଛନ୍ତି ଏକ ଐତିହାସିକ ରାୟ । ଆସକ୍ତି ଯୁକ୍ତ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ବିରୋଧରେ ଏକ ମାମଲାରେ ଫେସବୁକ୍, ହ୍ୱାଟସଆପ୍ ଓ ଇନଷ୍ଟାଗ୍ରାମ ଭଳି ସାମାଜିକ ଗଣମାଧ୍ୟମ ଚଳାଉଥିବା ମେଟା କମ୍ପାନି ଏବଂ ୟୁଟ୍ୟୁବକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଲସ୍ ଆଞ୍ଜେଲ୍ସ କୋର୍ଟ ଜୁରୀ । ମେଟା ଓ ଗୁଗଲ୍ ଦ୍ୱାରା ପରିଚାଳିତ ସୋସିଆଲ ମିଡିଆ ଆପ୍ ଆଡିକଟିଭ୍ ବା ଆସକ୍ତିପୂର୍ଣ୍ଣ ବୋଲି ଲସ୍ ଆଞ୍ଜେଲ୍ସ କୋର୍ଟ ରୁଲିଂ ଦେଇଛନ୍ତି । ଇନଷ୍ଟାଗ୍ରାମ ଓ ୟୁଟ୍ୟୁବ୍ ପରି ଡିଜିଟାଲ୍ ଆପ୍ ବା ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକର ଡିଜାଇନ କ୍ଷେତ୍ରରେ ମେଟା ଓ ଗୁଗଲ ମାଲିକ ପିଲାମାନଙ୍କ ସୁରକ୍ଷା ଉପାୟକୁ ଜାଣିଶୁଣି ନଜରଅନ୍ଦାଜ କରିଛନ୍ତି ବୋଲି କୋର୍ଟ ରାୟ ଦେଇଛନ୍ତି । ଆସକ୍ତିପୂର୍ଣ୍ଣ ସୋସିଆଲ ମିଡିଆ ଯୋଗୁଁ ପିଲାଦିନେ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡିଥିବା ଅଭିଯୋଗ କରି ମେଟା ଓ ଗୁଗଲ ବିରୋଧରେ ମୋକଦ୍ଦମା ରୁଜୁ କରିଥିଲେ କେଲୀ ନାମ୍ନୀ ଜଣେ ୨୦ ବର୍ଷ ବୟସ୍କା ଯୁବତୀ । ଆସକ୍ତି ସୃଷ୍ଟି କରୁଥିବା ଡିଜିଟାଲ୍ ଆପ୍ ପିଲାଦିନେ ବ୍ୟବହାର କରି ସେ ମାନସିକ ଅବସାଦର ଶୀକାର ହୋଇଥିଲେ ଓ ତାଙ୍କଠାରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଥିଲା ବୋଲି ଅଭିଯୋଗ କରିଥିଲେ ଯୁବତୀ । ଯୁବତୀଙ୍କ ଯୁକ୍ତିରେ ସମ୍ମତି ପ୍ରକାଶ କରି ଲସ୍ ଆଞ୍ଜେଲ୍ସ କୋର୍ଟର ଜୁରୀ ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି । ସୋସିଆଲ ମିଡିଆ ସଂପର୍କିତ କୌଣସି ମାମଲାରେ ମେଟା ଓ ଗୁଗଲ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ବିଶ୍ୱର ପ୍ରଥମ ଘଟଣା । ପୀଡିତା ଯୁବତୀଙ୍କୁ ମେଟା ଓ ଗୁଗଲ ୬ ମିଲିୟନ ଆମେରିକୀୟ ଡଲାର (୫୬ କୋଟି ଟଙ୍କା) କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକ ଏମିତି ଉଦ୍ଦେଶ୍ୟମୂଳକ ଭାବେ ପ୍ରସ୍ତୁତ କରାଯାଇଛି ଯେ, ଯେପରିକି ପିଲାମାନେ ଏଥିରେ ଅଧିକ ସମୟ ଅତିବାହିତ କରିବେ ।

ଏହି ମାମଲା ଉପରେ ସାରାବିଶ୍ୱର ନଜର ରହିଥିଲା । ଲସ୍ ଆଞ୍ଜେଲ୍ସ କୋର୍ଟଙ୍କ ରାୟର ପ୍ରଭାବ ବିଶ୍ୱର ସବୁଆଡେ ଅନୁଭୂତ ହେବ ବୋଲି ଚର୍ଚ୍ଚା ହେଉଛି । ତେବେ, ମେଟା ଓ ଗୁଗଲ କୋର୍ଟ ରାୟ ବିରୋଧରେ ଅପିଲ୍ କରିବେ ବୋଲି କହିଛନ୍ତି । କେବଳ ଏକ ସୋସିଆଲ ମିଡିଆ ଆପ୍ ଦ୍ୱାରା ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ନାହିଁ । ଏହାର ଅନ୍ୟ କାରଣ ବି ଥାଇପାରେ ବୋଲି ମେଟା ପକ୍ଷରୁ କୁହାଯାଇଛି । ଏଣେ ଗୁଗଲ ନିଜ ପ୍ରତିକ୍ରିୟାରେ କହିଛି ଯେ, ୟୁଟ୍ୟୁବ୍ କୌଣସି ସୋସିଆଲ ମିଡିଆ ନୁହେଁ । ଏହା କେବଳ ଏକ ଭିଡିଓ ଷ୍ଟ୍ରିମିଂ ପ୍ଲାଟଫର୍ମ । ତେବେ, ସେ ଯାହା ହେଉ ନା କାହିଁକି ମେଟା ଓ ଗୁଗଲ ପାଇଁ ଲସ୍ ଆଞ୍ଜେଲ୍ ?ସ କୋର୍ଟଙ୍କ ରାୟ ନିଶ୍ଚିତ ଭାବେ ଏକ ଶକ୍ତ ଧକ୍କା । ଲସ୍ ଆଞ୍ଜେଲ୍ସ କୋର୍ଟରେ ଶୁଣାଣି ଚାଲିଥିବା ବେଳେ ମେଟା ଅଧ୍ୟକ୍ଷ ତଥା ସିଇଓ ମାର୍କ ଜକରବର୍ଗ ଜୁରୀ ଆଗରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ୧୩ ବର୍ଷରୁ କମ୍ ବୟସର ୟୁଜରମାନଙ୍କୁ ମେଟାର କୌଣସି ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ପାଇଁ ଅନୁମତି ଦିଆଯାଇନାହିଁ ବୋଲି ଜକରବର୍ଗ କହିଥିଲେ । କିନ୍ତୁ ଜକରବର୍ଗଙ୍କ ଯୁକ୍ତିକୁ ଭୁଲ୍ ପ୍ରମାଣିତ କରିବା ପାଇଁ କୋର୍ଟରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଉପସ୍ଥାପନ କରାଯାଇଥିଲା । ତେବେ, ୧୩ ବର୍ଷରୁ କମ୍ ବୟସର ୟୁଜରମାନଙ୍କ ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ଆବଶ୍ୟକ ବୋଲି କୋର୍ଟରେ କହିଥିଲେ ଜକରବର୍ଗ । ମେଟା ଓ ୟୁଟ୍ୟୁବ୍ ଆସକ୍ତି ଯୁକ୍ତ ମେସିନ ବା 'ଆଡିକଟିଭ୍ ମେସିନ' ପ୍ରସ୍ତୁତ କରିଥିଲେ ବୋଲି ଶୁଣାଣିବେଳେ ଯୁକ୍ତି ଉପସ୍ଥାପନ କରିଥିଲେ କେଲୀଙ୍କ ଓକିଲ । ଆସକ୍ତି ଯୁକ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମ ପ୍ରସ୍ତୁତ କଲାବେଳେ ପିଲାମାନେ କିଭଳି ଦୂରେଇ ରହିବେ, ସେ ବାବଦରେ ସୁରକ୍ଷା ବ୍ୟବସ୍ଥା କରିବାରେ ମେଟା ଓ ୟୁଟ୍ୟୁବ୍ (ଗୁଗଲ) ବିଫଳ ହୋଇଛନ୍ତି ଭଳି କୋର୍ଟରେ ଦର୍ଶାଇଥିଲେ କେଲୀଙ୍କ ଓକିଲ । ଇନଷ୍ଟାଗ୍ରାମ ପରି ସୋସିଆଲ ମିଡିଆ ଆପ୍ ଏଭଳି ଭାବେ ଡିଜାଇନ୍ କରାଯାଇଛି ଯେ କେହି ବି ସହଜରେ ଆସକ୍ତ ହୋଇଯିବ ବୋଲି କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ ଯୁବତୀ କେଲୀଙ୍କ ଓକିଲ । ଇନଷ୍ଟାଗ୍ରାମର 'ଇନଫିନିଟ ସ୍କ୍ରଲ୍' (ଅନେକ ଘଂଟା ଯାଏ ସ୍କ୍ରଲ୍) ଫିଚରର ଉଦାହରଣ ଦେଇଥିଲେ କେଲୀଙ୍କ ଓକିଲ ।

ଆସକ୍ତି ଯୁକ୍ତ ଆପ୍‌ଗୁଡିକରେ ଯୁବ ୟୁଜରମାନଙ୍କ ପାଇଁ ସୁରକ୍ଷାତ୍ମକ ଉପାୟ ନକରି ନିଜ ଦାୟିତ୍ୱହୀନତାରୁ ଆଉ ଏସବୁ କମ୍ପାନି ବର୍ତ୍ତି ପାରିବେ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି । କିଶୋର କିଶୋରୀଙ୍କ ଉପରେ ଆସକ୍ତି ଯୁକ୍ତ ସୋସିଆଲ ମିଡିଆର ନକାରାତ୍ମକ ପ୍ରଭାବ ନେଇ ଗତ କିଛି ବର୍ଷ ହେବ ଚିନ୍ତା ପ୍ରକାଶ ପାଇଛି । ବିଭିନ୍ନ ଦେଶରେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକ ବିରୋଧରେ ଅନେକ ମୋକଦ୍ଦମା ରୁଜୁ ହୋଇଛି । କିଶୋର କିଶୋରୀଙ୍କ ବାପାମାଆମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ବିରୋଧରେ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି । ଏଣେ ଅଷ୍ଟ୍ରେଲିଆ ପରି କିଛି ଦେଶ ପିଲାଙ୍କ ସୋସିଆଲ ମିଡିଆ ବ୍ୟବହାର ରୋକିବା ବା ସୀମିତ କରିବା ପାଇଁ କଟକଣା ଲଗାଇଛନ୍ତି । ବ୍ରିଟେନରେ ଏକ ପାଇଲଟ୍ ପ୍ରୋଗ୍ରାମ ଚାଲିଛି । ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା କେତେ ପ୍ରଭାବଶାଳୀ, ତାହା ଏହି ପାଇଲଟ ପ୍ରୋଗ୍ରାମରୁ ଜାଣିବା ପାଇଁ ଚେଷ୍ଟା କରାଯାଉଛି । ଭାରତରେ ମଧ୍ୟ କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶ ସରକାର ପିଲାମାନଙ୍କ ମଧ୍ୟରେ ସୋସିଆଲ ମିଡିଆ ଆସକ୍ତି ଯଥାସମ୍ଭବ କମ୍ କରିବାକୁ ପଦକ୍ଷେପର ଘୋଷଣା କରିଛନ୍ତି । ତେବେ, ସହଜରେ କାର୍ଯ୍ୟକାରୀ ହୋଇପାରୁଥିବା କିଛି ପଦକ୍ଷେପ ଦ୍ୱାରା ହିଁ ଆସକ୍ତି ଯୁକ୍ତ ସୋସିଆଲ ମିଡିଆ ଆପ୍‌ର ନକାରାତ୍ମକ ଓ ପ୍ରତିକୂଳ ପ୍ରଭାବରୁ ପିଲାମାନଙ୍କୁ ସୁରକ୍ଷା ଦିଆଯାଇପାରିବ ।

ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮

ମୋ-୮୮୪୭୮୪୨୪୨୪

## ସଂପାଦକଙ୍କୁ ପତ୍ର

### ଦୂଷିତ ହେଉଛି ଜଳଉତ୍ସ

ମହାଶୟ,

ଅଧିକାଂଶ ନଦୀଗୁଡ଼ିକରେ ଶିଳ୍ପାଞ୍ଚଳ ଏବଂ ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟଜଳ ମିଶି ଅଣନିଃଶ୍ୱାସୀ ପରିସ୍ଥିତି ସୃଷ୍ଟି କଲାଣି। ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, କୋଏଲ, ବୈତରଣୀ, କୋଲାବ, ଋଷିକୁଲ୍ୟା ଓ ଏହାର ଶାଖା ନଦୀଗୁଡ଼ିକ ନିକଟରେ ଗଢ଼ି ଉଠିଥିବା ୮୮ଟି ଶିଳ୍ପାନୁଷ୍ଠାନର ବର୍ଜ୍ୟପାଣି ନଦୀରେ ମିଶୁଛି। ଏଥିସହିତ ସହରାଞ୍ଚଳର ବର୍ଜ୍ୟଜଳ ସିଧାସଳଖ ନଦୀକୁ ଛାଡ଼ି ଦିଆଯାଉଛି। ବର୍ଜ୍ୟଜଳକୁ ବିଶୋଧନ କରି ଛାଡ଼ିବାକୁ ନିୟମ ରହିଥିଲେ ମଧ୍ୟ ଏହାକୁ ଅଧିକାଂଶ ଶିଳ୍ପ କିମ୍ବା ପୌରସଂସ୍ଥା ଗୁରୁତ୍ୱ ଦେଉନାହାନ୍ତି। ଏଥିଯୋଗୁ ନଦୀଜଳ ପ୍ରଦୂଷିତ ହେବା ସହ ଜଳପ୍ରବାହ ମଧ୍ୟ ହ୍ରାସ ପାଇଲାଣି। ୨୦୫୧ ବେଳକୁ ରାଜ୍ୟରେ ପାନୀୟ ଜଳ ସଙ୍କଟ ଉତ୍କଟ ଆକାର ଧାରଣ କରିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ନଦୀଗୁଡ଼ିକୁ ବଞ୍ଚାଇ ରଖିବା ସହ ପାନୀୟ ଜଳ ଓ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଜଳ ସଞ୍ଚୟ କରିବା ସକାଶେ ରାଜ୍ୟ ସରକାର ଖୁବଶୀଘ୍ର ନୂଆ ସଂଶୋଧିତ ନଦୀନୀତି ଆଣିବାକୁ ଯାଉଛନ୍ତି। ଚିଠାନୀତି ପ୍ରସ୍ତୁତ ହୋଇସାରିଛି। ଚୂଡ଼ାନ୍ତ ନୀତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ନଦୀଗୁଡ଼ିକର ବର୍ତ୍ତମାନ ସ୍ଥିତିକୁ ପରଖାଯିବ। ଜଳ ପ୍ରବାହ ଓ ଏହାର ଜଳଧାରଣ କ୍ଷମତାକୁ ଆକଳନ କରାଯିବ। ଏଥିସହ ନଦୀର ଜୈବବିବିଧତା ଓ ଉଭୟ ପାର୍ଶ୍ୱରେ ଥିବା ଜନବସତିଗୁଡ଼ିକର ଜୀବିକାକୁ ମଧ୍ୟ ଧ୍ୟାନ ଦିଆଯିବ।

କାଶୀନାଥ ସାହୁ, କଟକ

# ବୈଜ୍ଞାନିକ ଚେତନା

**ଅଧ୍ୟାପକ ଗୋପବନ୍ଧୁ**

ବିଜ୍ଞାନ ହେଉଛି ଶୋଧିତ ଜ୍ଞାନ। ନିର୍ଭୁଲ ଓ ନିଶ୍ଚିତ ଜ୍ଞାନ ହିଁ ବିଜ୍ଞାନ। କୌଣସି ସମ୍ଭାବିତ ଜ୍ଞାନ କିମ୍ବା ବିଶ୍ୱାସ ଆଧାରିତ ଜ୍ଞାନ ବିଜ୍ଞାନ ନୁହେଁ। ବୈଜ୍ଞାନିକ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ବହୁ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ପଡେ। ବିଭିନ୍ନ ସ୍ଥାନ ଓ ସମୟରେ ପରୀକ୍ଷା ହୁଏ। ଉଦାହରଣ ସ୍ୱରୁପ ମ୍ୟାଲେରିଆ ରୋଗର କାରଣ ହେଉଛି ମାଇ ଏନୋଫିଲିସ୍ ମଶା କାମୁଡିବା। ଏପରି ସିଦ୍ଧାନ୍ତକୁ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ ବହୁବର୍ଷ ଲାଗିଛି। ବିଶ୍ୱର ବିଭିନ୍ନ ସ୍ଥାନରେ ବହୁ ପରୀକ୍ଷା ନିରୀକ୍ଷା ହୋଇଛି। ଚିକିତ୍ସା ବିଜ୍ଞାନରେ ଏହି ସିଦ୍ଧାନ୍ତକୁ ବାରମ୍ବାର ପ୍ରୟୋଗକରି ଦେଖାଯାଇଛି। ସମସ୍ତ ବିରୋଧୀ ସମ୍ଭାବନାର ତର୍ଜମା ହୋଇଛି। ଏହାର କୌଣସି ବ୍ୟତିକ୍ରମ ଅଛି କି ନାହିଁ ତାହା ଲକ୍ଷ୍ୟ କରାଯାଇଛି।

ବିଜ୍ଞାନ ଲମ୍ବା ପ୍ରକ୍ରୀୟା ଉପରେ ନିର୍ଭର କରେ। ବୈଜ୍ଞାନିକ ଶୋଧନ ଦ୍ୱାରା ଲବ୍ଧ ବିଭିନ୍ନ ଜ୍ଞାନ ମଧ୍ୟରେ ଯେତେବେଳେ ଏକ ଶୃଙ୍ଖଳା ତିଆରି ହୁଏ ସେତେବେଳେ ଏହା ସୁନିଶ୍ଚିତ ହୋଇଯାଏ। ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତିଜନିତ ସିଦ୍ଧାନ୍ତ କେବଳ ବସ୍ତୁର ଭୂପୃଷ୍ଠ ଉପରେ ପତନକୁ ସନ୍ତୋଷ ଜନକଭାବେ ବ୍ୟାଖ୍ୟା କରୁଛି ତାହା ନୁହେଁ, ଏହା ସହିତ ଏ ସିଦ୍ଧାନ୍ତ ମହାକର୍ଷଣ ଶକ୍ତି ଜନିତ ନିୟମକୁ ଜନ୍ମ ଦେଇଛି। ଗ୍ରହ ନକ୍ଷେତ୍ରମାନଙ୍କର ସୂର୍ଯ୍ୟ ଚାରିପଟେ ପରିକ୍ରମଣର ସ୍ୱଚ୍ଛଚିତ୍ର ପ୍ରଦାନ କରିପାରିଛି। ମହାକାଶୀୟ ପିଣ୍ଡମାନଙ୍କର ଗତିବିଧିକୁ ନିର୍ଣ୍ଣୟ କରିପାରୁଛି। ସମୁଦ୍ରରେ କାହିଁକି ଜୁଆରଭଟ୍ଟା ଆସେ ତାହାର ଉଚିତ ବର୍ଣ୍ଣନା ଦେଇପାରୁଛି। ମହାକର୍ଷଣ ନିୟମ ଅନୁଯାୟୀ ପୃଥିବୀର ସୂର୍ଯ୍ୟ ଚାରିପଟେ ଓ ଚନ୍ଦ୍ରର ପୃଥିବୀ ଚାରିପଟେ ପ୍ରଦକ୍ଷିଣ ଯୋଗୁଁ କିପରି ବିଶେଷ ମୁହୂର୍ତ୍ତରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହେଉଛି ତାହାର ପ୍ରାଞ୍ଜଳ ବର୍ଣ୍ଣନା ଦେଇପାରୁଛି। ରାହୁ-କେତୁ ଗିଳିବା ଦ୍ୱାରା ଏହା ହେଉଛି ଏପରି ଭ୍ରାନ୍ତ ବିଶ୍ୱାସ ଦୂରୀଭୂତ ହୋଇଛି।

ବିଜ୍ଞାନ ଏକ ପ୍ରବାହମାନ ପ୍ରକ୍ରୀୟା। ବୈଜ୍ଞାନିକ ଅନୁସନ୍ଧାନ ଆଗକୁ ବଢ଼ିଚାଲିଛି। ବିଶ୍ୱବ୍ରହ୍ମାଣ୍ଡର ଅନେକ ରହସ୍ୟକୁ ଉନ୍ମୋଚନ କରିଛି। ଆହୁରି ଅନେକ ରହସ୍ୟ ଉନ୍ମୋଚିତ ହେବାକୁ ବାକି ଅଛି। ବିଜ୍ଞାନର ଆଲୋକରେ ଅନେକ ଅନ୍ଧବିଶ୍ୱାସ ଦୂରୀଭୂତ ହୋଇଛି। ଅତୀତରେ ହଇଜା ଓ ବସନ୍ତ ରୋଗକୁ ଦୈବୀ ଶକ୍ତିର ପ୍ରକୋପ ବୋଲି ବିଶ୍ୱାସ ଥିଲା। ତାଙ୍କୁ ସନ୍ତୁଷ୍ଟ କଲେ ଏହା ଭଲ ହୋଇଯିବ ବୋଲି ଭ୍ରାନ୍ତ ବିଶ୍ୱାସ ଥିଲା। ପରେ ଚିକିତ୍ସା ବିଜ୍ଞାନରେ ଏହା ସଂକ୍ରାମକ ରୋଗ ବୋଲି ପ୍ରମାଣିତ ହେଲା। ଏହାର ପ୍ରତିଷେଧକ ଓ ସଂକ୍ରମଣରୁ ରକ୍ଷାର ଉପାୟ ଚିକିତ୍ସା ବିଜ୍ଞାନ ନିର୍ଣ୍ଣୟ କରିଛି। ଏହିପରିଭାବେ ଅନେକ ଅନ୍ଧବିଶ୍ୱାସରୁ ବିଜ୍ଞାନ ଆମକୁ ମୁକ୍ତି ଦେଇଛି। ପ୍ରତ୍ୟେକ କଥାକୁ ମନୁଷ୍ୟ ବିଜ୍ଞାନର ମାନକରେ ତଉଳୁଛି। ଆଜି ଅନ୍ଧବିଶ୍ୱାସ ବିଜ୍ଞାନର ଶତ୍ରୁ ସାଜିଛି। ହଜାର ହଜାର ବର୍ଷଧରି ଯେଉଁମାନେ ଅନ୍ଧବିଶ୍ୱାସକୁ ନିଜର ବେପାରରେ ପରିଣତ କରିଥିଲେ ସେମାନେ କ୍ରୋଧାନ୍ୱିତ ହେବା ସ୍ୱାଭାବିକ। ବିକଶିତ ରାଷ୍ଟ୍ରମାନେ ଏହି ସୋପାନ ଅତିକ୍ରମ କରିସାରିଛନ୍ତି। ବିଜ୍ଞାନ ଅଟକି ଯାଇନାହିଁ। ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହିଛି। ଏହାକୁ ଅଟକାଇବା ଆଦୌ ସମ୍ଭବପର ନୁହେଁ। ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ମନରେ ଜିଜ୍ଞାସାଭାବ ଥିବ, ପ୍ରଶ୍ନ କରିବାର ସ୍ୱଭାବ ଥିବ ସେତେଦିନ ପର୍ଯ୍ୟନ୍ତ ବିଜ୍ଞାନ ବଞ୍ଚି ରହିବ। ଜିଜ୍ଞାସାଭାବ ମନୁଷ୍ୟର ବୌଦ୍ଧିକତାର ବିକଶିତ ଅଂଶବିଶେଷ। ବୌଦ୍ଧିକତାର ସମାପ୍ତ ହେଲେ ସେ ଆଉ ମନୁଷ୍ୟ ହୋଇରହିବ ନାହିଁ। ସେ ପଶୁ ସହିତ ସମାନ ହୋଇଯିବ।

ଅନ୍ୟପକ୍ଷରେ ବୈଜ୍ଞାନିକ ଚେତନା ଏକ ଉନ୍ନତ ମାନସିକ ଅବସ୍ଥା। ବିଜ୍ଞାନକୁ ସ୍ୱୀକାର କରୁଥିବା ଏକପ୍ରକାର ମାନବୀୟ ସ୍ଥିତି। ଅନ୍ଧବିଶ୍ୱାସ ଓ କୁସଂସ୍କାରର ଉର୍ଦ୍ଧ୍ୱକୁ ଆସି କାରଣୀକତାରେ ବିଶ୍ୱାସ କରୁଥିବା ଆଧୁନିକ ମନୁଷ୍ୟର ସ୍ୱଭାବ। ବୈଜ୍ଞାନିକ ଚେତନା ମାନବିକତା ଓ ନୈତିକ ଚେତନାକୁ ଜାଗରିତ କରେ। ଭ୍ରାନ୍ତ ବିଶ୍ୱାସ ଓ କୁପରମ୍ପରାର ଉର୍ଦ୍ଧ୍ୱକୁ ଆସିଥିବା ଜଣେ ଉନ୍ନତ ମନୁଷ୍ୟ ଉନ୍ନତ ସାମାଜିକ ଶୃଙ୍ଖଳା କଥା ଚିନ୍ତାକରେ। ମାନବିକତା ଓ ନୈତିକବୋଧ ବିନା ଗୋଟିଏ ଉନ୍ନତ ସାମାଜିକ ବ୍ୟବସ୍ଥାର ଚିନ୍ତା କରାଯାଇ ପାରିବ ନାହିଁ। ଭ୍ରାନ୍ତ ପରମ୍ପରା ଓ ଭ୍ରାନ୍ତ ବିଶ୍ୱାସ ଏହି ଦୁଇ ମହାନ ଗୁଣର ପ୍ରତିବନ୍ଧକ। ବୈଜ୍ଞାନିକ ଚେତନା ଏହି ପ୍ରତିବନ୍ଧକକୁ ହଟାଇବାକୁ ସକ୍ଷମ ହୁଏ। ମାନବ ସମାଜକୁ ଏକ ଉଚ୍ଚତର ସୋପାନକୁ ନେଇଯିବାର ବାଟ ଦେଖାଏ।

ବୈଜ୍ଞାନିକ ଚେତନାର ବିକାଶ ଆପେ ହୁଏନାହିଁ। ଏଥିପାଇଁ ଲୋଡ଼ା ଅଧ୍ୟବସାୟ। ସେହିମାନଙ୍କ ନିକଟରେ ଏହା ବିକଶିତ ହୁଏ ଯେଉଁମାନଙ୍କ ନିକଟରେ ଜିଜ୍ଞାସାଭାବ ଥାଏ। ଯେଉଁମାନେ ଆଖିବୁଜି କୌଣସି କଥାକୁ ମାନିଯାଆନ୍ତି ନାହିଁ। ଯେଉଁମାନେ ପ୍ରତ୍ୟେକ ଘଟଣାର ବାସ୍ତବ କାରଣ ଖୋଜନ୍ତି। ବୈଜ୍ଞାନିକ ଚେତନା ଏକ ଶୃଙ୍ଖଳିତ ଚେତନା। ଏହା ମାନବବାଦୀ ଓ ନୀତିବାଦୀ ଚେତନା ଜାଗ୍ରତର ପୃଷ୍ଠଭୂମି ଯୋଗାଏ। ପ୍ରତ୍ୟେକ ମନୁଷ୍ୟର ବୌଦ୍ଧିକତା ମଧ୍ୟରେ ଏପରି ଚେତନା ସୁପ୍ତ ଭାବରେ ଥାଏ। ଅନ୍ଧବିଶ୍ୱାସ ଓ କୁପରମ୍ପରା ଏଗୁଡିକୁ ଚାପିଦେବାକୁ ଚେଷ୍ଟାକରେ। ବୈଜ୍ଞାନିକ ଚେତନା ମନୁଷ୍ୟର ମନକୁ ଏ ବନ୍ଧନରୁ ମୁକ୍ତକରେ। ଚେତନାର ମୁକ୍ତ ପ୍ରବାହକୁ ସ୍ୱୀକାର କରେ। ଭ୍ରାନ୍ତ ବିଚାରରୁ ମୁକ୍ତ କରେ। ବୈଜ୍ଞାନିକ ଚେତନା ମନୁଷ୍ୟ ମନର ଏକ ସାକାରାତ୍ମକ ଉପାଦାନ। ସମାଜକୁ ଉନ୍ନତ ସୋପାନକୁ ନେଇଯିବାର ମାନସିକ ବାହକ।

ବୈଜ୍ଞାନିକ ଚେତନା ବିଜ୍ଞାନ ପାଠ୍ୟକ୍ରମର ଶିକ୍ଷାଗତ ପ୍ରମାଣପତ୍ରରୁ ମିଳେନାହିଁ। ବୈଜ୍ଞାନିକ ସୂତ୍ରର କୁଶୋଳ ପ୍ରୟୋଗକରୀ ଜଣେ ବ୍ୟକ୍ତି ବୈଜ୍ଞାନିକ ଚେତନାର ଅଧିକାରୀ ନହୋଇପାରେ। ସେ ପ୍ରୟୋଗ ଶାଳାରେ ପୂର୍ବ ଉଦ୍ଭାବିତ ସୂତ୍ରର ପ୍ରୟୋଗରେ ଯେଉଁ ସୃଷ୍ଟିର ଉପସ୍ଥାପନ କରେ ସେଥିରେ ତାହାର ନିଜର ଚେତନାର ପ୍ରୟୋଗ ନଥାଏ। ଯନ୍ତ୍ରମାନବ ତୁଲ୍ୟ ଗୋଟିଏ ପରେ ଗୋଟିଏ କାମ କରିଯାଏ। ବିଜ୍ଞାନର କୌଣସି ପରୀକ୍ଷାଗାରରେ ନିଜକୁ ବୈଜ୍ଞାନିକ କିମ୍ବା ବିଜ୍ଞାନର ଅଧ୍ୟାପକ କହୁଥିବା ଜଣେ ବ୍ୟକ୍ତି ପ୍ରୟୋଗଶାଳାରେ ପୂର୍ବ ଉଦ୍ଭାବିତ ସୂତ୍ର ଅନୁଯାୟୀ ଉଦଜାନ ଓ ଅମ୍ଳଜାନ ଅଣୁର ମିଶ୍ରଣରେ ଜଳ ସୃଷ୍ଟି କଲେ, ସେ ବୈଜ୍ଞାନିକ ଚେତନାର ଅଧିକାରୀ ବୋଲି କହିହେବ ନାହିଁ। ଶୁଆ ମନେରଖି କହିଲା ଭଳିଆ ସେ ବୈଜ୍ଞାନିକ ପ୍ରୟୋଗ କରିପକାନ୍ତି। ଏହା ବୈଜ୍ଞାନିକ ଚେତନା ନୁହେଁ। ବୈଜ୍ଞାନିକ ଚେତନା ହେଉଛି ମସ୍ତିଷ୍କର ଅନ୍ୱେଷଣ ପ୍ରକ୍ରୀୟା, ଯାହା ନିଜକୁ ବିଜ୍ଞାନର ଅନୁଗାମୀ କହୁଥିବା ଅନେକ ଲୋକଙ୍କ ନୀକଟରେ ନଥାଏ।

କୌଣସି ରାଷ୍ଟ୍ରର ବିକାଶ ପାଇଁ ଉଭୟ ବିଜ୍ଞାନ ଓ ବୈଜ୍ଞାନିକ ଚେତନାର ବିକାଶ ଜରୁରୀ। ଯେଉଁ ରାଷ୍ଟ୍ର ବିଜ୍ଞାନରେ ଯେତେ ପ୍ରଗତି କରିଛି ସେ ରାଷ୍ଟ୍ର ସେତେ ବିକଶିତ। ରାଷ୍ଟ୍ର ବୈଜ୍ଞାନିକ ଚେତନାଦ୍ୱାରା ପ୍ରେରୀତ ହୋଇନଥିଲେ ବିଜ୍ଞାନରେ ପ୍ରଗତି ଅସମ୍ଭବ। ତେଣୁ ବିକଶିତ ରାଷ୍ଟ୍ରମାନେ ବୈଜ୍ଞାନିକ ଚେତନାର ବିକାଶ ଉପରେ ଗୁରୁତ୍ୱ ଦିଅନ୍ତି। ଏହାକୁ ସାମାଜିକ ଚିନ୍ତନର ଅଂଶବିଶେଷ ରୂପେ ଗ୍ରହଣ କରନ୍ତି। ପାଠ୍ୟକ୍ରମରେ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ। ସମସ୍ତ କ୍ଷେତ୍ରରେ ବିଜ୍ଞାନକୁ ସମ୍ମାନ ମିଳେ। ଭାରତବର୍ଷରେ ମଧ୍ୟ ଆମ ସମ୍ବିଧାନର ପ୍ରଣେତାମାନେ ଏ କଥାକୁ ଉପଲବ୍ଧି କରିଥିଲେ। ତେଣୁ ସେମାନେ ବିଜ୍ଞାନ ଓ ବୈଜ୍ଞାନିକ ଚେତନାର ବିକାଶକୁ ପ୍ରତ୍ୟେକ ନାଗରୀକ ପାଇଁ ନିର୍ଦ୍ଦେଶିତ ନିୟମଭାବେ ସମ୍ବିଧାନରେ ଉଲ୍ଲେଖ କରିଯାଇଛନ୍ତି।

ବାରିପଦା, ମୟୂରଭଞ୍ଜ,

ମୋ. ୭୦୦୮୯୭୬୧୮୦







# ସରକାରଙ୍କୁ ମାନୁନାହାନ୍ତି ଆଦିବାସୀ: ଦଶନ୍ଧି ଧରି ସ୍ୱର ତୀବ୍ର, ନିଜ ହାତରେ ନିଜ ଶାସନ



ସୁନ୍ଦରଗଡ଼: 'ନିଜ ହାତରେ ନିଜ ଶାସନ'ର ଡାକରା ଦେଇ ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିଲା ପଥଲ୍ ଗାଡ଼ି ଆନ୍ଦୋଳନ। ପରେ ତୀବ୍ର ହୋଇଛି 'ପେସା' ଆଇନର ସ୍ୱର। ଏ ସ୍ଥିତିରେ ୧୦ ବର୍ଷ ହେଲା ଜିଲ୍ଲାର କିଛି ଆଦିବାସୀ ଗାଁରୁ ପୁଣି ଏକ ଭିନ୍ନ ଡାକରା ଶୁଭିଛି। ଏହି ଡାକରାରେ ଆଦିବାସୀମାନେ ସିଧାସଳଖ ସରକାରଙ୍କୁ ପ୍ରତ୍ୟାଖ୍ୟାନ କରି ନିଜ ହାତରେ ନିଜ ଶାସନ ରଖିବା କଥା କହୁଛନ୍ତି। ନାଁ ଦେଇଛନ୍ତି 'କୁଟୁମ୍ବ ପରିବାର ଭାରତ ସରକାର'। ଯାହାକୁ ସେମାନେ ଦେଶର ଅସଲ ମାଲିକ ବୋଲି ଦର୍ଶାଉଛନ୍ତି। ସେମାନଙ୍କ ଭାଷାରେ 'ସରକାର, ସମ୍ବିଧାନ ତିଆରି ହେବା ଆଗରୁ ଏ ମାଟିରେ ଆଦିବାସୀ ଅଛନ୍ତି। ଜଳ, ଜମି, ଜଙ୍ଗଲ ପରି ପ୍ରାକୃତିକ ସମ୍ପଦ ସହ ସମଗ୍ର ଭୂଖଣ୍ଡର ମାଲିକ ଆଦିବାସୀ। ଆମକୁ ଭୁଆଁ ବୁଲାଇ ଅନ୍ୟମାନେ ଶାସନ କରୁଛନ୍ତି।

ସଂଗଠିତ ହେଲେ ଶାସନ ଆଦିବାସୀଙ୍କ ହାତକୁ ଆସିବ। ସ୍କୁଲ, ଡାକ୍ତରଖାନା, ମୁଦ୍ରା ବା ଟଙ୍କା ଅଲଗା ପ୍ରଚଳନ ହେବ। ତେଣୁ ତଥାକଥିତ ଶାସନ ବ୍ୟବସ୍ଥାକୁ ସବୁମତେ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ'। ଏ ସମ୍ପର୍କରେ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ପାଖରେ ଖବର ମଧ୍ୟ ଅଛି। ପ୍ରଶାସନ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଛି। କିନ୍ତୁ ସେମାନେ ବୁଝିବାକୁ ନାରାଜ। ଓଲଟା ଏହି ଅଭିଯାନକୁ ଆହୁରି ଜୋରଦାର ଚଳାଇଛନ୍ତି। ଏହି ପ୍ରତିନିଧି ଖବର ସଂଗ୍ରହ ପାଇଁ ଜିଲ୍ଲାର ବାଲିଶଙ୍କରା ବ୍ଲକ୍ ? ସୀମାନ୍ତ ଲୁଲୁକିଡିହି ପଞ୍ଚାୟତର ସରେଇଟୋଲିପଡ଼ାରେ ପହଞ୍ଚିଥିଲେ। ଉପରୋକ୍ତ ଅଭିଯାନରେ ଜଣେ ବରିଷ୍ଠ କର୍ମକର୍ତ୍ତା ପଦ୍ମଲୋଚନ ନାଏକଙ୍କ ସହ ଦେଖା ହୋଇଥିଲା। ସେ ଅଭିଯାନ ସମ୍ପର୍କରେ କିଛି ସୂଚନା ଦେଇଥିଲେ ମଧ୍ୟ ଅନେକ କଥା ଲୁଚାଇଥିଲେ। ତେବେ ଯାହା ଜଣାପଡ଼ିଛି ଗୁଜରାଟର ସୁରତରେ ଥିବା 'କୁଟୁମ୍ବ ପରିବାର ଭାରତ ସରକାର' ନାମକ ଏକ ସଂଗଠନ ନେତୃତ୍ୱରେ ଆଦିବାସୀମାନେ ଏହି ଅଭିଯାନ ଚଳାଇଛନ୍ତି। ଦେଶର ବିଭିନ୍ନ ରାଜ୍ୟର ଆଦିବାସୀ ଅଞ୍ଚଳରେ ଏହା ସକ୍ରିୟ ରହିଛି। ସୁନ୍ଦରଗଡ଼ ଜିଲ୍ଲାକୁ ପ୍ରାୟ ୧୦ ବର୍ଷ ତଳେ ପ୍ରବେଶ କରିଥିବା ଏହି ସଂଗଠନ ସୀମାନ୍ତ ବାଲିଶଙ୍କରା, ବଡ଼ଗାଁ, କୁତ୍ରା ବ୍ଲକ୍‌ର ବିଭିନ୍ନ ଗାଁରେ ଡେରା ପକାଇ ଆଦିବାସୀଙ୍କୁ ପ୍ରଭାବିତ କରି ଆସୁଛନ୍ତି। ଲୁଲୁକିଡିହି ପଞ୍ଚାୟତର ସରେଇଟୋଲା, ଜଡ଼ାଟୋଲି, ରଖଓ୍ୱାରି, ରସଡୁମେର ଗାଁର ଶତାଧିକ ପରିବାରର ସଂଗଠନରେ ସାମିଲ ହୋଇଛନ୍ତି। ନିଜର ଆଇନକାନୁନ ନିଜେ ତିଆରି କରିଛନ୍ତି।

କୌଣସି କଳିଝଗଡ଼ା ହେଲେ ଥାନା, କଚେରି ପରିବର୍ତ୍ତେ ସଂଗଠନରେ ସବୁ ବିଚାର ଓ ଫଇସଲା ହେଉଛି। ଏପରିକି ଜମିର ଖଜଣା ମଧ୍ୟ ଦେବାକୁ ମନା କରି ଦେଇଛନ୍ତି। କେବଳ ସେତିକି ନୁହେଁ, ସରକାରଙ୍କଠାରୁ ରାସନ ନେଉ ନଥିବାବେଳେ ଆଧାରକାର୍ଡ, ଭୋଟରକାର୍ଡ ଫେରସ୍ତ କରି ଦେଉଛନ୍ତି। ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନ ସହ ୨୦୨୧ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଅନେକ ଲୋକ ମତଦାନ କରି ନଥିବା ଜଣାଯାଇଛି। ୨୦୨୩ ମେ'୧୧ ତାରିଖରେ ଏହି ଗାଁକୁ ଆସିଥିଲେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ। କିନ୍ତୁ ଲୋକେ କିଛି ନଶୁଣି ସେମାନଙ୍କୁ ଫେରାଇ ଦେଇଥିଲେ। ଏଥିପ୍ରତି ଦୃଷ୍ଟି ନ ଦେଲେ ସରକାରଙ୍କ ପାଇଁ ଆଗକୁ ଏହା ଅଡୁଆ ସ୍ଥିତି ସୃଷ୍ଟି କରିପାରେ।

# ଏସ୍‌ଡିଓଙ୍କ କାର୍ଯ୍ୟାଳୟରେ ସିମେଣ୍ଟ ପ୍ରସ୍ତୁତ ସାମଗ୍ରୀ ବିକ୍ରି ଦୋକାନ

ନବରଙ୍ଗପୁର/ପାପାଡାହାଣ୍ଡି: ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ରାସ୍ତା, ବ୍ରିଜ୍ ଆଦିର ତଦାରଖ ପାଇଁ ୫ବର୍ଷ ତଳେ ପାପାଡାହାଣ୍ଡି ବ୍ଲକର ତୋଣ୍ଡାଗୁଡା ଠାରେ ଖୋଲିଥିଲା ଗ୍ରାମ୍ୟବିଭାଜନ ବିଭାଗ ଏସଡିଓଙ୍କ କାର୍ଯ୍ୟାଳୟ। କାର୍ଯ୍ୟାଳୟ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଏଓଡିଓ, କର୍ମଚାରୀଙ୍କ କାର୍ଯ୍ୟାଳୟ, ଷ୍ଟୋରରୁମ, ଗାଡି ରହିବା ରୁମ୍ ଆଦି ନିର୍ମାଣ କରାଯାଇଥିଲା।

ତେବେ ଗତ ୫ବର୍ଷ ମଧ୍ୟରେ ଦିନକ ବି ଏହି କାର୍ଯ୍ୟାଳୟ ଖୋଲିନଥିବା ଅଂଚଳବାସୀ କହିଛନ୍ତି। ତା ବାଦ୍ ଗତ କିଛି ମାସ ହେବ ଜଣେ ସିମେଣ୍ଟ ସାମଗ୍ରୀ ପ୍ରସ୍ତୁତ କରୁଥିବା ବ୍ୟବସାୟୀ ଜଣକ ଏହି ସରକାରୀ କାର୍ଯ୍ୟାଳୟକୁ ନିଜ ଅଧିନରେ ରଖିଛନ୍ତି। ଏହା ପରିସରରେ ହିଁ ବିଭିନ୍ନ ସିମେଣ୍ଟ ସାମଗ୍ରୀ ପ୍ରସ୍ତୁତ କରି ବାହାରକୁ ବିକ୍ରୀ ପାଇଁ ପଠାଉଛନ୍ତି। ଗ୍ରାହକ ସେଠାକୁ ଗଲେ ବି ସେଠାରେ ସେ ବିକ୍ରି କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। କିଭଳି ସରକାରୀ କାର୍ଯ୍ୟାଳୟରେ ବେସରକାରୀ ବ୍ୟକ୍ତି ଜଣକ ନିଜ ଅଧିନରେ ରଖି ବ୍ୟବସାୟ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୧୫କିମି ଦୂରରେ ଥିବା ପାପଡାହାଣ୍ଡି ନିକଟସ୍ଥ ତୋଣ୍ଡାଗୁଡା ଗାଁରେ ରହିଛି ଗ୍ରାମ୍ୟବିଭାଜନ ନବରଙ୍ଗପୁର ଡିଭିଜନର ଏସଡିଓଙ୍କ କାର୍ଯ୍ୟାଳୟ। କାର୍ଯ୍ୟାଳୟ ଆରମ୍ଭ ପର ଠାରୁ କେ ?ଣସି ଯନ୍ତ୍ରୀ ସେଠାରେ ରହୁନଥିବାରୁ ଏବଂ ଖାଲି ପଡିଥିବାରୁ ବ୍ୟବସାୟୀ ଜଣକ ମାଡି ବସିଛନ୍ତି। ଏଠାରେ ସେ ଗାର୍ଡ ପୋଷ୍ଟ, କିଲୋମିଟର ଷ୍ଟୋନ, ବାରବେଡ ପୋଲ, କୁଅର ନନ୍ଦ ସହ ଅନ୍ୟାନ୍ୟ ସିମେଣ୍ଟର ସାମଗ୍ରୀ ତିଆରି କରୁଛନ୍ତି।

ଏ ନେଇ ଏସଡିଓ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଇଂ ଶିବଶଙ୍କର ମହନ୍ତଙ୍କୁ ପଚାରିବାରେ ସେ ବର୍ଷକ ହେଲା ଏଠାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। କାର୍ଯ୍ୟାଳୟ ନିର୍ମାଣ ପର ଠାରୁ ଏଠାରେ ବିଦ୍ୟୁତ ସଂଯୋଗ ନାହିଁ। ସିମେଣ୍ଟ ସାମଗ୍ରୀ ତିଆରି କରୁଥିବା ବିଷୟରେ ସେ ଜାଣିଥିବା ଏବଂ ଶନିବାର ଖାଲି ପଡିଥିବା ଦେଖିଥିବା କହିଛନ୍ତି। ତେବେ ଆମ ପାପଡାହାଣ୍ଡି ପ୍ରତିନିଧି ଘଟଣାସ୍ଥଳକୁ ଯିବାରେ ସେଠାରେ ସିମେଣ୍ଟ ସାମଗ୍ରୀ ଜମା ପଡିଥିବା ଦେଖିଥିଲେ। କାର୍ଯ୍ୟାଳୟ ନିର୍ମାଣ ପର ଠାରୁ ହିଁ କାର୍ଯ୍ୟାଳୟ ଖୋଲୁନଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ସରକାରୀ କାର୍ଯ୍ୟାଳୟକୁ ଏଭଳି ବେସରକାରୀ ଲୋକେ ବ୍ୟବହାର କେତେ ଦୁର ଯୁକ୍ତିସଂଗତ ବୋଲି ବୁଦ୍ଧିଜୀବୀ ମହଲେ ? ମତ ପ୍ରକାଶ ପାଇଛି।



# ମହାସଙ୍କଟରେ ମହାନଦୀ



ସମ୍ବଲପୁର: ଓଡ଼ିଶାର ଜୀବନରେଖା ମହାନଦୀ। ଛତିଶଗଡ଼ ସରକାରଙ୍କ ୬ଟି ବ୍ୟାରେଜ୍ ନିର୍ମାଣ ଯୋଗୁଁ ମହାନଦୀରେ ଜଳପ୍ରବାହ ଯଥେଷ୍ଟ ହ୍ରାସ ପାଇଛି। ବର୍ଷର ପାଖାପାଖି ୮ ମାସ ମହାନଦୀ ଶୁଖିଲା ପଡୁଛି। କେତେକ ଜାଗାରେ ଏହା ଏକ ମୃତନଦୀର ଭ୍ରମ ମଧ୍ୟ ସୃଷ୍ଟି କରୁଛି। ମହାନଦୀ ଜଳ ବିବାଦ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଟ୍ରିବ୍ୟୁନାଲରେ ୮ ବର୍ଷ ଧରି ବିଚାରାଧୀନ ରହିଛି। କିନ୍ତୁ ଛତିଶଗଡ଼ଠାରୁ ଓଡ଼ିଶା କିଛି ଶିଖିପାରି ନାହିଁ। ଛତିଶଗଡ଼ ଭଳି ଓଡ଼ିଶା ସରକାର ବ୍ୟାରେଜ୍ ନିର୍ମାଣ କରିଥିଲେ ହୁଏତ ଆଜି ଏମିତି ସ୍ଥିତି ସୃଷ୍ଟି ହୋଇ ନଥାନ୍ତା କି ଓଡ଼ିଶାବାସୀଙ୍କ ଜୀବନଜୀବିକା ବିପନ୍ନ ହେବା ଭଳି ସ୍ଥିତି ଉପୁଜି ନଥାନ୍ତା ବୋଲି ବିଶେଷଜ୍ଞ ମତ ରଖିଛନ୍ତି। ଜଳସଂପଦ ବିଭାଗର ତଥ୍ୟ ଅନୁସାରେ, ଓଡ଼ିଶାର ଅଧାରୁ ଅଧିକ ଜିଲ୍ଲା ମହାନଦୀ ଅବବାହିକାରେ ଆସୁଛି। ତହିଁରୁ ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ସୁବର୍ଣ୍ଣପୁର, ନୂଆପଡ଼ା, ଜଗତସିଂହପୁରର ଶତ ପ୍ରତିଶତ, ସମ୍ବଲପୁରର ୯୧.୨୫% ଏବଂ କଟକର ୯୯.୪୮ ପ୍ରତିଶତ ଅଂଚଳ ମହନଦୀ ଅବବାହିକାରେ ଆସୁଛି। ଦିନଥିଲା ବର୍ଷ ସାରା ସ୍ୱଚ୍ଛ ନିର୍ମଳ ଜଳରାଶିରେ ଭରି ରହୁଥିଲା ମହାନଦୀ। ଏବେ କିନ୍ତୁ ଛତିଶଗଡ଼ ସରକାର ବର୍ଷାଦିନେ ବ୍ୟାରେଜ୍‌ଗୁଡ଼ିକର ସବୁ ଗେଟ୍ ଖୋଲି ଦେଇ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ଅକ୍ଟୋବର ମଧ୍ୟଭାଗରୁ ପାଣି ରୋକିଦେଇ ଓଡ଼ିଶାବାସୀଙ୍କୁ କଳବଳ କରୁଛନ୍ତି। ବର୍ତ୍ତମାନ ସ୍ଥିତି ଏମିତି ଯେ ମହାନଦୀ ତଟବର୍ତ୍ତୀ ଅଂଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଅଣ ମୌସୁମୀ ଋତୁରେ ଜଳ ସଂରକ୍ଷଣ ନିମନ୍ତେ ଓଡ଼ିଶା ସରକାର ମହାନଦୀରେ କମ୍ ଉଚ୍ଚତାର ବ୍ୟାରେଜ୍ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ) ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏଭଳି ହେଲେ, ଅଣମୌସୁମୀ ସମୟରେ ମଧ୍ୟ ମହାନଦୀ ଜଳପୂର୍ଣ୍ଣ ହୋଇରହିବ। ଆଖପାଖ ଅଂଚଳର ଭୂଗର୍ଭ ଜଳସ୍ତର ବଢ଼ିବା ସହିତ ଲୋକଙ୍କୁ ଆଉ ଖରାଦିନେ ଜଳକଷ୍ଟ ଭୋଗିବାକୁ ପଡ଼ିବ ନାହିଁ। ନଦୀର ଉଭୟ ପାର୍ଶ୍ୱରେ ଉଠାଜଳସେଚନ ମାଧ୍ୟମରେ ରବିଧାନ ତଥା ପରିବା ଚାଷ ହୋଇପାରିବ। ହେଲେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ମଧ୍ୟ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି ସରକାର। ଜଣେ ବିଶେଷଜ୍ଞଙ୍କ କହିବା ଅନୁସାରେ, ୧୯୫୮-୨୦୨୨ ମସିହା ମଧ୍ୟରେ ଅକ୍ଟୋବରରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ହାରାହାରି ୧୪୩୦୦ କ୍ୟୁସେକ୍ ଜଳ ପାଓ୍ୱାର୍ ଚ୍ୟାନେଲରୁ ମହାନଦୀକୁ ପ୍ରବାହିତ ହେଉଥିଲା। ମହାନଦୀରେ ୪ ମିଟର ଉଚ୍ଚ ଗେଟ୍ ବିଶିଷ୍ଟ ଗୋଟିଏ ପ୍ରକଳ୍ପରେ ଜଳଧାରଣ କ୍ଷମତା ପାଖାପାଖି ୦.୦୧୪୦ ନିୟୁତ ଏକର ଫୁଟ ହେବ। ହାରାହାରି ୭୫୦୦ କ୍ୟୁସେକ୍ ହାରରେ ଜଳ ସଂରକ୍ଷଣ କରାଗଲେ ମାତ୍ର ୨୪ ଘଂଟା ମଧ୍ୟରେ ଗୋଟିଏ ପ୍ରକଳ୍ପ ଭର୍ତ୍ତି ହୋଇଯିବ। ଏଥିପାଇଁ ବଡ଼ ବଜେଟ୍ କିମ୍ବା ବିସ୍ଥାପନ ସମସ୍ୟାର ଭୟ ବି ନାହିଁ। ଅବଶ୍ୟ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରେ ସମ୍ବଲପୁରରେ ୮୦୦ କୋଟି ଟଙ୍କା ବ୍ୟୟରେ ଅଯୋଧ୍ୟା ସରୋବର ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପଟେ ଜିଲ୍ଲାର ଦେଓଗାଁଠାରେ ବ୍ୟାରେଜ୍ ନିର୍ମାଣ ପାଇଁ ୭୦୫ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଜଳସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ମୁତାବକ ପ୍ରସ୍ତାବିତ ୫ଟି ବ୍ୟାରେଜ୍ ମଧ୍ୟରୁ ଖଇରମାଲ ଓ ଗୋଧନେଶ୍ୱର ପ୍ରକଳ୍ପ ପାଇଁ ବର୍ତ୍ତମାନ ଡିଜାଇନ୍ ପ୍ରସ୍ତୁତି ଚାଲିଛି।

# ଖାଁ ଖାଁ ଖେଳ ପଡ଼ିଆ !





ବାଲେଶ୍ୱର: ବୋହୁଚୋରି, ପୁଚି, ଲୁଚକାଳି, କ୍ରିକେଟ, ଖୋ ଖୋ, କବାଡି, କିତ୍‌କିତ୍.. ଗାଁ ଗହଳିରେ ଏମିତି କେତେ କ'ଣ ଖେଳ । ଏସବୁ ଭାବିଲେ ପିଲାବେଳର ସ୍ମୃତି ସାମ୍ନାକୁ ଚାଲି ଆସୁଛି । ଦିନେ ସମୟ ଏମିତି ଥିଲା ଏସବୁ ଖେଳ ପ୍ରତି ପ୍ରାୟ ସଭିଙ୍କ ଆଦର ଥିଲା । ପିଲାମାନେ ସ୍କୁଲରୁ ଆସିବା କ୍ଷଣି ବହି ବସ୍ତାନୀ ଫିଙ୍ଗିଦେଇ ଖେଳ ପଡ଼ିଆକୁ ମୁହାଁଉଥିଲେ । ଅପରାହ୍ନ ସମୟ ହେଲେ ଗାଁ ପଡ଼ିଆ ଭରାଭରା ଲାଗୁଥିଲା । ବୋଧ ହୁଏ ସେଇଥିପାଇଁ ସେତେବେଳେ ସମସ୍ତେ ସୁସ୍ଥ ରହିବା ସହ ନିରୋଗ ରହୁଥିଲେ । ଧିରେ ଧିରେ ଏସବୁ ଖେଳ ପ୍ରତି ଆଗ୍ରହ କମୁଛି । ଆଉ ଏସବୁ ଖେଳର ସ୍ଥାନ ନେଇସାରିଲାଣି ମୋବାଇଲ ଗେମ୍ । ପିଲାଠୁ ଯୁବକ ଯାଏଁ ଇଂଟରନେଟ ଜାଲରେ ଛନ୍ଦି ହୋଇ ଗଲେଣି । ଯେଉଁଥିପାଇଁ ଆଉ ଅନେକ ଶାରୀରିକ ପରିଶ୍ରମ କିମ୍ବା କୌଣସି ଖେଳ ଖେଳିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଫୁଟବଲ, କବାଡ଼ି ଖେଳ ତ ପ୍ରାୟ ଆଉ ଦେଖିବାକୁ ମିଳୁନି । କ୍ରିକେଟ ପ୍ରତି ଅବଶ୍ୟ କିଛି ମାତ୍ରାରେ ପିଲାମାନଙ୍କ ଆଗ୍ରହ ରହିଛି ହେଲେ ସେତିକିରେ ବି ଅନେକ ପିଲା ଖେଳ ପଡ଼ିଆକୁ ଯିବାକୁ ଇଛା ପ୍ରକାଶ କରୁନାହାନ୍ତି । ପୂର୍ବରୁ ଗାଁ ହେଉ କି ସହର, ପଡ଼ିଆରେ ଖେଳିବା ପାଇଁ ଜାଗା ମିଳୁ ନଥିଲା । ହେଲେ ଏବେ ଖେଳ ପଡିଆ ସବୁ ଖାଁ ଖାଁ ଲାଗୁଛି । ଖେଳ ପଡ଼ିଆକୁ ନିଜେ ପିଲାମାନେ ସଜାଡି ରଖୁଥିଲେ ଆଉ ଏବେ ପଡିଆ ସବୁ ଉଜୁଡି ଯାଉଛି । କବାଡ଼ି, ଖୋଖୋ, ଗୋଟି ଡାବୁଳ, କ୍ରିକେଟ, ଫୁଟ୍‌ବଲ ଭଳି ଖେଳ ପ୍ରାୟ ସବୁ ସ୍ଥାନରେ ଅପରାହ୍ନ ସମୟରେ ଖେଳୁଥିବା ଦେଖିବାକୁ ମିଳୁଥିଲା । କିନ୍ତୁ ଏବେ ପଡ଼ିଆରେ ତ ପିଲାମାନଙ୍କୁ ଦେଖିବାକୁ ମିଳୁଛି କିନ୍ତୁ କିନ୍ତୁ କ୍ରିକେଟ ଖଳର ବଲ କ୍ୟାଟ୍ ବଦଳେର ହାତରେ ଧରୁଛନ୍ତି ମୋବାଇଲ । ଡିଜିଟାଲ ଯୁଗରେ ପ୍ରାୟ ସଭିଏଁ ମୋବାଇଲରେ ଅନଲାଇନ ଗେମ ତ ଖେଳୁଛନ୍ତି ହେଲେ ପଡ଼ିଆରେ ଖେଳିବାକୁ ପସନ୍ଦ କରୁ ନାହାନ୍ତି । ଯେଉଁଥିପାଇଁ ଏବେ ଅଧିକାଂଶଙ୍କ ଠାରେ ବିଭିନ୍ନ ପ୍ରକାରର ରୋଗ ବୈରାଗ ଦେଖିବାକୁ ମିଳୁଛି । ଗୋଟେପଟେ ଖେଳ ପ୍ରତି ଆଗ୍ରହ କମୁଥିବା ବେଳେ ଖେଳ ପଡ଼ିଆ ବି ଏବେ ଆଉ ସେମିତି ସଜଡ଼ା ହୋଇନାହିଁ । କେଉଁଠି ଘାସ ଉଠି ବଣ ଜଙ୍ଗଲ ହୋଇ ଗଲାଣିତ କେଉଁଠି ପୁଣି ଖାଲ ହୋଇଗଲାଣି । ପିଲାମାନଙ୍କୁ ଖେଳ ପ୍ରତି ଆକୃଷ୍ଟ କରିବା ପାଇଁ ଅନେକ ଅଭିଭାବକ ଚାହୁଁଥିବା ବେଳେ ଅନେକ ଅଭିଭାବକ ଏବେ ପିଲାମାନଙ୍କୁ ସେମାନଙ୍କ କଳା ବିକାଶ ଦିଗରେ ଆଗେଇ ନେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ମୋବାଇଲ ଓ ଇଂଟରନେଟ ସମୟରେ ନିଜର ଝିଅକୁ କ୍ରିକେଟ ଖେଳିବା ପାଇଁ ପ୍ରୋତ୍ସାହିତ କରୁଥିବା ଅଭିଭାବକ ଯଦୁନାଥ ପାତ୍ରଙ୍କ କହିବା କଥା ଯେ, ସେ ଯେତେବେଳେ ଛୋଟ ଥିଲେ ସେତେବେଳେ ତାଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନଥିଲା । ସେ ସମୟରେ ପିଲା ସ୍କୁଲରୁ ଆସିଲେ ଆଗେ ଖେଳିବା ପାଇଁ ପଡ଼ିଆକୁ ଦୌଡୁଥିଲେ । କିନ୍ତୁ ଏବେ ପିଲାମାନଙ୍କ ପାଖରେ ଟିଭି, ମୋବାଇଲ ରହୁଛି । ଘରେ ବସି ମୋବାଇଲରେ ଗେମ ଖେଳିବା ଭଳି ସୁବିଧା ରହୁଛି । ତେଣୁ ସେମାନେ ପରିଶ୍ରମ କରିବାକୁ ଚାହୁଁ ନାହାନ୍ତି । ସେଇଥିପାଇଁ ପିଲାମାନେ ଶାରୀରିକ ଅସୁସ୍ଥତାର ଶିକାର ହେଉଛନ୍ତି । ଯାହାଦ୍ୱାରା ସେମାନଙ୍କ ମନୋବଳ କମି ଯାଉଛି, ପାଠ ପଢିବା ପାଇଁ ଆଗ୍ରହ ରହୁନାହିଁ । ସେପଟେ ଅନେକ ସ୍ଥାନରେ ଆବଶ୍ୟକ ଭିତିଭୂମି ନଥିବାରୁ ଅଭିଭାବକମାନେ ପିଲାମାନଙ୍କୁ ଖେଳିବା ପାଇଁ ଛାଡୁ ନାହାନ୍ତି । ଅନ୍ୟପଟେ ପିଲାମାନଙ୍କ ମଧ୍ୟରେ ମୋବାଇଲ ଏତେ ଆଦୃତ ହୋଇ ଗଲାଣି ଯେ, ସେମାନେ ବିନା ମୋବାଇଲରେ ଖାଇବାକୁ ମଧ୍ୟ ପସନ୍ଦ କରୁ ନାହାନ୍ତି । ଏମିତି ପରିସ୍ଥିତି ଭିତରେ ଖେଳ ଓ ଖେଳାଳୀ ମଧ୍ୟ ସାମାନ୍ୟତମ ହତୋତ୍ସାହିତ ହୋଇଯାଉଛନ୍ତି । ଅନେକାଂଶରେ କ୍ରିକେଟ ପ୍ରତି ଏବେ ପ୍ରାୟତଃ ଯୁବପିଢି ଆକୃଷ୍ଟ ହେଉଥିବା ବେଳେ କିଛି ଅଭିଭାବକ ସେମାନଙ୍କ ଝିଅକୁ ନେଇ କ୍ରିକେଟ ଶିକ୍ଷା ଦେଉଛନ୍ତି ।

# ଚୋରି ପାଇଁ ନାବାଳକକୁ ଆକ୍ରମଣ କରି ଗିରଫ

**ଭୁବନେଶ୍ୱର (ପିପିଏସ୍):** ଚୋରି ପାଇଁ ନାବାଳକକୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ନୂଆ ଏଜି କଲୋନୀର ସଞ୍ଜୟ କାଶ୍ୟପ (୨୩)। ପୁଲିସ ସୂତ୍ରନା ଅନୁସାରେ, ଗଡପଡି ନଗର ଠାରେ ଥିବା ରତ୍ନା ହୋମସ ଆପାର୍ଟମେଣ୍ଟରେ ପରିବାର ସହ ରହୁଥିବା ଦୀପ୍ତିକୁମାର ନାୟକ ଘରେ ନଥିବାବେଳେ ତାଙ୍କ ସାନପୁଅ ଏକାକୀ ଥିଲେ। ପୂର୍ବରୁ କେହି ଜଣେ ବ୍ୟକ୍ତି ନଥିବାର ସୁଯୋଗ ନେଇ ଗତକାଲି ସନ୍ଧ୍ୟାରେ ସଞ୍ଜୟ ସେଠାକୁ ଯାଇଥିଲା। ଦୀପ୍ତିଙ୍କ ସାନ ପୁଅକୁ ଗ୍ରିଲ ଖୋଲିବା ଲାଗି କହିଥିଲେ ମଧ୍ୟ ଘରେ କେହି ନଥିବାରୁ ସେ ଗେଟ୍ ମନା କରିଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସଞ୍ଜୟ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲା। ମୋବାଇଲ ଫୋନ ଓ ଏକ ଧାରିକିଆ ସାହାଯ୍ୟରେ ନାବାଳକର ମୁହଁକୁ ଆକ୍ରମଣ କରିଥିଲା। ନିଜକୁ ବଞ୍ଚାଇବାକୁ ଯାଇ ନାବାଳକ ହାତ ଦେଖାଇ ଦେବାରୁ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ନିକଟରେ ଉପସ୍ଥିତ ଜଣେ ପଡୋଶୀ ଏହା ଦେଖି ପାଟି କରି ଡାକ ପକାଇଥିଲେ। ପାଟି ଶୁଣି ଅନ୍ୟମାନେ ଘଟଣାସ୍ଥଳରେ ଏକଜୁଟ ହୋଇ ସଞ୍ଜୟକୁ କାବୁ କରି ନେଇଥିଲେ। ଦିପ୍ତୀ ନିଜ ପତ୍ନୀ ଓ ଭିଣୋଇଙ୍କ ସହ ମାର୍କେଟରୁ ଫେରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଦିପ୍ତୀଙ୍କ ଭିଣୋଇ ପଚାରିବାରୁ, ସଞ୍ଜୟ ତାଙ୍କୁ ଖୁବ ଜୋରସେ ଠେଲି ଦେଇଥିଲା। ସେ ତଳେ ପଡିଯିବା ପରେ ପାଖରେ ଥିବା ଏକ ଲୁହା ଛଡ଼ ଛଡ ଆଣି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଆକ୍ରମଣରୁ ସେ ନିଜକୁ ବଞ୍ଚାଇ ନେଇଥିଲେ ମଧ୍ୟ ତାଙ୍କ ହାତରେ ଗୁରୁତର ଆଘାତ ଲଗିଥିଲା। ଏନେଇ ଦିପ୍ତୀ ମୈତ୍ରୀ ବିହାର ଥାନାରେ ଏତଲା ଦେବାପରେ ପୁଲିସ ସଞ୍ଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଭୁବନେଶ୍ୱର (ପିପିଏସ୍):** ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି ଖାରବେଳ ନଗର ଥାନା ପୁଲିସ। ଯୁବତୀ ଜଣଙ୍କ ନିଜ ମୋବାଇଲରେ ଭିଡିଓ କରି ଜୀବନ ହାରିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଥିବାବେଳେ ମୃତାଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ ଖାରବେଳନଗର ୟୁନିଟ୍-୩ ଅଞ୍ଚଳରେ ଭଡ଼ା ରହୁଥିବା ଖଣ୍ଡପଡ଼ା ଥାନା ସିଧାମୂଳା ଅଞ୍ଚଳର ଟିକିଲି ରାଉତ (୨୨) ଗତକାଲି ସକାଳେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଟିକିଲି ଫାର୍ମାସିଷ୍ଟ ହୋଇଥିବା ବେଳେ ପ୍ରାୟ ଏକବର୍ଷ ହେବ ଖାରବେଳ ନଗର ଥାନା ଅଞ୍ଚଳରେ ଥିବା ଏକ ଔଷଧ ଦୋକାନର ଆକାଉଣ୍ଟ ସେକ୍ସନରେ ଚାକିରି କରିଥିଲେ। ୟୁନିଟ୍ ୩ ଅଞ୍ଚଳର ଏକ ହଷ୍ଟେଲରେ ଅନ୍ୟ ଜଣେ ସାଙ୍ଗଙ୍କ ସହିତ ଭଡ଼ାରେ ରହୁଥିଲେ। ମଙ୍ଗଳବାର ରାତିରେ ଟିକିଲି ପରିବାର ଲୋକଙ୍କ ସହ କଥା ହୋଇଥିବା ବେଳେ ସକାଳୁ ଆଉ ଫୋନ୍ ଉଠାଇ ନଥିଲେ। ବୁଧବାର ସକାଳେ ସାଙ୍ଗ ଆମିଷ ଆଣିବାକୁ ଯାଇଥିବା ବେଳେ ଟିକିଲି ଏକାକୀ ଘରେ ଥିଲେ। ଏହାରି ଭିତରେ ଟିକିଲି ଭିତର ପଟରୁ କବାଟ ବନ୍ଦ କରି ଦେଇଥିଲେ ଓ ବେକରେ ଶାଢ଼ି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। କିଛି ସମୟ ପରେ ସାଙ୍ଗ ବଜାରରୁ ଫେରିବା ବେଳେ କବାଟ ବନ୍ଦ ହୋଇଥିଲା। କବାଟ ବାଡ଼େଇ ଥିଲେ ମଧ୍ୟ ଭିତର ପଟରୁ କୌଣସି ସାଡ଼ା ଆସିନଥିଲା। ଘର ମାଲିକ ମଧ୍ୟ ପହଞ୍ଚି ଡାକ ପକାଇଥିଲେ ବି ସୁଫଳ ମିଳିନଥିଲା। ବାହାର ପଟ ଝରକା ପଟରେ ଦେଖିବା ବେଳକୁ, ଟିକିଲି ଝୁଲି ପଡ଼ିଥିବା ଜାଣିବାକୁ ପାଇଥିଲେ। ଖବରପାଇ ଖାରବେଳ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଟିକିଲିଙ୍କ



ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକେ ପହଞ୍ଚିବା ପରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘରର କବାଟ ଭାଙ୍ଗିଥିଲା ପୁଲିସ। ଟିକିଲିଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ମିଳିତ ଭାବେ ତଦନ୍ତ କରିଥିଲେ। ରୁମର ଭଡ଼ତା, ଓସାର, ଚଟାଣ ଠାରୁ ଫ୍ୟାନ୍ ଉଚ୍ଚତା ଓ ଅନ୍ୟାନ୍ୟ ମାପଚୁପ କରିଥିଲେ। ତେବେ ଝିଅକୁ ହତ୍ୟା କରି ଝୁଲାଇ ଦିଆଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ଟିକିଲିଙ୍କ ମୋବାଇଲକୁ ଜବତ କରି ତଦନ୍ତ ଆଗକୁ ବଢ଼ାଇଛି ଖାରବେଳ ନଗର ଥାନା ପୁଲିସ। ମୃତ୍ୟୁ ପୂର୍ବରୁ ଟିକିଲି ବେକରେ ଶାଢ଼ି ବାନ୍ଧିଥିବାର ଫଟୋ ତାଙ୍କ ମୋବାଇଲରୁ ମିଳିଛି। ଏଥିସହିତ ମୃତ୍ୟୁର କିଛି ସମୟ ପୂର୍ବରୁ ଗୋଟିଏ ନିର୍ଦ୍ଦିଷ୍ଟ ନମ୍ବରରୁ ଟିକିଲିଙ୍କୁ ବାରମ୍ବାର କଲ୍ ଆସିଛି। କଲ୍ ଆସିଥିବା ନମ୍ବରକୁ ନେଇ ତଦନ୍ତ ଆଗକୁ ବଢ଼ାଇଛି ପୁଲିସ। କୌଣସି ପୁରୁଷ ବନ୍ଧୁଙ୍କ ପ୍ରେମରେ ବିଫଳ ହୋଇ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି।

# ଓବିସିଙ୍କ ମଧ୍ୟରେ ମହିଳାଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ପାଇଁ ଦାବି

**ଭୁବନେଶ୍ୱର (ପିପିଏସ୍):** ଗୁରୁବାରଠୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସିବ। ଏହି ଅଧିବେଶନରେ ମହିଳାଙ୍କୁ ସଂସଦ ଓ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଆଲୋଚନା କରାଯାଇ ବିଲ ପାସ୍ କରାଯିବ। ଏହି ସଂରକ୍ଷଣ ଭିତରେ ଓବିସି ମହିଳାଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବାକୁ ଓବିସି ଫୋରମ ଓଡିଶା ରାଜ୍ୟ କମିଟି ଦାବି କରିଛି। କମିଟିର ଅଧ୍ୟକ୍ଷ ରବି ବେହେରା ବୁଧବାର ଓବିସି ସଂସଦୀୟ କମିଟି ଅଧ୍ୟକ୍ଷଙ୍କୁ ଏକ ଚିଠି ଲେଖି ସଂସଦୀୟ ଆଲୋଚନା ସମୟରେ ଓବିସି ମହିଳାଙ୍କୁ ଏହି ସଂରକ୍ଷଣ ନେଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଅନୁରୋଧ କରିଛନ୍ତି। ତାହା ନହେଲେ ପଛୁଆବର୍ଗ ମହିଳାମାନେ ସଂସଦ ଓ ବିଧାନସଭା ପ୍ରତିନିଧିତ୍ୱରୁ ବଞ୍ଚିତ ହେବେ ବୋଲି ଓବିସି ଫୋରମର ଅଧ୍ୟକ୍ଷ ରବି ବେହେରା ଆଶଙ୍କା ପ୍ରକାଶ କରିଛନ୍ତି।

# ମା' ତାରିଣୀ ଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଭୁବନେଶ୍ୱର(ପିପିଏସ୍):** ଭୁବନେଶ୍ୱର ଉପକଣ୍ଠ ରାଉତ ଗାଡ଼ିଆ ବୀରବନ୍ଧ ସ୍ଥିତ ମା'ତାରିଣୀ ଦେବୀଙ୍କ ପୀଠରେ ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି। ଏହି ଯଜ୍ଞ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ମୁଖ୍ୟ ପ୍ରଚାରକ ପ୍ରଭଞ୍ଜନ ମହାପାତ୍ର(ବୁଲୁ ଭାଇନା) ଓ ମୁଖ୍ୟ ପୁରୋଧା କୈଳାସ ଚନ୍ଦ୍ର ଦାଶଙ୍କ ଦ୍ୱାରା ଜଳଯାତ୍ରା, ଅଙ୍କୁରାରୋପଣ, ଅଧିବାସ, ସର୍ବଦେବାଦେବୀ ପୂଜା ଓ ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋ ପୂଜା, ମାଆଙ୍କ ଷୋଡ଼ଶ ଉପଚାର ଓ ପୂର୍ଣ୍ଣାହୁତି ଆଦି ସମସ୍ତ ନୀତିକାନ୍ତି ବୈଦିକ ରୀତିରେ ସୁଚାରୁ ରୂପେ ସଂପାଦିତ ହୋଇଥିଲା। ବାପି ପ୍ରଧାନ ଓ ତାଙ୍କ ସହଧର୍ମୀଣୀ ଏଥିରେ କର୍ତ୍ତା ଆସନରେ ବସିଥିଲେ। ପଞ୍ଚପଲ୍ଲୀ ତଥା ପ୍ରଧାନ ସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଏହି ଯଜ୍ଞାନୁଷ୍ଠାନରେ ଯୋଗଦେଇ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ଆଞ୍ଚଳିକ ତାରିଣୀ ପୂଜା କମିଟି ସଦସ୍ୟମାନଙ୍କ ସହଯୋଗରେ ପୂର୍ଣ୍ଣାହୁତି ଦିବସରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# 'କମେଡି ଟୁ କ୍ରାଇମ' ଉନ୍ମୋଚିତ



**ଭୁବନେଶ୍ୱର(ପିପିଏସ୍):** ଦିଲ୍ଲିପ ବିଷୋୟୀଙ୍କ ଇଂରାଜୀ ଅନୁବାଦ ଗଳ୍ପ ପୁସ୍ତକ 'କମେଡି ଟୁ କ୍ରାଇମ' ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକରେ ଯଶସ୍ୱୀ ସାହିତ୍ୟିକ ବାମା ଚରଣ ମିତ୍ରଙ୍କର ନିର୍ବାଚିତ ନଅଟି ପ୍ରସିଦ୍ଧ ଓଡ଼ିଆ ଗଳ୍ପର ଇଂରାଜୀ ଅନୁବାଦ ସ୍ଥାନିତ ହୋଇଛି। ମିମିର ସାହିତ୍ୟ ଶିକ୍ଷା, ବାବା ଡହରାନନ୍ଦଙ୍କ ରୋମାଞ୍ଚକର କାହାଣୀ, ଲଡୁ, ବଟ ମହାପୁରୁଷ ଭଳି ହାସ୍ୟରସାତ୍ମକ ଗଳ୍ପ ସମେତ ନର ଚଞ୍ଚାଣ ଭଳି ରହସ୍ୟ ରୋମାଞ୍ଚକର କାହାଣୀ ଆଦିର ଇଂରାଜୀ ଅନୁବାଦ ପୁସ୍ତକରେ ସନ୍ନିବେଶିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପୁସ୍ତକର ମୁଖବନ୍ଧ ଲେଖିଛନ୍ତି।

# ଶତାକ୍ଷୀ ପକ୍ଷରୁ ପଣାବଣ୍ଟନ

**ଭୁବନେଶ୍ୱର(ପିପିଏସ୍):** ଶତାକ୍ଷୀ ମହିଳା ସଙ୍ଗଠନ ତରଫରୁ ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଉପଲକ୍ଷେ ପଣା ବଣ୍ଟନ କାର୍ଯ୍ୟକ୍ରମ କେ-୪ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୬୦୦ ଲୋକ ପଣା ପିଇଥିଲେ। ଏହି ପଣା ବଣ୍ଟନ କାର୍ଯ୍ୟକ୍ରମକୁ ସମ୍ପାଦିକା ମମତା ବିଶ୍ୱାଳ ଓ ସଭାନେତ୍ରୀ ସ୍ନିଗ୍ଧା ମିଶ୍ର ପରିଚାଳନା କରିଥିଲେ। ଶତାକ୍ଷୀ ମହିଳା ସଙ୍ଗଠନର ବହୁ ସଦସ୍ୟା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରାୟ ୪ଘଣ୍ଟା ଚାଲିଥିଲା।

# 'ସ୍ୱର ସୁଧା' ଓ 'ଯୁବ କଳାକାର ସମ୍ମାନ' ପ୍ରଦାନ



**ଭୁବନେଶ୍ୱର(ପିପିଏସ୍):** କଳିଙ୍ଗ କଳାକ୍ଷେତ୍ର ଫାଉଣ୍ଡେସନ ଦ୍ୱାରା ନୂଆଦିଲ୍ଲୀର ତ୍ରିବେଣୀ ଅଡିଟୋରିୟମ୍ଠାରେ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ 'ସ୍ୱର ସୁଧା' ଏବଂ 'ଡକ୍ଟର ସ୍ୱର୍ଣ୍ଣା ଖୁଣ୍ଟିଆ ଯୁବ କଳାକାର ସମ୍ମାନ-୨୦୨୬' ଆୟୋଜିତ ହୋଇଛି। କଳିଙ୍ଗ କଳାକ୍ଷେତ୍ର ଫାଉଣ୍ଡେସନ ସାଂସ୍କୃତିକ ଅନୁଷ୍ଠାନ ଯାହା କିମ୍ବଦନ୍ତୀ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ସ୍ୱର୍ଗତ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଅନୁପ୍ରାଣିତ। ଭାରତର ଅନ୍ୟତମ ଶ୍ରେଷ୍ଠ ହିନ୍ଦୁସ୍ତାନୀ ବେହେଲା ବାଦକ ଅଧ୍ୟାପିକା ଡ. ସ୍ୱର୍ଣ୍ଣ ଖୁଣ୍ଟିଆଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତ ବର୍ଷ ଏହି ସମ୍ମାନ ଗ୍ୱାଲିଅର୍ ଘରାନାର ଯୁବ କଳାକାର ତଥା କଣ୍ଠଶିଳ୍ପୀ ସନ୍ଦୀପ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପଣ୍ଡିତ ଅଜୟ ପ୍ରସନ୍ନା, ପ୍ରଫେସର ଆର୍‌ଏମ୍ ଯୋଶୀ ଉପସ୍ଥିତ ଥିଲେ। ସଙ୍ଗୀତ କାର୍ଯ୍ୟକ୍ରମଟି ସନ୍ଦୀପ ମହାନ୍ତିଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣରୁ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମର ସମ୍ପାଦକ ତଥା ଆୟୋଜକ ପ୍ରଫେସର ବସନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଜନସମାଗମ

**ଭୁବନେଶ୍ୱର(ପିପିଏସ୍):** ଜନତା ମୈଦାନଠାରେ ଅନୁଷ୍ଠିତ ୧୩ ତମ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ବୁଧବାର ଚତୁର୍ଥ ଦିନରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟେକ ଦିନ ୧୫ ହଜାରରୁ ଅଧିକ ଲୋକ କିଣାକିଣି କରିଛନ୍ତି। ବିଭିନ୍ନ ପ୍ରକାରର ଖୋଦେଇ ଫର୍ଣ୍ଣିଚର, ୩ ଶହ ପ୍ରକାରର ଡ୍ରାଏ ଫ୍ରୁଟ୍ସ, ଦୁବାଇର ବକ୍ଲାବା ପେଷ୍ଟ୍ରିର ବିଶେଷ ଭାବରେ ଚାହିଦା ଦେଖିବାକୁ ମିଳିଛି। ପ୍ରାୟ ଜିନିଷ ଉପରେ ୩୦-୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳୁଛି। ଏଥର ବାଣିଜ୍ୟ ମେଳାରେ ବିଭିନ୍ନ ଡିଜାଇନର କଲେକ୍ସନ ଯେମିତିକି ହସ୍ତତନ୍ତ, ହାଣ୍ଡଲୁମର ଶାଢ଼ି ଏବଂ ଡ୍ରେସ ମ୍ୟାଟେରିଆଲ, ଆକର୍ଷଣୀୟ ଜୁଏଲେରୀ, ଆଣ୍ଟିକ ସାମଗ୍ରୀ ଇତ୍ୟାଦିର ସମ୍ଭାର ଲାଗିଛି। ନାରୀ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀର ଏକ ବିଶାଳ ସଂଗ୍ରହ ମଧ୍ୟ ଏହି ମେଳାରେ ସ୍ଥାନ ପାଇଛି। ଚଳିତ ବର୍ଷ ମେଳାରେ ସୁସ୍ୱାଦୁ ଖାଦ୍ୟର ପସରା ମେଲିଛି। ବିଭିନ୍ନ ସ୍ଥାନର ଖାଦ୍ୟ ସହିତ ଚମ୍ପାରନ ମଟନରେ ବିଶେଷ ଭିଡ ହେବା ସହ ନାମୀ ଦାମୀ ଅଟୋମୋବାଇଲ ଏବଂ ବିଲଡ଼ର ପାଭିଲିଅନ ଗ୍ରାହକଙ୍କୁ ବିଶେଷ ଭାବରେ ଆକର୍ଷିତ କରୁଛି।

# ଓଟିପି ସେୟାରିଂ ମାମଲାରେ ୭ ଦୋଷୀ

**ଭୁବନେଶ୍ୱର(ପିପିଏସ୍):** ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍)ର ଓଟିପି ସେୟାରିଂ ମାମଲାରେ ରାୟ ବୁଧବାର ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଏସଡ଼ିଜେଏମ୍ କୋର୍ଟର ବିଚାରପତି ଅମିତ କୁମାର ଏହି ମାମଲାର ବିଚାରକରି ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଅଭିଜିତ ସଞ୍ଜୟ ଜାମ୍ବୁରେ, ଇକବାଲ ହୁସେନ, ପଠାଣିସାମନ୍ତ ଲେଙ୍କା, ସରୋଜ କୁମାର ନାୟକ, ପ୍ରୀତମ କର, ପ୍ରଦ୍ୟୁମ୍ନ କୁମାର ସାହୁ ଓ ସୌମ୍ୟ ପଟ୍ଟନାୟକ। ସୂଚନା ଅନୁସାରେ, ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ପଠାଣି ସାମନ୍ତ ଏକ ଫେସବୁକ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲା। ସେହି ଗ୍ରୁପ୍‌ରେ ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ମିଶାଇ ମୋଟ ୧ ଲକ୍ଷ ୪୭ ହଜାରରୁ ଅଧିକ ସଦସ୍ୟ ଥିଲେ। ଗ୍ରୁପର ସଦସ୍ୟମାନେ ଟଙ୍କା ନେଇ ଓଟିପି ଓ ମୋବାଇଲ ନମ୍ବର ସେୟାର କରୁଥିଲେ। ଓଟିପି ସେୟାରିଂ ମାମଲାରେ ଏସଟିଏଫ୍ ୨୦୨୩ ମସିହାରେ ପ୍ରଦ୍ୟୁମ୍ନ, ପଠାଣି ସାମନ୍ତ, ସରୋଜ, ସୌମ୍ୟ ଓ ପ୍ରିତମକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ମହାରାଷ୍ଟ୍ରର ଅଭିଜିତ ଓ ଆସାମର ଇକବାଲକୁ ମଧ୍ୟ ଗିରଫ କରିଥିଲା। ସେମାନଙ୍କ ଠାରୁ ୧୯ଟି ମୋବାଇଲ୍ ଫୋନ୍, ୪୭ ସିମକାର୍ଡ, ୬୧ ଏଟିଏମ୍ ଜବତ କରାଯାଇଥିଲା। ଇକବାଲ ଓ ଅଭିଜିତ ପାକିସ୍ତାନ ଆଇଏସ୍ଆଇ ଏଜେଣ୍ଟଙ୍କ ସହ ସିଧାସଳଖ ସମ୍ପର୍କରେ ରହୁଥିଲେ। ପାକିସ୍ତାନୀ ଏଜେଣ୍ଟ ଦାନିଶ ଅଲ୍ଲୀ ଓ ପାକିସ୍ତାନୀ ଗୁଇନ୍ଦାର ଅଧିକାରୀ ଅବଦୁଲ ହମିଦ୍ ସହ ଇକବାଲ ଓ ଅଭିଜିତର ସମ୍ପର୍କ ରହିଥିଲା। ଏନେଇ ଏସଟିଏଫ୍ ଏକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୨୦୨୪ ଜାନୁଆରୀ ମାସରେ ତଦନ୍ତକାରୀ ଅଧିକାରିଣୀ ସରିତା ବେଉରିଆ ତଦନ୍ତ ସାରି ଅଭିଯୁକ୍ତଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୧୧ଜଣ ସାକ୍ଷୀ ଓ ୫୬ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୩୨ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନା ?ଦାୟ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରଶ୍ମିରଞ୍ଜନ ବ୍ରହ୍ମା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# ଗର୍ବିତ ଓଡ଼ିଆର 'କେବଳ ଓଡ଼ିଶା' ଆଲୋଚନାଚକ୍ର




**ଭୁବନେଶ୍ୱର(ପିପିଏସ୍):** ରାଜ୍ୟରେ ରାଜନୀତି ବଦଳୁଛି। ଆଗାମୀ ଦିନରେ ରାଜ୍ୟ ରାଜନୀତି ନୂଆ ମୋଡ଼ ନେବ। ଶାସକ ହୁଅନ୍ତୁ କି ବିରୋଧୀ, ସବୁଠି ଦ୍ୱନ୍ଦ୍ୱ ଓ ସଂଶୟ ଲାଗିରହିଛି। ତିନି ପ୍ରମୁଖ ଦଳରେ ଏବେ ଗୋଷ୍ଠୀକନ୍ଦଳ ଜୋର ଧରିଥିବାବେଳେ ଲୋକେ ବିକଳ୍ପ ଖୋଜିବା ଆରମ୍ଭ କଲେଣି। ଭଙ୍ଗାଗଢ଼ା ରାଜନୀତି ଭିତରେ ବିକାଶ ବି ବାଟହୁଡୁଛି ବୋଲି ବୁଧବାର ଗର୍ବିତ ଓଡ଼ିଆ ଏବଂ ଓଡ଼ିଶା ଜର୍ଣ୍ଣାଲିଷ୍ଟ ରିସର୍ଚ୍ଚ ସେଣ୍ଟର (ଓଜେଆରସି) ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟର ବହୁ ବରିଷ୍ଠ ନେତାମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବୁଧବାର ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଆୟୋଜିତ ଆଲୋଚନାଚକ୍ର ମୋଟ ୪ଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ଅଧିବେଶନରେ ରାଜ୍ୟର ବରିଷ୍ଠ ନେତା ବିଜୟ ମହାପାତ୍ର, ପ୍ରଫୁଲ୍ଲ ଘଡେଇ ଓ ସୌମ୍ୟରଞ୍ଜନ ପଟ୍ଟନାୟକ ଆଲୋଚନାରେ ଭାଗ ନେଇଥିବାବେଳେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ବିଜେଡି ନେତା ତଥା ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ ଓ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାସ ସଂଯୋଜନା କରିଥିଲେ। ତୃତୀୟ ଅଧିବେଶନରେ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ବିଜେଡ଼ି ଯୁବ ସଭାପତି ଚିନ୍ମୟ ସାହୁ, ଯୁବଛାତ୍ର କ୍ରାନ୍ତିସେନାର ଆବାହକ ପାର୍ଥସାରଥି ମୁଦୁଲି ଅଂଶଗ୍ରହଣ କରିଥିବାବେଳେ ଯୁବ ସାମ୍ବାଦିକ ଅପୂର୍ବ ରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ଚତୁର୍ଥ ଅଧିବେଶନରେ ବିଜେଡ଼ି ଛାତ୍ର ସଭାପତି ଇପ୍ସିତା ସାହୁ, ଏବିଭିପି ସଭାନେତ୍ରୀ ଦୀପ୍ତିମୟୀ ପ୍ରତିହାରୀ, ଏଆଇଏସଏଫ୍ ନେତା ମନୋରଞ୍ଜନ ରାଉତ, ଯୁବ କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସାମ୍ବାଦିକ ରାମଚଣ୍ଡୀ ପ୍ରସାଦ ରଣସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଗର୍ବିତ ଓଡ଼ିଆର ସମ୍ପାଦକ ବଳରାମ ରଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସ୍ମୃତିରଞ୍ଜନ ବେହେରା ଓ ଶରତ ପଥାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ସାମ୍ବାଦିକ ତଥା ଗର୍ବିତ ଓଡ଼ିଶାର ବ୍ୟୁରୋ ମୁଖ୍ୟ ଭବାନୀ ପ୍ରସାଦ ଦାସ, ସାମ୍ବାଦିକ ଚିଦାନନ୍ଦ ଜେନା, ରାକେଶ ରାଉତ ସହଯୋଗ କରିଥିଲେ।

# ଟ୍ୟୁସନ ଯାଇ ଛାତ୍ରୀ ନିଖୋଜ, ସୂଚନା ପାଇଁ ୫ ହଜାର ଟଙ୍କା ପୁରସ୍କାର ଘୋଷଣା

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରୁ ପୁଣି ଜଣେ ନାବାଳିକା ନିଖୋଜ ହୋଇ ଯାଇଛନ୍ତି। ଆଉ କେହି ନୁହେଁ, ଖୋଦ୍ ଜଣେ ବରିଷ୍ଠ ଆଇପିଏସ୍‌ଙ୍କ ଘରୋଇ ସହାୟିକାଙ୍କ ଝିଅ ଏବେ ନିଖୋଜ ହୋଇଛନ୍ତି। ନିଖୋଜ ନାବାଳିକା ହେଉଛନ୍ତି ପାଇକ ନଗର ଜଳେଶ୍ୱର ବସ୍ତିର ମାମାଲି ସାହୁ (୧୫)। ମିଳିଥିବା ସୂଚନା ଅନୁସାରେ, ଡେଲଟା ପାଇକ ନଗରର ମାମାଲି ପରିବାର ସହ ରହୁଥିବା ବେଳେ ତାଙ୍କ ମାଆ ଜଣେ ଆଇପିଏସ୍‌ଙ୍କ ଘରେ କାମ କରନ୍ତି। ଯୁକ୍ତ ଦୁଇରେ ପଢୁଥିବା ମାମାଲି ଫାୟାର ଷ୍ଟେସନ ଛକରେ ଥିବା ଏକ କୋଚିଂ ସେଣ୍ଟରରେ ଟିୟୁସନ୍ ହୁଅନ୍ତି। ସବୁଦିନ ଭଳି ଗତ ସୋମବାର ଅପରାହ୍ନରେ ମଧ ମାମାଲି ସାଇକେଲ ଧରି ଘରୁ ଟିଉସନ୍ ଯାଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଘରକୁ ଫେରି ନ ଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ମାଆ କୋଚିଂ ସେଣ୍ଟର ଠାରୁ ଆରମ୍ଭ କରି ବିଭିନ୍ନ



ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିଥିଲେ। କୌଣସି ସୁଫଳ ନ ପାଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ନାବାଳିକା ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଡେଲଟା ଛକ ଠାର ଆରମ୍ଭ କରି କୋଚିଂ ସେଣ୍ଟର ଯାଏଁ, ସବୁ ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲା। ସୋମବାର ଅପରାହ୍ନରେ ମାମାଲି କୋଚିଂ ସେଣ୍ଟରରେ ପହଞ୍ଚିବା ପରେ ସେଠାରେ ସାଇକେଲ ଓ ବ୍ୟାଗ୍ ଛାଡ଼ି ଦେଇ ବରମୁଣ୍ଡା ଆଡ଼କୁ ପଳାଇଥିବା ଫୁଟେଜରୁ ପୁଲିସ ଜାଣିବାକୁ ପାଇଛି। ହେଲେ ତା' ପରଠାରୁ ମାମାଲି କୁଆଡ଼େ ଯାଇଛନ୍ତି, ସେନେଇ କୌଣସି ସୁରାକ ମିଳିପାରିନାହିଁ। ଆଇପିଏସଙ୍କ ଘରୋଇ ସହାୟିକାଙ୍କ ଝିଅ ନିଖୋଜର ଦୁଇ ଦିନ ପରେ ମଧ ତାଙ୍କ ପତ୍ତା ନ ମିଳିବା, କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି। ସବୁଠାରୁ କୌତୁହଳର ବିଷୟ ହେଉଛି, ନାବାଳିକାର ପତ୍ତା ନପାଇ ପୋଷ୍ଟର ଜାରି କରିବା ସହ ପୁରସ୍କାର ଘୋଷଣା କରିଛି ପୁଲିସ। ମାମାଲିଙ୍କ ବାବଦରେ ଖବର ଦେଲେ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ପୁଲିସ ଘୋଷଣା କରିଛି।

# ଭିଏସ୍‌ଏସ୍ ନଗରରେ ଖୋଲିଲା ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାର

**ଭୁବନେଶ୍ୱର (ପିପିଏସ୍):** ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢୁଥିବାବେଳେ ଭିଏସ୍‌ଏସ୍‌ନଗରରେ ଯାତ୍ରୀ ବିଶ୍ରାମାଗାର ଓ ପାନୀୟଜଳ ପାଇଁ ହଇରାଣ ହେଉଥିଲେ। ବ୍ୟବସ୍ଥାରେ ଢିଲାପଣ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଥିଲା। ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଛକରେ ଆମ ବସ୍ ପାଇଁ ବସଷ୍ଟାଣ୍ଡର ବ୍ୟବସ୍ଥା ନାହିଁ। ଫଳତଃ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ସେତିକି ନୁହେଁ, ଏ ବାବଦରେ ସରକାରଙ୍କୁ ବାରମ୍ବାର ଜଣାଇବା ପରେ ମଧ କେହି କର୍ଣ୍ଣପାତ କରୁ ନାହାଁନ୍ତି। ଖୋଦ୍ ଅଞ୍ଚଳବାସୀଙ୍କ ସମେତ




ସ୍ଥାନୀୟ କର୍ପୋରେଟରଙ୍କ ଦାବି ଏବଂ ଅନୁରୋଧ ପ୍ରତି କାହାର ନିଘା ନାହିଁ କ୍ଷଶେଷରେ ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ଖୋଲିଛି। ଭୁବନେଶ୍ୱର ଉତ୍ତର ବିଧାୟକ ଓ ମେୟରଙ୍କ ହାତରେ ଉଦଘାଟନ ହୋଇଛି ଏହି ଅସ୍ଥାୟୀ ବିଶ୍ରାମାଗାର। ଏଥିସହିତ ଜଳଛତ୍ର ମଧ ଖୋଲିଛି କ୍ଷ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ୧୭ ନମ୍ବର ୱାର୍ଡ କର୍ପୋରେଟର ପୂଜା ମହାରଣାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ଯୁବ ବିଜେଡି ନେତା ଭୋଳାନାଥ ମହାରଣାଙ୍କ ଉପସ୍ଥିତିରେ ଏହି ଅସ୍ଥାୟୀ ବିଶ୍ରାମାଗାର ଏବଂ ଜଳଛତ୍ର ଉଦଘାଟିତ ହୋଇଛି। ଆଗାମୀ ଦିନରେ ଏକ ସ୍ଥାୟୀ ଯାତ୍ରୀ ବିଶ୍ରାମଗାର ଖୋଲିବାକୁ ଏହି ଅବସରରେ ସରକାରଙ୍କ ନିକଟରେ ପୁନଃ ଦାବି ଦୋହରାଇଛନ୍ତି କର୍ପୋରେଟର।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ବିଶ୍ୱ କଳା ଦିବସ'

**ଭୁବନେଶ୍ୱର(ପିପିଏସ୍):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କଳା ଦିବସ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ର 'ଅଭ୍ୟାସରୁ ଶିକ୍ଷାଶାସ୍ତ୍ର'ରେ ବରୋଦା ବିଶ୍ୱବିଦ୍ୟାଳୟର ଶିଳ୍ପୀ ତଥା ଗବେଷକ ଶୁଭମ ସାହୁ, ହୃଷୀକେଶ ବିଶ୍ୱାଳ ଓ ତପନ ମହାରଣା ସମସାମୟିକ କଳାର ତତ୍ତ୍ୱ ଓ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା, ଭାସ୍କର୍ଯ୍ୟଶିଳ୍ପୀ ଡ. ଅଞ୍ଜନ କୁମାର ସାହୁ, ଡ. ଉମେଶ କୁମାର ସାହୁ ପ୍ରମୁଖ ବିଶ୍ୱ କଳା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦୃଶ୍ୟକଳା ବିଭାଗ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶେଷରେ ମୁଦ୍ରଣକଳା ବିଭାଗ ସହକାରୀ ପ୍ରଫେସର ଡ. ନୀଲଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର ସମ୍ଭୁରୁ ଶୋଭରା, ଡ. ସସ୍ମିତା କାମିଲା ଓ ଡ. ମୋନାଲିସା ବିଶ୍ୱାଳ ପରିଚାଳନା କରିଥିଲେ।

# ନକଲି କମ୍ପାନୀ କରି ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର(ପିପିଏସ୍):** ଆଇପିଓ କିଣାଇବା ଆଳରେ ୭୨ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଉତ୍ତର ପ୍ରଦେଶରୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କାନପୁର ଜିଲ୍ଲା କୋଲନଗଞ୍ଜ୍ ଥାନା ସ୍ୱରୁପ ନଗରର ହର୍ଷିତ କାନ୍ତ ପାଣ୍ଡେ (୨୬)। ତା' ଠାରୁ ଗୋଟିଏ ବ୍ୟାଙ୍କ୍ ଚେକ୍ ଓ ଆଧାର କାର୍ଡ ଜବତ କରିଛି। ପୁଲିସ ସୂତ୍ରନାନୁସାରେ, ନନ୍ଦନକାନନ ଥାନା ଅଞ୍ଚଳରେ ରହୁଥିବା ସୁଜାତା ସାହୁଙ୍କ ଭଉଣୀ ଦୀପିକା ସାହୁ ବିଦେଶରେ ରୁହନ୍ତି।

ଗତବର୍ଷ ଜୁନ୍ ମାସରେ ଦୀପିକା ସାମାଜିକ ଗଣମାଧ୍ୟମରେ ଏକ ବିଜ୍ଞାପନ ଦେଖିବାକୁ ପାଇଥିଲେ। ଯୋଗାଯୋଗ କରିବା ପରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ମାଧ୍ୟମରେ ଟଙ୍କା ନିବେଶ କରିଲେ ଭଲ ରିଟର୍ଣ୍ଣ ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଭାରତ ଅପେକ୍ଷା ଆମେରିକାର ଟଙ୍କା



ନିବେଶ କରିଲେ ଅଧିକ ଟଙ୍କା ଲାଭ ମିଳିବ ବୋଲି ଅଜଣା ବ୍ୟକ୍ତି ଜଣଙ୍କ ପ୍ରବର୍ତ୍ତାଇଥିଲା। ଦୀପିକା ତା'ର କଥାକୁ ବିଶ୍ୱାସ କରି ସେହି ନିର୍ଦ୍ଦିଷ୍ଟ କମ୍ପାନୀରେ ପଞ୍ଜୀକରଣ କରି ୟୁଏସ୍‌ଏ ମାର୍କେଟରେ ଟଙ୍କା ବିନିଯୋଗ କରି ଟଙ୍କା କମାଇଥିଲେ ଥିଲେ। ନିବେଶ ଓ ସେଥିରୁ ମିଳୁଥିବା ଲାଭ କମ୍ପାନୀ ୱାଲେଟରେ ଦେଖାଉଥିଲା।

ପରବର୍ତ୍ତୀ ସମୟରେ ସାଇବର ଠକ ଜଣକ ତାଙ୍କୁ ଆଇପିଓରେ ନିବେଶ କରିବାକୁ କହିଥିଲା। ଦୀପିକା ତ' କଥାରେ ପଡ଼ି ଆଇପିଓ ବୁକ୍ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଗୋଟିଏ ମଧ ଆଇପିଓ ମିଳିନଥିଲା। ସେତେବେଳକୁ ଦୀପିକା ୭୧ ଲକ୍ଷ ୭୪ ହଜାର ୬୬୪ ଟଙ୍କା ନିବେଶ କରି ସାରିଥିଲେ। ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ସଂପୃକ୍ତ ଆକାଉଣ୍ଟ ବ୍ଲକ୍ ହୋଇ ଯାଇଥିଲା। ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଭଉଣୀ ସୁଜାତାଙ୍କୁ ଜଣାଇଥିଲେ। ସୁଜାତା ଏନେଇ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଟଙ୍କା ନିବେଶ ହୋଇଥିବା କମ୍ପାନୀର ବ୍ୟାଙ୍କ୍ ଆକାଉଣ୍ଟ ତଥ୍ୟ ମଗାଇଥିଲା। ସଂପୃକ୍ତ କମ୍ପାନୀଟି ହର୍ଷିତ ନାମରେ ରହିଥିବା ବେଳେ ସେ ହିଁ ଟଙ୍କା ନେଇଥିବା ଜାଣିବାକୁ ପାଇଥିଲା। ସାଇବର ଥାନା ପୁଲିସ କାନପୁରରେ ଚଢ଼ଉ କରି ହର୍ଷିତକୁ ଗିରଫ କରିଥିଲା।

ସ୍ଥାନୀୟ କୋର୍ଟରେ ହାଜର କରାଇବା ପରେ ଟ୍ରାନଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଥିଲା। ବୁଧବାର ତାକୁ କୋର୍ଟ ଚାଲାଣ କରିଛି। ହର୍ଷିତ ପୂର୍ବରୁ ମଧ ହରିୟାଣା ପୁଲିସ ଦ୍ୱାରା ଗିରଫ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ତା' କମ୍ପାନୀ ନାମରେ ଏଯାଏଁ ୬୫ଟି ଠକେଇ ଅଭିଯୋଗ ହୋଇଥିବା ଏନସିଆରପି ପୋର୍ଟାଲରୁ ଜଣାପଡ଼ିଛି।

# ଭୋଟ୍‌କୁ ବାଧ୍ୟତାମୂଳକ କରିବା ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ସୁପ୍ରିମକୋର୍ଟରେ ଏକ ଆକର୍ଷଣୀୟ ଆବେଦନର ଶୁଣାଣି ହୋଇଛି । ଆବେଦନରେ ଦାବି କରାଯାଇଥିଲା ଯେ, ଭୋଟ୍‌କୁ ବାଧ୍ୟତାମୂଳକ କରାଯାଉ । ଯେଉଁମାନେ ଜାଣିଶୁଣି ଭୋଟ୍ ଦେଉ ନାହାନ୍ତି ସେମାନଙ୍କ ଉପରେ ଦଣ୍ଡ ବ୍ୟବସ୍ଥା ଲାଗୁ କରାଯାଉ । ଏପରି ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯିବା ଉଚିତ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ମନା କରି କହିଛନ୍ତି ଯେ, କାହାକୁ ଭୋଟ୍ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ । ଗଣତନ୍ତ୍ରରେ ଭୋଟ୍‌ର ନିଜସ୍ୱ ଗୁରୁତ୍ୱ ଅଛି । ଲୋକଙ୍କୁ ଏହା ବିଷୟରେ ସଚେତନ କରାଯାଇପାରିବ, କିନ୍ତୁ ଆଇନଗତ ଭାବରେ ସେମାନଙ୍କୁ ଏପରି କରିବାକୁ ବାଧ୍ୟ କରାଯାଇପାରିବ ନାହିଁ । ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, କୋର୍ଟ ନିର୍ବାଚନ କମିସନଙ୍କୁ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇପାରିବେ ଏବଂ ଭୋଟ୍ ଦେବାରୁ ନିବୃତ୍ତ ରହୁଥିବା ଲୋକଙ୍କ ପାଇଁ ସରକାରୀ ସୁବିଧାକୁ ସୀମିତ କରିପାରିବେ । ପ୍ରଧାନ ବିଚାରପତି ଆବେଦନକାରୀଙ୍କ ପରାମର୍ଶର ବ୍ୟବହାରିକତା ଉପରେ ପ୍ରଶ୍ନ ଉଠାଇ କହିଥିଲେ, ଯଦି ଜଣେ ଗରିବ ବ୍ୟକ୍ତି ଚାକିରି ଯୋଗୁଁ ଭୋଟ ଦେଇପାରୁନାହାନ୍ତି ତେବେ ଆମେ କ'ଣ କରିପାରିବୁ? ଆମେ କ'ଣ ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେବା ଉଚିତ? ଗଣତନ୍ତ୍ରରେ, ସମସ୍ତେ ଭୋଟ୍ ଦେବା ଆଶା କରାଯାଏ । ଏହି ଅଧିକାରକୁ ଉତ୍ସାହିତ କରିବା ପାଇଁ ସଚେତନତା ଅଭିଯାନ ଚଲାଇହେବ, କିନ୍ତୁ ଆମେ ଲୋକଙ୍କୁ ଏହା କରିବାକୁ କିପରି ବାଧ୍ୟ କରିପାରିବା? ଜଣେ ଭୋଟ୍ ଦେବେ କି ନାହିଁ ତାହା ବ୍ୟକ୍ତିଗତ ପସନ୍ଦର ବିଷୟ ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ବାଗଚିଙ୍କୁ ଉଦାହରଣ ଦେଇ ଆବେଦନକାରୀଙ୍କୁ କହିଥିଲେ ଯେ, ଯଦି ତାଙ୍କ ଯୁକ୍ତି ଗ୍ରହଣ କରାଯାଏ, ତେବେ ଜଷ୍ଟିସ ବାଗଚିଙ୍କୁ ଭୋଟ୍ ଦେବା ପାଇଁ ପଶ୍ଚିମବଙ୍ଗ ଯାତ୍ରା କରିବାକୁ ପଡିବ । ଯଦିଓ ସେହି ଦିନ ସୁପ୍ରିମକୋର୍ଟଙ୍କର କାର୍ଯ୍ୟ ଦିବସ ରହିଛି । ଜଷ୍ଟିସ ବାଗଚି ଜବାବ ଦେଇଥିଲେ ଯେ, ନ୍ୟାୟିକ କାର୍ଯ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କୋର୍ଟ ଆବେଦନକାରୀଙ୍କୁ କହିଥିଲେ, ଏହା ଏକ ନୀତିଗତ ପ୍ରସଙ୍ଗ । ଏପରି ନିୟମ ପ୍ରଣୟନ ନେଇ ହସ୍ତକ୍ଷେପ କରିବା କୋର୍ଟଙ୍କର କାମ ନୁହେଁ ବୋଲି କହି ସିଜେଆଇ ଆବେଦନକୁ ଖାରଜ କରିଛନ୍ତି ।

# କିଭ୍‌ରେ ତାଣ୍ଡବ ରଚିଲା ରୁଷ



କିଭ୍: ବୁଧବାର ରାତିରେ ରୁଷ ୟୁକ୍ରେନର ରାଜଧାନୀ କିଭ୍ରେ ଏକ ବଡ଼ ଧରଣର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ଏଥିରେ ୟୁକ୍ରେନର ରାଜଧାନୀ କିଭ୍ ଥରି ଉଠିଥିଲା । ରୁଷିଆ ରାତିସାରା ଶହ ଶହ ଡ୍ରୋନ୍ ଏବଂ ଡଜନ ଡଜନ କ୍ଷେପଣାସ୍ତ୍ର ସାହାଯ୍ୟରେ ୟୁକ୍ରେନର ସାଧାରଣ ଅଞ୍ଚଳ ଉପରେ ଏକ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି । ଗତ ଦୁଇ ସପ୍ତାହ ମଧ୍ୟରେ ଏହା ରୁଷର ସବୁଠାରୁ ବଡ଼ ଆକ୍ରମଣ । ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା ଗୁରୁବାର ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ରୁଷ ପ୍ରାୟ ୭୦୦ ଡ୍ରୋନ୍ ଏବଂ ବାଲିଷ୍ଟିକ୍ ତଥା କ୍ରୁଜ୍ କ୍ଷେପଣାସ୍ତ୍ରରେ ଆକ୍ରମଣ କରିଛି । ଏହି ଆକ୍ରମଣଗୁଡ଼ିକ ମୁଖ୍ୟତଃ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଛି । କିଭ୍ରେ ଜଣେ ୧୨ ବର୍ଷର ଶିଶୁ ସମେତଚାରି ଜଣଙ୍କର ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ୫୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଦକ୍ଷିଣ ବନ୍ଦର ସହର ଓଡେସାରେ ନଅ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୩ ଜଣ ଆହତ ହୋଇଛନ୍ତି । କେନ୍ଦ୍ରୀୟ ୟୁକ୍ରେନର ଡିନିପ୍ରୋ ଅଞ୍ଚଳରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବହୁ ଲୋକ ଆହତ ହୋଇଛନ୍ତି । ଦକ୍ଷିଣ ଜାପୋରିଝିଆରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଏପରି ଆକ୍ରମଣକୁ ସାଧାରଣ ବୋଲି ବିବେଚନା କରାଯାଇପାରିବ ନାହିଁ । ଏଗୁଡ଼ିକ ଯୁଦ୍ଧ ଅପରାଧ, ଏଗୁଡ଼ିକୁ ବନ୍ଦ କରାଯିବା ଉଚିତ । ଏଥିପାଇଁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି ।

# ଭାଜପାକୁ ଭୋଟ ଦେଇଥିବା ୫ ବିଧାୟକ କଂଗ୍ରେସରୁ ନିଲମ୍ବିତ

ନୂଆଦିଲ୍ଲୀ : ରାଜ୍ୟ ସଭା ନିର୍ବାଚନ ସମୟରେ ହରିୟାଣାରେ ଭାଜପା ସପକ୍ଷରେ କ୍ରସ ଭୋଟିଂ କରିଥିବା ପାଞ୍ଚ ଜଣ ବିଧାୟକଙ୍କୁ କଂଗ୍ରେସ ହାଇକମାଣ୍ଡ ଦଳରୁ ନିଲମ୍ବିତ କରିଛନ୍ତି । କଂଗ୍ରେସ ସଭାପତି ରାଓ ନରେନ୍ଦ୍ର ସିଂହ ଏହି ନିର୍ଦ୍ଦେଶ ଜାରି କରିଛନ୍ତି, ଯାହାର ଏକ କପି ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପାଖରେ ଥିବା କୁହାଯାଉଛି ।ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ୧୬ରେ ହରିୟାଣାରେ ଦୁଇଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତା ସମୟରେ, ଭାଜପା ସଞ୍ଜୟ ଭାଟିଆଙ୍କୁ ପ୍ରାର୍ଥୀ କରିଥିଲା, ଯେତେବେଳେ କଂଗ୍ରେସ କରମବୀର ବୋଧଙ୍କୁ ପ୍ରାର୍ଥୀ କରିଥିଲା । ତଥାପି,ଭାଜପା ନେତା ଏବଂ ସ୍ୱାଧୀନ ପ୍ରାର୍ଥୀ ସତୀଶ ନନ୍ଦଲଙ୍କ ଉପସ୍ଥିତି ଯୋଗୁଁ ନିର୍ବାଚନ ବିଶେଷ ଆକର୍ଷଣୀୟ ହୋଇପଡ଼ିଥିଲା । ପରବର୍ତ୍ତୀ ସମୟରେ, କଂଗ୍ରେସ ବିଧାୟକ ରେଣୁ ବାଲା, ଜର୍ଣ୍ଣେଲ ସିଂହ, ମହମ୍ମଦ ଇସ୍ରାଏଲ, ମହମ୍ମଦ ଇଲିଆସ ଏବଂ ସେଲି ଚୌଧୁରୀ ଦଳୀୟ ଲାଇନକୁ ଅବମାନନା କରି ଭାଜପା ସମର୍ଥିତ ପ୍ରାର୍ଥୀ ସତୀଶ ନନ୍ଦଲଙ୍କ ସପକ୍ଷରେ ଭୋଟ ଦେଇଥିଲେ ।

# ପାକିସ୍ତାନରେ ହଟହଟା ଟିମ୍ ଇରାନ୍



ଇସଲାମବାଦ : ପାକିସ୍ତାନରେ ଇରାନ-ଆମେରିକା ମିଟିଂ ଫେଲ୍ ହେବା ପରେ ଆମେରିକା ବିରୋଧରେ ଇରାନ କରିଛି ଏପରି କିଛି ବଡ଼ ଅଭିଯୋଗ । ମିଟିଂ ଟେବୁଲରେ ଦୁଇ ଦେଶ ମଧ୍ୟରେ ରହିଲାନି ତାଳମେଳ । ବାହାରିପାରିଲାନି କୌଣସି ନିଷ୍କର୍ସ । ଦୀର୍ଘ ଦିନ ଧରି ଚାଲିଥିଲା ରକ୍ତାକ୍ତ ସଂଘର୍ଷରେ ପଡ଼ିପାରିଲାନି ପୂର୍ଣ୍ଣଚ୍ଛେଦ । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ମିଟିଂ ଛାଡ଼ି ପଳାଇବା ପରେ ଘରବାହୁଡ଼ା କରିଥିଲା ଇରାନ ଟିମ୍ । ତେବେ ଇସଲାମବାଦ ଛାଡ଼ିବା ସମୟରେ ଇରାନକୁ ମିଳିଥିଲା ସାଂଘାତିକ ଧମକ । ମଝି ଆକାଶରେ ବିମାନ ଉଡ଼ାଇଦେବାକୁ ଦିଆଯାଇଥିଲା ଚେତାବନୀ । ଏପରି ଷଡଯନ୍ତ୍ରର ପର୍ଦ୍ଦାଫାସ କରିଛନ୍ତି ଖୋଦ ଇରାନର ପ୍ରମୁଖ ରାଜନୀତି ସମୀକ୍ଷକ ମହମ୍ମଦ ମାରାଣ୍ଡି । ତେହରାନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ମହମ୍ମଦ ମାରାଣ୍ଡି କାର୍ଯ୍ୟରତ ଅଛନ୍ତି । ସେ ଇରାନ ପ୍ରତିନିଧି ମଣ୍ଡଳିରେ ସାମିଲ ହୋଇ ଇସଲାମବାଦ ଯାଇଥିଲେ । ଏପରି ଧମକ ପରେ ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଅବାସ୍ ଅରଘଚି ଓ ବାଚସ୍ପତି ମହମ୍ମଦ ବାଘେରଙ୍କୁ ଧରି ତେହରାନ ଅଭିମୁଖେ ଉଡୁଥିବା ବିମାନ ମଝି ଆକାଶରୁ ନିଜ ଗତିପଥ ବଦଳାଇଥିଲା । ବିମାନଟି ମସାଦ ସହରରେ ଇମର୍ଜେନ୍ସି ଲ୍ୟାଣ୍ଡି କରିଥିଲା । ସେଠାରୁ ଇରାନର ପ୍ରତିନିଧି ମଣ୍ଡଳୀ ବସ୍ ଓ ଟ୍ରେନ୍ ଯୋଗେ ତେହରାନ ଅଭିମୁଖେ ଯାତ୍ରା କରିଥିଲେ ।

# ଆମିର ହମଜାଙ୍କୁ ଲାହୋରରେ ଗୁଳିମାଡ଼



ଇସଲାମାବାଦ : ପାକିସ୍ତାନର ଲାହୋରଠାରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ସହ-ପ୍ରତିଷ୍ଠାତା ଆମୀର ହାମଜା ଗୁରୁତର ଭାବେ ଆହତ ହୋଇଛନ୍ତି । ଏକ ନ୍ୟୁଜ୍ ଚ୍ୟାନେଲ୍ କାର୍ଯ୍ୟାଳୟ ବାହାରେ ଦୁର୍ବୃତ୍ତମାନେ ହାମଜାଙ୍କୁ ଟାର୍ଗେଟ୍ କରି ଆଖିବୁଜା ଗୁଳିଚାଳନା କରିଥିଲେ, ଯାହା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଭାରତରେ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ହାମଜାଙ୍କୁ ଆମେରିକା ପକ୍ଷରୁ ଜଣେ ପ୍ରତିବନ୍ଧିତ ଆତଙ୍କବାଦୀ ଭାବେ ତାଲିକାଭୁକ୍ତ କରାଯାଇଛି । ହାଫିଜ୍ ସୟିଦଙ୍କ ସହ ମିଶି ଲସ୍କର-ଏ-ତୈବା ଗଠନ କରିଥିବା ହାମଜା ସଂଗଠନର ପାଣ୍ଠି ସଂଗ୍ରହ, ନିଯୁକ୍ତି ଓ ରଣନୀତି ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଜଣେ ପୁରୁଣା ଆଫଗାନ ମୁଜାହିଦ୍ଦିନ ଏବଂ ନିଜର ବିବାଦୀୟ ଭାଷଣ ପାଇଁ ବେଶ୍ ଜଣାଶୁଣା । ୨୦୧୮ ମସିହାରେ ଆର୍ଥିକ କଟକଣା ଯୋଗୁଁ ସେ ଲସ୍କରଠାରୁ ନିଜକୁ ଦୂରେଇ ରଖି ''ଜୈଶ-ଏ-ମନକାଫା'' ନାମକ ଏକ ନୂତନ ଗୋଷ୍ଠୀ ଗଠନ କରିଥିଲେ, ଯାହା ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି । ବର୍ତ୍ତମାନର ଏହି ଆକ୍ରମଣ ପଛରେ କାହାର ହାତ ରହିଛି, ତାହା ସ୍ପଷ୍ଟ ହୋଇନଥିବା ବେଳେ ଏହାକୁ ନେଇ ପାକିସ୍ତାନର ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଭାରତ-ଅଷ୍ଟ୍ରିଆ ଦ୍ୱିପାକ୍ଷିକ ବୈଠକ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଅଷ୍ଟ୍ରିଆର ଚାନସ୍ଲେର କ୍ରିଷ୍ଟିଆନ୍ ଷ୍ଟକର୍ଙ୍କ ସହିତ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇଛନ୍ତି । ମୋଦୀ ୟୁକ୍ରେନ୍ ଓ ପଶ୍ଚିମ ଏସିଆ ପରି ବିବାଦୀୟ ଅଞ୍ଚଳରେ ସ୍ଥିର, ନିରନ୍ତର ତଥା ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାକୁ ଆହ୍ୱାନ ଦେଇଛନ୍ତି । ଯଦ୍ଦ୍ୱାରା ବିବାଦର ସ୍ଥାୟୀ ସମାଧାନ ହୋଇପାରିବ । ମୋଦୀ କହିଛନ୍ତି, ବିଶ୍ୱ ବର୍ତ୍ତମାନ ଗମ୍ଭୀର ତଥା ଉତ୍ତେଜନାମୂଳକ ସ୍ଥିତିର ସମ୍ମୁଖୀନ ହେଉଛି, ଯାହା ସବୁ ଦେଶକୁ ପ୍ରଭାବିତ କରୁଛି । ସେ ବୈ?ଶ୍ୱିକ ଅନୁଷ୍ଠାନରେ ସଂସ୍କାରର ଆବଶ୍ୟକତା ଥିବା କହିଛନ୍ତି । ଆନ୍ତର୍ଜାତିକ ସ୍ତରରେ ବଢୁଥିବା ବିବାଦ ତଥା ଆତଙ୍କବାଦର ମୁକାବିଲା ପାଇଁ ବିଶ୍ୱରେ ପ୍ରତିଶ୍ରୁତିବଦ୍ଧତା ରହିବା କଥା ବୋଲି ମୋଦୀ କହିଛନ୍ତି । ଭାରତରେ ଅଷ୍ଟ୍ରିଆନ୍ ଚାନସ୍ଲେରଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ, ୟୁରୋପ ବାହାରେ ପ୍ରଥମ ଦେଶ ଭାବେ ସେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ଏହାକୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ପାଇଁ ଅଷ୍ଟ୍ରିଆର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ମୋଦୀ ବର୍ଣ୍ଣନା କରିଛନ୍ତି । ଚାରି ଦଶନ୍ଧି ପରେ କେ?ଣସି ଅଷ୍ଟ୍ରିଆ ଚାନସ୍ଲେର୍ ଭାରତ ଗସ୍ତରେ ଆସିଛନ୍ତି । ଭାରତ- ୟୁରୋପ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ପରେ ଭାରତ-ୟୁରୋପ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଷ୍ଟକର୍ ବର୍ତ୍ତମାନ ଚାରିଦିନିଆ ଭାରତ ଗସ୍ତରେ ଅଛନ୍ତି । ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍ଠାରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବେ?ଠକ ହୋଇଥିଲା । ବାଣିଜ୍ୟ, ନିବେଶ, ଟେକ୍ନୋଲଜି, ଅକ୍ଷୟ ଶକ୍ତି ଓ ସାଂସ୍କୃତିକ ବିନିମୟ ଉପରେ ଦୁଇ ନେତା କଥାବାର୍ତ୍ତା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତ ପୂର୍ବରୁ ଅଷ୍ଟ୍ରିଆନ୍ ଚାନସ୍ଲେର ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ୨୦୨୫ରେ କ୍ଷମତାକୁ ଆସିବା ପରେ ଷ୍ଟକରଙ୍କ ଏହା ପ୍ରଥମ ଏସିଆ ଗସ୍ତ ।

# ନରମ ପଡ଼ିଲା ଇରାନ

ତେହରାନ : ଇରାନ ହର୍ମୁଜ ପ୍ରଣାଳୀରେ ଟୋଲ ସମ୍ପର୍କରେ ଏକ ନୂତନ ପ୍ରସ୍ତାବ ରଖିଛି । ଏହା ଅଧୀନରେ ଓମାନ ସୀମା ନିକଟରୁ ଯାଉଥିବା ଜାହାଜ-ଗୁଡ଼ିକ କୌଣସି ଟୋଲ ଆଦାୟ କରାଯିବ ନାହିଁ । ଏହି ପ୍ରସ୍ତାବ ଆମେରିକା ଏବଂ ଇରାନ ମଧ୍ୟରେ ସମ୍ପୂର୍ଣ୍ଣ ଯୁଦ୍ଧବିରତି ପରେ କାର୍ଯ୍ୟକାରୀ ହେବ । ଓମାନର ଆଭିମୁଖ୍ୟର ଜବାବରେ ଏହି ନିଷ୍ପତ୍ତି ନିଆଯାଇଛି । ଓମାନ ଘୋଷଣା କରିଥିଲା, ଏହା ପ୍ରାକୃତିକ ରାସ୍ତାରେ କୌଣସି ଟୋଲ ଆଦାୟ କରିବ ନାହିଁ । ଏହା ବିଶ୍ୱ ଅବ୍ୟବସ୍ଥା ବୃଦ୍ଧି କରିପାରେ । ତେହରାନ ଏହାର ସୀମାକୁ ସୁରକ୍ଷିତ କରିବାକୁ ଚେଷ୍ଟା କରୁଛି । ଏହା ଓମାନ ସୀମା ନିକଟରୁ ଯାଉଥିବା ଜାହାଜଗୁଡ଼ିକରେ ବାଧା ସୃଷ୍ଟି କରିବ ନାହିଁ । ଏହି ସମ୍ବନ୍ଧୀୟ ଏକ ପ୍ରସ୍ତାବ ବିଚାରାଧୀନ ଅଛି । ଯଦି ଯୁଦ୍ଧବିରତି ସମୟରେ ରାଜି ହୁଏ, ତେବେ ଜାହାଜଗୁଡ଼ିକ ହର୍ମୁଜ ଦେଇ ସହଜରେ ଯାଇପାରିବେ । ଆମେରିକା ଆକ୍ରମଣ ଆଶଙ୍କାରେ ଇରାନ ସମଗ୍ର ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଛି । ବର୍ତ୍ତମାନ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯିବା ପାଇଁ ଇରାନର ଅନୁମତି ଆବଶ୍ୟକ । ଏଥିପାଇଁ ଇରାନ ୨ ନିୟୁତ ଡଲାର ଟୋଲ ଆଦାୟ କରେ । ଏପର୍ଯ୍ୟନ୍ତ ଇରାନ ଏହି ଟୋଲ ବ୍ୟବସ୍ଥାକୁ ଅନୁମୋଦନ ଦେବା ପାଇଁ ଜିଦ ଧରିଥିଲା, କିନ୍ତୁ ବର୍ତ୍ତମାନ ଏହା ଏକ ନରମ ଆଭିମୁଖ୍ୟ ଗ୍ରହଣ କରିଛି । ପାରସ ଉପସାଗରରୁ ଓମାନ ଉପସାଗରକୁ ଯାତ୍ରା କରିବା ପାଇଁ, ହର୍ମୁଜ ଦେଇ ଯିବା ଆବଶ୍ୟକ । ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ରାସ୍ତା ଦେଇ ଯାଏ । ଏହି ରାସ୍ତା ଇରାକ, ସାଉଦି ଆରବ, କୁଏତ, ୟୁଏଇ ଏବଂ କାତାର ଭଳି ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ରାସ୍ତା ଦେଇ ଏସିଆ ଏବଂ ୟୁରୋପର ଅଧିକାଂଶ ଦେଶକୁ ମଧ୍ୟ ତେଲ ଏବଂ ଗ୍ୟାସ ଯୋଗାଣ କରାଯାଏ । ଇରାନ ୩୪ କିଲୋମିଟରର ଦୀର୍ଘ ହର୍ମୁଜ ପ୍ରଣାଳୀର ଅଧିକାଂଶ ଅଂଶକୁ ନିୟନ୍ତ୍ରଣ କରେ । ଓମାନ ସୀମାରେ ଥିବା ହର୍ମୁଜର ଯେଉଁ ଅଂଶ ରହିଛି, ତାହା ଅଗଭୀର । ସେଠାରେ କମ୍ ପାଣି ରହିଛି । ତେଣୁ ଏହି ଅଞ୍ଚଳ ଦେଇ ବଡ଼ ଜାହାଜ ଚଳାଚଳ କରିବା କଷ୍ଟକର ହେବ । ଇରାନ ଏହା ଜାଣେ ଏବଂ ତେଣୁ ଏହି ପଦକ୍ଷେପ ନେଇଛି ।

# ପୂର୍ବତନ ଇରାନୀ ଜେନରାଲଙ୍କ ଯୁଦ୍ଧ ବିଜିନେସ୍ ପ୍ଲାନ୍

ତେହେରାନ : ମଧ୍ୟ ପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ ମଧ୍ୟରେ ଗୋଟେପଟେ ଶାନ୍ତି ବାର୍ତ୍ତାର ଫୁଲ୍ ଅନ୍ ଡ୍ରାମା ଚାଲୁଛି ଏବଂ ଅନ୍ୟପଟେ ଦୁଇ ଦେଶ ପରଦା ପଛରେ ଦୁହେଁ ଦୁହିଁଙ୍କର ପିଠିରେ ଛୁରାମାଡ଼ କରିବାର ପ୍ରସ୍ତୁତି କରୁଛନ୍ତି । ସମ୍ପ୍ରତି ମୋଜତବାଙ୍କ ନିକଟତର ତଥା ଆଇଆରଜିସିର ପୂର୍ବତନ ଚିଫ୍ ମୋହସିନ ରେଜାଇ ଆମେରିକୀୟଙ୍କୁ ନିଲାମ କରି ଅନେକ ବିଲିୟନ ଡଲାର ଆୟ କରିବାର ବିଜନେସ ପ୍ଲାନ୍ ପ୍ରସ୍ତୁତ କରିସାରିଛନ୍ତି । ସେ ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ ଦେଇ କହିଛନ୍ତି ଯେ, ଯଦି ସାହସ ଅଛି ଆମେରିକୀୟ ସୈନିକ ଇରାନ ଉପରେ ସ୍ଥଳ ଆକ୍ରମଣ କରି ଦେଖାନ୍ତୁ । ଏହି ଆକ୍ରମଣକୁ ସେ ବିଜନେସ୍ ପ୍ଲାନ୍ରେ ପରିଣତ କରିବାକୁ ପ୍ରସ୍ତୁତି କରୁଛନ୍ତି । ଇରାନର ସୁପ୍ରିମ ଲିଡର ମୋଜତବା ଖାମେନିଙ୍କ ସିନିୟର ସାମରିକ ପରାମର୍ଶଦାତା ତଥା ରିଭୋଲ୍ୟୁସନାରୀ ଗାର୍ଡ୍ସ(ଆଇଆରଜିସି)ର ପୂର୍ବତନ ମୁଖ୍ୟ ମୋହସିନ ରେଜାଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧମକ ଦେଇ କହିଛନ୍ତି ଯେ, ଯଦି ଆମେରିକୀୟ ସୈନିକ ଇରାନୀ ମାଟିରେ ପାଦ ରଖନ୍ତି ତ ସେ ହଜାର ହଜାର ଆମେରିକୀୟଙ୍କୁ ବନ୍ଧକ କରିନେବେ ଏବଂ ପୁଣି ଗୋଟେ ଗୋଟେ ବନ୍ଧକଙ୍କ ବଦଳରେ ୧ ବିଲିୟନ ଡଲାର ଆଦାୟ କରିବେ । ସରକାରୀ ଟିଭିରେ ନିଜର ମିଲିଟାରୀ ୟୁନିଫର୍ମରେ ଆସିଥିବା ମୋହସିନ ରେଜାଇ ଦାବି କରିଥିଲେ ଯେ, ଆମେରିକୀୟ ୱାରସିପ୍ 'ଅବ୍ରାହମ ଲିଙ୍କନ' ଓ ଅନ୍ୟ ଜାହାଜ ଏବେ ଇରାନର ମିସାଇଲ ଲଞ୍ଚରର ସିଧା ରେଞ୍ଜରେ ରହିଛି । ସେ କହିଛନ୍ତି , ଟ୍ରମ୍ପ ପୁଲିସ ହର୍ମୁଜ କରିବାକୁ ଚାହୁଁଛନ୍ତି, କିନ୍ତୁ ଏହା ଆମେରିକା ଭଳି ସେନାର କାମ କି? ଆମ ଭାଇମାନେ ଲଞ୍ଚର ଗୁଡ଼ିକୁ ଦିଗ ବଦଳାଇ ଦେଇଛନ୍ତି । ଏବେ ଗୋଟିଏ ବି ଆମେରିକୀୟ ଜାହାଜ ରକ୍ଷା ପାଇ ପାରିବ ନାହିଁ । ରେଜାଇ ଏକ ଆଶ୍ଚର୍ଯ୍ୟକର ବିବୃତ୍ତି ଦେଇ କହିଛନ୍ତି ଯେ, ଆମେରିକାର ଇରାନରେ ପଶିବା ଇରାନ ପାଇଁ ଆକର୍ଷଣୀୟ ହେବ । ରେଜାଇଙ୍କ ବିଶ୍ୱାସ ଯେ, ଇରାନୀ ସେନା ଆମେରିକୀୟ ସୈନିକଙ୍କୁ ବନ୍ଧକ କରିବାରେ ସୁଦ୍ଧହସ୍ତ । ସେ କହିଛନ୍ତି – ଆମେ ହଜାର ହଜାର ଆମେରିକୀୟ ସୈନିକଙ୍କୁ ବନ୍ଦୀ କରିନେବୁ ଏବଂ ଏହାପରେ ପ୍ରତ୍ୟେକ ବଦଳରେ ଆମେରିକା ଠାରୁ ଗୋଟେ ଗୋଟେ ବିଲିୟନ ଡଲାର ଆଦାୟ କରିବୁ । ରେଜାଇଙ୍କର ଏହି ବିବୃତ୍ତି ଦର୍ଶାଉଛି ଯେ, ଇରାନ ଏହି ଯୁଦ୍ଧକୁ ଏକ ବିଜନେସ୍ ପରି ଦେଖୁଛି, ଯେଉଁଥିରେ ସେ ନିଜର ବୁଡ଼ି ଯାଇଥିବା ଇକୋନମିକୁ ବଞ୍ଚାଇ ପାରିବ ।

# ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ନେଇ ସଂସଦରେ ପ୍ରଶ୍ନ ଉଠାଇଲେ ଗୋଗୋଇ



ନୂଆଦିଲ୍ଲୀ: ସଂସଦରେ ମହିଳା ସଂରକ୍ଷଣ ବିଲ୍ ଗୁରୁବାର ଉ ପ ସ୍ଥ । ପ ନ କରାଯାଇଥିବାବେଳେ କଂଗ୍ରେସ ସାଂସଦ ଗେ?ରବ ଗୋଗୋଇ ଏହାକୁ ତୀବ୍ର ସମାଲୋଚନା କରିଛନ୍ତି । କଂଗ୍ରେସ ପକ୍ଷରୁ ଚର୍ଚ୍ଚାରେ ଭାଗ ନେଇ ଗୋଗୋଇ କହିଛନ୍ତି, କେନ୍ଦ୍ର ସରକାର ସାରା ଦେଶରେ ମହିଳା ସଂରକ୍ଷଣ ବିଲ୍ ଆଳରେ ସୀମା ପୁନଃନିର୍ଦ୍ଧାରଣ କରିବା ପାଇଁ ଚାହୁଁଛନ୍ତି ।ସେ କହିଛନ୍ତି, କଂଗ୍ରେସ ସର୍ବଦା ମହିଳା ସଂରକ୍ଷଣ ବିଲ୍କୁ ସମର୍ଥନ କରିଥାଏ । କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣି କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ରେ ବାଧା ସୃଷ୍ଟି କରିବାକୁ ଚାହୁଁଛନ୍ତି । ସେ ଦୁଇଟିଯାକ ବିଲ୍କୁ ଅଲଗା କରିବାକୁ କହିଛନ୍ତି । ଗୋଗୋଇ ଲୋକସଭାରେ କହିଥିଲେ ଯେ, ଏବେ ଆଇନ ମନ୍ତ୍ରୀ କହିବା ପରି ତିନି ବର୍ଷ ପୂର୍ବେ କେନ୍ଦ୍ର ଗୃହମନ୍ତ୍ରୀ ସମାନ କଥା କହିଥିଲେ । ଆମେ ସେତେବେଳେ ବି କହିଥିଲୁ ଓ ଏବେବି କହୁଛୁ ଯେ କଂଗ୍ରେସ ମହିଳା ସଂରକ୍ଷଣକୁ ସମର୍ଥନ କରେ । କିନ୍ତୁ ମହିଳା ସଂରକ୍ଷଣକୁ ସରଳ କରନ୍ତୁ ଯାହା ଦ୍ୱାରା ଏହା ପାରିତ ହେବା ମାତ୍ରେ କାର୍ଯ୍ୟକାରୀ ହୋଇପାରିବ ବୋଲି ଗୋଗୋଇ କହିଥିଲେ । ଏହାକୁ ସୀମା ପୁନଃନିର୍ଦ୍ଧାରଣ ବିଲ୍ଠାରୁ ଅଲଗା କରିବାକୁ ସେ କହିଥିଲେ ।

# ମହଙ୍ଗା ହେବ ଜୀବନରକ୍ଷାକାରୀ ଔଷଧ !



ନୂଆଦିଲ୍ଲୀ : ମହଙ୍ଗା ହୋଇପାରେ ଜୀବନରକ୍ଷାକାରୀ ଔଷଧ । ପଶ୍ଚିମ ଏସିଆରେ ଲାଗିରହିଥିବା ଅସ୍ଥିରତା ଯୋଗୁଁ ଏବେ ଆପଣଙ୍କ ମେଡିସିନ୍ ବିଲ୍ ବଢ଼ିବାକୁ ଯାଉଛି । କ୍ୟାନ୍ସର୍ ଠାରୁ ଆରମ୍ଭ କରି ଆଣ୍ଟିବାୟୋଟିକ ପର୍ଯ୍ୟନ୍ତ ସବୁ ମେଡିସିନ୍ ଦରରେ ୧୦ ରୁ ୨୦ ପ୍ରତିଶତ ବୃଦ୍ଧି ପାଇଁ କେନ୍ଦ୍ର ସରକାର ବିଚାର କରୁଛନ୍ତି । ସୂଚନା ଅନୁସାରେ, ଖୁବଶୀଘ୍ର ଔଷଧ କମ୍ପାନୀଗୁଡ଼ିକୁ ମୂଲ୍ୟ ବୃଦ୍ଧି ପାଇଁ ଅନୁମତି ମିଳିପାରେ । ମଧ୍ୟପ୍ରାଚ୍ୟ ଯୁଦ୍ଧ କାରଣରୁ ଔଷଧ ତିଆରିରେ ବ୍ୟବହୃତ ହେଉଥିବା ବିଭିନ୍ନ କେମିକାଲ୍ ବା 'ସଲଭେଣ୍ଟ' (ଝକ୍ଷଙ୍ଖରଭଙ୍ଗଙ୍ଗ) ର ଯୋଗାଣ ବାଧାପ୍ରାପ୍ତ ହୋଇଛି । ଏହି କେମିକାଲ୍ ଗୁଡ଼ିକ ଅଶୋଧିତ ତୈଳରୁ ପ୍ରସ୍ତୁତ ହେଉଥିବାରୁ ଏହାର ଦର ଆକାଶଛୁଆଁ ହୋଇଛି । ଫଳରେ ଔଷଧ ପ୍ରସ୍ତୁତ କରିବା କମ୍ପାନୀମାନଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି । ଯଦିଓ ଶିଳ୍ପ ଜଗତ ପକ୍ଷରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଦର ବୃଦ୍ଧି ପାଇଁ ଦାବି ହୋଇଥିଲା, କିନ୍ତୁ ସାଧାରଣ ଜନତାଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ଏହାକୁ ୧୦ ରୁ ୨୦ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଚାହୁଁଛନ୍ତି । ଶିଳ୍ପ ଜଗତକୁ ସଙ୍କଟରୁ ବଞ୍ଚାଇବା ପାଇଁ ଏହା ଏକ ସାମୟିକ ପଦକ୍ଷେପ । ସ୍ଥିତି ସ୍ୱାଭାବିକ ହେବା ମାତ୍ରେ ପୁଣି ପୁରୁଣା ଦର ଫେରିବ ।

# ଅଖିଳେଶଙ୍କୁ ଅମିତ ଶାହଙ୍କ କଡ଼ା ଜବାବ




ନୂଆଦିଲ୍ଲୀ ; ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ବିଚାର ଏବଂ ପାସ କରିବା ପାଇଁ ସଂସଦର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନରେ ଗୁରୁବାର ଦିନ କେନ୍ଦ୍ର ସରକାର ୩ଟି ବିଲ୍ ଆଗତ କରିଛନ୍ତି । କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ସମେତ ଅନେକ ବିରୋଧୀ ଦଳ ଏହି ବିଲ୍ ଗୁଡ଼ିକୁ ବିରୋଧ କରିଥିଲେ । ପ୍ରସ୍ତାବଗୁଡ଼ିକର ସମର୍ଥନରେ ଭୋଟ୍ ପରେ, ଗୃହ ଏହାର ଆଲୋଚନା ଜାରି ରହିଛି । କଂଗ୍ରେସ ସାଂସଦ କେ.ସି. ବେଣୁଗୋପାଳଙ୍କ ବିରୋଧର ଜବାବରେ, ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ସେ ବିଲ୍ଗୁଡ଼ିକର ଯୋଗ୍ୟତା ଉପରେ କହିପାରିବେ ନାହିଁ । ମହିଳା ସଂରକ୍ଷଣ ବିଲକୁ ନେଇ ତର୍କ ବିତର୍କ ଚାଲିଛି । ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବ ଓବିସି ସମ୍ପ୍ରଦାୟର ମହିଳା ଏବଂ ମୁସଲିମ ମହିଳାଙ୍କ କାହିଁକି ପୃଥକ ବ୍ୟବସ୍ଥା ଦାବି କରିଛନ୍ତି । ସଂରକ୍ଷଣରେ କୌଣସି ବ୍ୟବସ୍ଥା କାହିଁକି ନାହିଁ ବୋଲି ପଚାରିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ସିଧାସଳଖ ଜବାବ ଦେଇଛନ୍ତି । ସେ କହିଛନ୍ତି ସମ୍ବିଧାନରେ ଧର୍ମ ଆଧାରରେ ସଂରକ୍ଷଣର କୌଣସି ଉଲ୍ଲେଖ ନାହିଁ । ଅମିତ ଶାହ ସ୍ପଷ୍ଟ ଭାବେ କହିଛନ୍ତି କି, ସରକାର ମୁସଲମାନଙ୍କ ପାଇଁ ସଂରକ୍ଷଣ ପାଇଁ କୌଣସି ପ୍ରସ୍ତାବ ଗ୍ରହଣ କରିବେ ନାହିଁ । ଏହା ସମ୍ବିଧାନ ବିରୋଧରେ । ସମାଜବାଦୀ ପାର୍ଟି ଯଦି ଚାହେଁ ସେ ତାର ସମସ୍ତ ଟିକେଟ୍ ମୁସଲିମ ମହିଳାଙ୍କୁ ଦେ ଦେଉ ଆମର କିଛି ଆପତ୍ତି ନାହିଁ ।'' ଅଖିଳେଶ ଯାଦବ ମଧ୍ୟ ଜରୁରୀତା ଉପରେ ପ୍ରଶ୍ନ ଉଠାଇଥିଲେ । ସେ କହିଥିଲେ ଯେ ୨୦୨୬ ଜନଗଣନା କରାଯିବ ଉଚିତ୍ ଏବଂ ଜାତିଗତ ତଥ୍ୟ ଉପଲବ୍ଧ ହେବା ଉଚିତ୍ ତା ପରେ ଏହା ନିଷ୍ପତ୍ତି ନିଆଯିବ । ଅମିତ୍ ଶାହ ଏହାର ପ୍ରତିବାଦ କରି କହିଥିଲେ ଯେ, ସମାଜବାଦୀ ପାର୍ଟିର ନିଜସ୍ୱ ଇଚ୍ଛା ଥାଏ ତେବେ ଏହା ତାର ପରିବାରର ଜାତି ମଧ୍ୟ କରି ଦେବ ।

ପୂର୍ବରୁ, ଅଖିଳେଶ ଯାଦବ ମୁସଲିମ ମହିଳାଙ୍କ ପାଇଁ ସଂରକ୍ଷଣ ବିଷୟରେ ଆଲୋଚନା କରିବା ସମୟରେ ପ୍ରଶ୍ନ କରିଥିଲେ ଯେ ସରକାର କାହିଁକି ବିଲ୍ ଆଣିବାକୁ ଶୀଘ୍ର କରୁଛନ୍ତି । ମନ୍ତ୍ରୀ ଧର୍ମର କଥା କହିଥାଇପାରନ୍ତି, କିନ୍ତୁ ସମଗ୍ର ଦେଶ ଜନସଂଖ୍ୟାର ଅଧା ପାଇଁ ସଂରକ୍ଷଣ ଚାହୁଁଛି । କ'ଣ ମୁସଲିମ ମହିଳାମାନେ ସେହି ଅଧା ନୁହଁନ୍ତି ? ସେ ଏହା ମଧ୍ୟ ପ୍ରଶ୍ନ କରିଥିଲେ ଯେ, ଜନଗଣନା ପୂର୍ବରୁ ବିଲ୍ କାହିଁକି ଆଗତ କରାଯାଉଛି । ଲୋକସଭାରେ ଅଖିଳେଶଙ୍କ ବିବୃତ୍ତିର ଜବାବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, 'ସମାଜବାଦୀ ପାର୍ଟି ଏହାର ସମସ୍ତ ଆସନ ମୁସଲିମ ଜନସଂଖ୍ୟାର ଅଧା ଲୋକଙ୍କୁ ଦେବା ଉଚିତ୍ । ଏଥିରେ ଆମର କୌଣସି ଆପତ୍ତି ନାହିଁ । ମୁଁ ସମଗ୍ର ଦେଶକୁ କହିବାକୁ ଚାହୁଁଛି ଯେ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ସରକାର ଜାତିଗତ ଜନଗଣନା କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛି ଏବଂ ଜାତିଗତ ତଥ୍ୟ ସହିତ ଗଣନା କରାଯାଉଛି । ଯଦି ସମାଜବାଦୀ ପାର୍ଟି ଇଚ୍ଛା କରେ ସେମାନେ ଘରଗୁଡ଼ିକର ମଧ୍ୟ ଜାତି କରି ଦେଇଥାନ୍ତେ ।

cmyk cmyk cmyk

# ଲକ୍ଷ୍ନୌ ବିପକ୍ଷରେ ବେଙ୍ଗାଲୁରୁର ସହଜ ବିଜୟ: ୫ ୱିକେଟ୍‌ରେ ଜିତିଲା ମ୍ୟାଚ୍



ବେଙ୍ଗାଲୁରୁ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୩ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ସହଜ ବିଜୟ ହୋଇଛି। ୧୪୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ଟିମ୍ ୧୫.୧ ଓଭରରେ ୫ ୱିକେଟ୍ ହରାଇ ୧୪୯ ରନ୍ କରିଛି। ବେଙ୍ଗାଲୁରୁ ପାଇଁ ବିରାଟ କୋହଲି ସର୍ବାଧିକ ବ୍ୟକ୍ତିଗତ ରନ୍ କରିଥିଲେ। ସେ ୩୪ଟି ବଲ୍ ଖେଳି ୬ଟି ଚୌ?କା ଏବଂ ଗୋଟିଏ ଛକା ବଳରେ ୪୯ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ରଜତ ପଟିଦାର ୧୩ଟି ବଲ୍‌ରୁ ଗୋଟିଏ ଚୌକା ଏବଂ ୩ଟି ଛକା ବଳରେ ୨୭ ରନ୍ ସଂଗ୍ରହ କରିଥିଲେ। ଜିତେଶ ଶର୍ମା ୨୩ ରନ୍, ଟିଭ ଡେଭିଡ ଏବଂ ରୋମାରିଓ ଅପରାଜିତ ୧୪-୧୪ ରନ୍ କରିଥିଲା ବେଳେ ଦେବଦୂତ୍ତ ପଡିକ୍କଲ ୧୦ ରନ୍ କରିଥିଲେ।

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜକ ବେଙ୍ଗାଲୁରୁ ଟିମ୍ ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ଦଳ ସଫଳର ବୋଲିଂ ରଣନୀତି କରି ଲକ୍ଷ୍ନୌକୁ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ନେଇଥିଲା। ବେଙ୍ଗାଲୁରୁ ପକ୍ଷରୁ ବୋଲର ରଶିଖ ସାଲାମ ଡର ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ସେ ୪ ଓଭର ବୋଲିଂ କରି ୨୪ ରନ୍ ଖର୍ଚ୍ଚ କରିଛନ୍ତି। ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ୩ଟି, କ୍ରୁଣାଳ ପାଣ୍ଡ୍ୟା ୨ଟି ଏବଂ ଜୋସ ହେଜଲଉଡ୍ ଗୋଟିଏ ୱିକେଟ୍ ନେଇଥିଲେ।

ଲକ୍ଷ୍ନୌ ପାଇଁ ମିଚେଲ ମାର୍ଶ ଏବଂ ଐଦେନ ମାର୍କରାମ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୩୨ ରନ୍‌ର ଭାଗିଦାରୀ କରିପାରିଥିଲେ। ମାର୍କରାମ ପ୍ରଥମେ ବେଙ୍ଗାଲୁରୁର ଶିକାର ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୮ଟି ବଲ୍ ସାମ୍ନା କରିଥିଲେ ଏବଂ ଗୋଟିଏ ଛକା ବଳରେ ୧୨ ରନ୍ କରିଥିଲେ। ଲକ୍ଷ୍ନୌ ନିଜର ପ୍ରଥମ ୱିକେଟ୍ ୩୨ ରନ୍‌ରେ ହରାଇଥିବା ବେଳେ ୩୫ ରନ୍ ବେଳକୁ ନିକୋଲାସ ପୂରନ (୧ରନ୍) ଆଉଟ୍ ହୋଇଥିଲେ। ତୃତୀୟ ୱିକେଟ୍‌ରେ ଲକ୍ଷ୍ନୌ ୩୬ ରନ୍ ସଂଗ୍ରହ ସହ ଦଳୀୟ ସ୍କୋରକୁ ୭୧ରନ୍‌ରେ ପହଞ୍ଚାଇଥିଲା। ଏହି ସମୟରେ ମିଚେଲ ମାର୍ଶ ଆଉଟ୍ ହୋଇଥିଲେ। ସେ ୩୨ଟି ବଲ୍‌ର ସାମ୍ନା କରିଥିଲେ ଏବଂ ୩ଟି ଚୌକା ଓ ୨ଟି ଚକା ବଳରେ ୪୦ ରନ୍ ସଂଗ୍ରହ କରିଥିଲେ। ଆୟୁଷ ବଦୋନି ବ୍ୟକ୍ତିଗତ ଭାବେ ୩୮ ରନ୍ ସଂଗ୍ରହ କରିଥିଲା ବେଳେ ବିସ୍ଫୋରକ ବ୍ୟାଟର ମୁକୁଳ ଚୌଧୁରୀ ୩୯ ରନ୍ ସହ ୩ଟି ଚୌକା ଏବଂ ୨ଟି ଛକା ମାରିଥିଲେ।

# ୟୁଏସ୍ ଓପନ୍ ପିକଲ୍‌ବଲ୍: ସ୍ୱର୍ଣ୍ଣ ଜିତିଲେ ଦୁଇଭାଇ



ଫ୍ଲୋରିଡ଼ା : ୟୁଏସ୍ ଓପନ୍ ପିକଲ୍‌ବଲ୍ ପ୍ରତିଯୋଗିତାର ୫.୦ ପୁରୁଷ ଯୁଗଳରେ ଭାରତୀୟ ଯୋଡ଼ି ଅର୍ଜୁନ ସିଂହ ଓ ତାଙ୍କ ଭାଇ ଆଦିତ୍ୟ ସିଂହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେମାନେ ଜେ.ମେଓଡେ ଓ ଡବ୍ଲୁ ଲିନ୍ ଯୋଡ଼ିକୁ ୯-୧୧,୧୧-୨, ୧୧-୭ରେ ପରାସ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ଏହା ଅର୍ଜୁନଙ୍କ ତୃତୀୟ ପଦକ ହୋଇଥିବା ବେଳେ ଆଦିତ୍ୟଙ୍କ ସହ ଦ୍ୱିତୀୟ ପଦକ। ପୂର୍ବରୁ ସେମାନେ ୧୮ ବର୍ଷରୁ କମ୍ ବାଳକ ଯୁଗଳରେ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟପକ୍ଷରେ ୪.୫ ପୁରୁଷ ଯୁଗଳ ବର୍ଗରେ ଭାରତର ପନ୍ଥ ଠକ୍କର ଓ ଅଥର୍ବ ସେଠ୍ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲ୍‌ରେ ସେମାନେ କାଇଆନ୍ ଆପେଲ୍ ଓ ମାଇକେଲ୍ ଭାନ୍ ଦୁସେନ୍‌ଙ୍କଠାରୁ ୮-୧୧,୯-୧୧ରେ ହାରିଯାଇଥିଲେ।

# ଉଗ୍ର ହେଉଛି ଡୋପିଂ କେଲେଙ୍କାରୀ: ବିଶ୍ୱରେ ଭାରତ ଏକ ନମ୍ବର, ଚିନ୍ତା ପ୍ରକଟ କଲେ ୱାଡ଼ା ମୁଖ୍ୟ



ନୂଆଦିଲ୍ଲୀ : ଭାରତୀୟ କ୍ରୀଡ଼ାଜଗତ ଏବେ ଏକ ଅଜବ ସମସ୍ୟାରେ ଜର୍ଜରିତ। ଦେଶରେ ଦିନକୁ ଦିନ ବଢ଼ି ଚାଲିଛି ଡୋପିଂ ମାମଲା। ସଚେତନତାର ଅଭାବ ହେଉ କି ଜାଣିଶୁଣି ଭାରତୀୟ ଖେଳାଳିମାନେ କମ୍ ଦିନରେ ଅଧିକ ସଫଳତା ପାଇବା ଲୋଭରେ ଅଧିକରୁ ଅଧିକ ସଂଖ୍ୟାରେ ନିଷିଦ୍ଧ ଶକ୍ତିବର୍ଦ୍ଧକ ସେବନ କରୁଛନ୍ତି। ଯାହା ଆଗାମୀ ସମୟରେ ଭାରତୀୟ କ୍ରୀଡ଼ା ପାଇଁ ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ର ଚମକ ଛାଡ଼ିବା ଦିଗରେ ମୁଖ୍ୟ ଅନ୍ତରାୟ ସାବ୍ୟସ୍ତ ହେବ ବୋଲି ଆଶଙ୍କା କରାଯାଉଛି। ବିଶ୍ୱ ଡୋପିଂ ନିରୋଧୀ ସଂସ୍ଥାନ (ୱାଡ଼ା) ଏଥିନେଇ ଚିନ୍ତା ପ୍ରକଟ କରିଛି। ସେହିଭଳି ଜାତୀୟ ଡୋପିଂ ନିରୋଧୀ ସଂସ୍ଥାନ (ନାଡ଼ା)ର କାର୍ଯ୍ୟଶୈଳୀ ଓ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଦିଗରେ ଠୋସ୍ ପଦକ୍ଷେପ ନେବାର ପ୍ରତିଶ୍ରୁତି ଓ ଆହ୍ୱାନର ବାର୍ତ୍ତା ନେଇ ୱାଡା ମୁଖ୍ୟ ୱିଟୋଲ୍ଡ ବାଙ୍କା ସଂପ୍ରତି ଭାରତ ଗସ୍ତରେ ଅଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତକରି ଦେଶରେ ଡୋପିଂ ମାମଲାର ବର୍ଦ୍ଧିତ ସଂଖ୍ୟା ଉପରେ ଅଙ୍କୁଶ ଲଗାଇବା ଲାଗି ସିବିଆଇ ଓ ଅନ୍ୟାନ୍ୟ ଏଜେନ୍ସିର ସହାହତା ନେବାକୁ ଅନୁରୋଧ କରିଛନ୍ତି। ସେହିଭଳି ଭାରତୀୟ କ୍ରୀଡ଼ା ଦୁନିଆରେ ଖେଳୁଆଡ଼ ମନୋଭାବ ସୃଷ୍ଟି ଏବଂ ଖେଳକୁ ଦୁର୍ନୀତି ତଥା ନିଶା ମୁକ୍ତ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଏହା ନହେଲେ ଭାରତୀୟ ଖେଳାଳିଙ୍କ ବିଶ୍ୱସନୀୟତା ନେଇ ସନ୍ଦେହ ଓ ଆଶଙ୍କା ସୃଷ୍ଟି ହେବ ବୋଲି ଆଶଙ୍କା ଜାହିର କରିଛନ୍ତି ବାଙ୍କା।

ନିଜର ଏହି ଚର୍ଚ୍ଚିତ ଗସ୍ତ ଅବସରରେ ବାଙ୍କା ମଧ୍ୟ ସିବିଆଇ ଓ ନାଡ଼ାର କିଛି ଅଧିକାରୀଙ୍କୁ ଭେଟି ଏହି ବିଷୟରେ ଆଲୋଚନା ପର୍ଯ୍ୟାଲୋଚନା କରିଛନ୍ତି। ବାଙ୍କାଙ୍କ ସହ ସକାରାତ୍ମକ ଆଲୋଚନା ହୋଇଥିବା ମାଣ୍ଡବୀୟ ନିଜ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି। ସେହିଭଳି ବାଙ୍କା ମଧ୍ୟ ମାଣ୍ଡବୀୟଙ୍କୁ ଭେଟିଥିବାର ସୂଚନା ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଦେଇଛନ୍ତି। ସେ ଲେଖିଛନ୍ତି, ଆମେ ଡୋପିଂ ବିରୋଧୀ ପ୍ରୟାସକୁ ଆଗକୁ ବଢ଼ାଇବା ଏବଂ ଭାରତରେ କ୍ରୀଡ଼ାର ଅଖଣ୍ଡତାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲୁ, ଯେଉଁଥିରେ ବିଶ୍ୱ ମାନଦଣ୍ଡ ଅନୁଯାୟୀ ନିରନ୍ତର ପ୍ରଗତି ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନର ଗୁରୁତ୍ୱ ଅନ୍ତର୍ଭୁକ୍ତ।

ଏହି ବିଷୟକୁ ଭାରତ ସରକାର ଗମ୍ଭୀରତାର ସହ ନେଇଥିବା ବେଳେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ମନୋଜ ଶଶିଧର ନିକଟରେ କ୍ରୀଡ଼ା ସଚିବ ହରି ରଞ୍ଜନ ରାଓଙ୍କୁ ଭେଟି ଉଭୟ ସଂସ୍ଥା ମଧ୍ୟରେ ଡୋପିଂ ରୋକିବା ନେଇ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଲଜ୍ଜାଜନକ ରେକର୍ଡଓ୍ୱାଡ଼ାର ଗତ ୧୦ବର୍ଷର ଡୋପିଂ ବିଫଳତା ରେକର୍ଡ ଅନୁସାରେ ଭାରତ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଗତ ତିନିବର୍ଷ ହେବ ଭାରତୀୟ ଖେଳାଳି ଡୋପିଂ ଟେଷ୍ଟ୍‌ରେ ବିଫଳତା ହେବା ସଂଖ୍ୟାରେ ଶୀର୍ଷରେ ରହିଛନ୍ତି। ସୂଚନା ଅନୁସାରେ ୨୦୨୪ରେ ୭୧୧୩ ଭାରତୀୟ ଖେଳାଳିଙ୍କ ଡୋପ୍ ଟେଷ୍ଟ୍ ହୋଇଥିଲା। ସେଥିମଧ୍ୟରେ ବିଫଳତା ସଂଖ୍ୟା ୨୬୦ ଥିଲା। ପୁଣି ଏଥିରୁ ୩.୬ ପ୍ରତିଶତ ଖେଳାଳି ନିଷିଦ୍ଧ ଶକ୍ତିବର୍ଦ୍ଧକ ସେବନ କରିଥିବା ସ୍ପଷ୍ଟ ହୋଇଥିଲା। ଯାହା ବିଶ୍ୱରେ ସବୁଠାରୁ ଅଧିକ। ଏହିକ୍ଷେତ୍ରରେ ରୁଷିଆ ଓ ଚୀନ ଭଳି ଦେଶର ସ୍ଥିତି ମାତ୍ର ୦.୭ ଓ ୦.୨ ପ୍ରତିଶତ ରହିଛି।

ଏକ ବଡ଼ ଲଜ୍ଜାଜନକ କଥା ହେଉଛି, ଚଳିତ ଏପ୍ରିଲରେ ପ୍ରକାଶିତ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ (ଏଆଇୟୁ) ତାଲିକାରେ ଭାରତର ଖେଳାଳିମାନେ ଶୀର୍ଷରେ ଅଛନ୍ତି। ଡୋପିଂ ପାଇଁ ଅଯୋଗ୍ୟ ଖେଳାଳିଙ୍କ ସଦ୍ୟତମ ବିଶ୍ୱ ତାଲିକାରେ ପୂର୍ବତନ ୧୦୦ ମିଟର ଜାତୀୟ ରେକର୍ଡଧାରୀ ଦୂତୀ ଚାନ୍ଦ, ସ୍ପ୍ରିଣ୍ଟର ଧନଲକ୍ଷ୍ମୀ ସେକର ଓ ମଧ୍ୟ ଦୂର ଧାବକ ପରଭେଜ ଖାନ ସାମିଲ ଅଛନ୍ତି। ବିଶ୍ୱ ଆଥଲେଟିକ୍ସର ଡୋପିଂ ୱାଚ୍ ଡଗସ୍ ତାଲିକାରେ ଭାରତ (୧୪୮ ଖେଳାଳି) ଲଜ୍ଜାଜନକ ଭାବେ କେନିଆ (୧୪୬)କୁ ପଛରେ ପକାଇ ଦେଇଛି।

ନାଡ଼ା ଆରଟିପିରେ ଅଭିଷେକ, ଅକ୍ଷର: ଭାରତର ଦୁଇ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟୀ ତାରକା ଅଭିଷେକ ଶର୍ମା ଓ ଅକ୍ଷର ପଟେଲ ନାଡାର ପଞ୍ଜିକୃତ ପରୀକ୍ଷା ପୁଲ୍ (ଆରଟିପି)ରେ ଲଗାତାର ଦ୍ୱିତୀୟ ତ୍ରୈମାସିକ ପାଇଁ ସାମିଲ ରହିଛନ୍ତି। ଧାବକ, ଧାବିକାଙ୍କ ଅଧିକ ଉପସ୍ଥିତି ଥିବା ଏହି ତାଲିକାରେ ସାମିଲ ହେବା ପରେ ଉଭୟଙ୍କୁ ନିଜ ସ୍ଥିତି ଓ ଅବସ୍ଥିତି ବିଷୟରେ ନାଡାକୁ ନିୟମିତ ଭାବେ ସୂଚନା ଦେବାକୁ ହେବ। ସେମାନଙ୍କୁ ମଧ୍ୟ ଅଧିକ ପରୀକ୍ଷା ପାଇଁ ନିଜ ମୁତ୍ର ନମୁନା ନାଡାକୁ ଦେବାକୁ ହେବ। ତାଲିକାରେ ମୋଟ ୩୪୮ ଜଣ ଖେଳାଳି ରହିଛନ୍ତି। ଅଭିଷେକ ଓ ଅକ୍ଷର ଏହି କ୍ଷେତ୍ରରେ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଓ ମଧ୍ୟକ୍ରମ ବ୍ୟାଟର ଶ୍ରେୟସ୍ ଆୟରଙ୍କ ସ୍ଥାନ ନେଇଛନ୍ତି।

# ଆଇପିଏଲ୍‌ରୁ ବାଦ ପଡ଼ିଲେ ପେନି



ହାଇଦ୍ରାବାଦ : ଚଳିତ ଆଇପିଏଲ୍‌ର ଆହତ ତାଲିକାରେ ସନ୍‌ରାଇଜର୍ସ ହାଇଦ୍ରାବାଦର ଦ୍ରୁତ ବୋଲର ଡେଭିଡ୍ ପେନି ଯୋଡ଼ି ହୋଇଛନ୍ତି। ଗୋଇଠି ଯନ୍ତ୍ରଣା ପାଇଁ ସେ ଦଳରୁ ବାଦ୍ ପଡ଼ିଛନ୍ତି। ତେବେ ଏସ୍‌ଆରଏଚ୍ ପକ୍ଷରୁ ଏପର୍ଯ୍ୟନ୍ତ ତାଙ୍କ ବଦଳ ଖେଳାଳି ନାଁ ଘୋଷଣା କରାଯାଇନାହିଁ। ପୂର୍ବରୁ ଆହତଜନିତ କାରଣ ପାଇଁ ଦଳରୁ ବାଦ୍ ପଡ଼ିଥିବା ଜାକ୍ ଏଡଓ୍ୱାର୍ଡସଙ୍କ ସ୍ଥାନରେ ପେନିଙ୍କୁ ସାମିଲ କରାଯାଇଥିଲା। ଚଳିତ ଋତୁରେ ପେନି କେବଳ ଦୁଇଟି ମ୍ୟାଚ୍ ଖେଳିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ସେ ଆରସିବି ବିପକ୍ଷରେ ୨/୩୫ ସଫଳତା ପାଇଥିଲେ। ଦୁଇଦିନ ତଳେ ଅଙ୍ଗୁଳିରେ ଆଘାତପ୍ରାପ୍ତ ହେବା କାରଣରୁ ଅଲ୍‌ରାଉଣ୍ଡର ବ୍ରେଡନ୍ କାର୍ସେ ମଧ୍ୟ ଆଇପିଏଲ୍‌ରୁ ବାଦ୍ ପଡ଼ିଥିଲେ। ତାଙ୍କ ବଦଳରେ ଶ୍ରୀଲଙ୍କା ଖେଳାଳି ଦିଲ୍‌ସାନ ମଦୁସଙ୍କାକୁ ଏସ୍‌ଆରଏଚ୍ ସାମିଲ କରିଥିଲା।

## ଚେନ୍ନାଇକୁ ମିଳିଲା ବଡ଼ ଝଟ୍‌କା

# ଆହତ ଯୋଗୁଁ ଖଲିଲ୍ ଆଇପିଏଲ୍‌ରୁ ବାଦ୍



ଚେନ୍ନାଇ : ଚଳିତ ଋତୁରେ ନିଜ ପୁରୁଣା ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ସେବାରୁ ବଞ୍ଚିତ ହୋଇ ଆସୁଥିବା ପୂର୍ବ ବିଜେତା ଚେନ୍ନାଇ ସୁପରକିଙ୍ଗ୍ସକୁ ଆଉ ଏକ ଝଟ୍‌କା ଲାଗିଛି। ଜଙ୍ଘରେ ଆଘାତ ଲାଗିବା ପରେ ଏହି ଦଳର ଯୁବ ଦ୍ରୁତ ବୋଲର ଖଲିଲ ଅହମ୍ମଦ ଆଇପିଏଲ୍-୨୦୨୬ର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଚେନ୍ନାଇର ଗତ ପାଞ୍ଚଟି ଯାକ ମ୍ୟାଚ୍‌ରେ ଖଲିଲ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିଲେ। ହେଲେ ଗତ ୧୪ ତାରିଖର କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମୁକାବିଲାରେ ନିଜ ଡାହାଣ ଜଙ୍ଘରେ ଯନ୍ତ୍ରଣା ଅନୁଭବ କରିଥିଲେ।

ଜଙ୍ଘ ମାଂସପେଶୀରେ ଗୁରୁତର ଆଘାତ : ଡାକ୍ତରୀ ପରୀକ୍ଷା ପରେ ତାଙ୍କ ଜଙ୍ଘର ମାଂସପେଶୀରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଛି। ଏଥିଲାଗି ସେ ୧୦ରୁ ୧୨ ସପ୍ତାହ କ୍ରିକେଟ୍‌ରୁ ଦୂରେଇ ରହିବେ। ୨୮ବର୍ଷୀୟ ଖଲିଲ ଗତ ଦୁଇଟି ମ୍ୟାଚ୍‌ରେ ଦୁଇଟି ୱିକେଟ୍ ନେବା ସହ ଚେନ୍ନାଇକୁ ବିଜୟ ଧାରାକୁ ଫେରାଇ ଆଣିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଏହି ବାମହାତୀ ବୋଲର ୧୧ ଦିନିକିଆ ଓ ୧୮ ଟ୍ୱେଣ୍ଟି-୨୦ରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୯-୨୫ ଏପ୍ରିଲ୍ - ୨୦୨୬

ଟ୍ରମ୍ପଙ୍କ ଯୁଦ୍ଧ ବିରତି !




**ଜାତୀୟ:** ରାଘବ ଚଢ଼ା ଗଢ଼ିବେ ଜେନ-ଜି ପାର୍ଟି ?
**ଅନ୍ତର୍ଜାତୀୟ:** ୪୦ ଦିନର ଭୟଙ୍କର ଯୁଦ୍ଧ
**ବିଶେଷ ପ୍ରସଙ୍ଗ:** କ୍ଷତାକ୍ତ ପରିବେଶ
**କ୍ଷୁଦ୍ରଗଳ୍ପ :** ଦୋଷ କାହାର
**ନାରୀ :** ମାଆ ହେବା ପୂର୍ବରୁ ପୂର୍ବ ପ୍ରସ୍ତୁତ
**ଚଳଚ୍ଚିତ୍ର :** ୮ ବର୍ଷ ସାନ ଯୁବକଙ୍କ ସହ ଖୁସିରେ ଅଛନ୍ତି ତନାଜ
**ଖେଳ:** ବିଶିଷ୍ଟ ପାରା ଆର୍ଚେରୀ କୋଚ୍ କୁଲଦୀପ କୁମାର ବେଦଓ୍ୱାନ
**ମୀନାବଜାର :** ଜେଜେମାଙ୍କ ପଣା, ଚର୍ଚ୍ଚାରେ: ବିଶ୍ୱର ସବୁଠୁ ଦାମୀ ହ୍ୟାଣ୍ଡ୍ ବ୍ୟାଗ୍, ବିଜ୍ଞାନ: ଅନ୍ଧାରରେ ମଶା ଆମକୁ ଖୋଜି ପାଇଥାଏ କେମିତି ?, ପର୍ଯ୍ୟଟନ: ଅଷ୍ଟମୁଡ଼ି ହ୍ରଦ, ବାସ୍ତୁ: କଦଳୀ ଗଛ ଲଗାଇବାର ବାସ୍ତୁ ନିୟମ, ଆଞ୍ଚଳିକ: ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ଅପହଞ୍ଚ ଆମ୍ବୁଲାନ୍ସ ସେବା, ଧର୍ମ: ମନ୍ଦିର ପରିକ୍ରମା କାହିଁକି କରାଯାଏ ?, କବିତା: ଜୀବନଟା କୁହୁଡ଼ିର ପଥ ଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ଅଛି।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଜିଲ୍ଲାସ୍ତରୀୟ ସିଏମ୍ କପ: ଗଞ୍ଜାମ ଜିଲ୍ଲାରେ ଫୁଟବଲ, କବାଡି, ଖୋ-ଖୋ ଓ ଭଲିବଲ ଆୟୋଜିତ



ବ୍ରହ୍ମପୁର, (ପିପିଏସ୍): ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ସିଏମ୍ କପ୍ ଫୁଟବଲ ବଲ, କବାଡି ସମେତ ଭଲିବଲ ଓ ଖୋ -ଖୋ ଖେଳ ଗତକାଲି ଉଦ୍‌ଘାଟନ ହୋଇଥିଲା। ଖୋ-ଖୋ ଖେଳରେ ଫାଇନାଲ ମ୍ୟାଚ ହିଞ୍ଜିଳିକାଟୁ ବାଳକ ଦଳ ଓ ସାନଖେମୁଣ୍ଡି ବାଳକ ଦଳ ମଧ୍ୟରେ ଖେଳ ଯାଇଥିଲା। ହିଞ୍ଜିଳିକାଟୁ ଦଳ ୩୫ ପଏଣ୍ଟ କରିଥିଲେ ଏବଂ ସାନଖେମୁଣ୍ଡି ଦଳ ୧୮ ପଏଣ୍ଟ ହାସଲ କରି ଉପ ବିଜେତା ହୋଇଥିବା ବେଳେ ହିଞ୍ଜିଳିକାଟୁ ଦଳ ବିଜୟୀ ହୋଇଛନ୍ତି। ସେହିଭଳି ବାଳିକା ବର୍ଗରେ କୁକୁଡାଖଣ୍ଡି ଦଳ ୩୬ ପଏଣ୍ଟ ହାସଲ କରି ଫାଇନାଲରେ ବିଜୟୀ ହାସଲ କରିଥିବା ବେଳେ ଚିକିଟି ବାଳିକା ଦଳ ୧୯ ପଏଣ୍ଟକରି ଫାଇନାଲରେ ଉପବିଜେତା ହୋଇଛନ୍ତି। ଭଲିବଲ ଖେଳର ଫାଇନାଲ ମଧ୍ୟ ହୋଇଯାଇଛି। ଫାଇନାଲ ବାଳକ ବର୍ଗରେ ଅନଙ୍ଗପୁର ପି.ୟୁ.ପି.ଏସ ଏବଂ ଓ.ଏ. ଭି ସିଧେଶ୍ୱର ସ୍କୁଲ ମଧ୍ୟରେ ଖେଳାଯାଇଥିଲା । ଅନଙ୍ଗପୁର ପି.ୟୁ.ପି.ଏସ୍ ୨-୦ରେ ବିଜେତା ହୋଇଥିବା ବେଳେ ଓ.ଏ. ଭି ସିଧେଶ୍ୱର ସ୍କୁଲ ଉପ ବେଜେତା ହୋଇଛନ୍ତି। ସେହିପରି ବାଳିକା ବର୍ଗରେ ଗ୍ରାମ ବିକାଶ ହାଇସ୍କୁଲ ୨-୦ରେ ଫାଇନାଲରେ ବିଜେତା ହୋଇଛନ୍ତି ଓ କୁକୁଡାଖଣ୍ଡି ବାଳିକା ଦଳ ଉପବିଜେତା ହୋଇଛନ୍ତି।

ଫୁଟବଲ ଖେଳରେ ପ୍ରଥମ ମ୍ୟାଚ ଖେମୁଣ୍ଡି ଏଫ.ସି ବାଳିକା ଦଳ ଓ ଜି.ୟୁ.ଜି ହାଇସ୍କୁଲ ମଧ୍ୟରେ ଖେଳାଯାଇଥିଲା। ଜି.ୟୁ.ଜି ହାଇସ୍କୁଲ ବାଳିକା ଦଳ ୧-୦ଗୋଲ କରି ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ ଶିବରାମ ପାତ୍ର ଏବଂ ଦ୍ୱିତୀୟ ମ୍ୟାଚ ଡ଼ି.ଏ.ଭି ବାଳିକା ଏବଂ ଓ.ଏ.ଭି ସିଧେଶ୍ୱର ବାଳିକା ମଧ୍ୟରେ ଖେଳାଯାଇଥିଲା। ଓ.ଏ.ଭି ସିଧେଶ୍ୱର ବାଳିକା ଦଳ ୧-୦ଗୋଲରେ ବିଜୟୀ ହାସଲ କରିଛନ୍ତି। ଅତିଥି ଭାବେ ଯୋଗ ଦେଇଥିଲେ ମେଡିକାଲ ଅଫିସର ଡ଼ଃ.ମନ୍ଦାକିନୀ ଦାସ, ଡ଼ଃ.ସମରେନ୍ଦ୍ର ପ୍ରସାଦ ଦାସ, ସିଟି ମେଡିକାଲ ଡ଼ଃ. ଓମ୍. କୁମାର ସାହୁ। ଏଥିସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ୍.କେ ରାଓ, ଡି.ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି.ଏମ୍.ବାବୁ, ସୀତାରାମ ବେବ୍ରତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ୍ୟ ଉପସ୍ଥିତ ଥିଲେ । ମ୍ୟାଚକୁ ପରିଚାଳନା କରିଥିଲେ ରେଫ୍ରି ରମେଶ ବେହେରା, ସହଯୋଗୀ ରେଫ୍ରି ରଂଜିତ ପାତ୍ର, ବିଶ୍ୱନାଥ ପାତ୍ର ଏବଂ ମ୍ୟାଚ କମିସନର ସୁଜିତ କୁମାର ପାତ୍ର ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583